# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ନଭେମ୍ବର ୨୩/୨୦୨୦ (୧୨ପୃଷ୍ଠା) | Sambalpur, Monday, November 23/2020 | ★★

୧୬ଶ ଭାଗ ୨୮୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ସୁହାନାଙ୍କ ମିରର ସେଲ୍ଫି**

ବ୍ଲାକ-ହ୍ୱାଇଟ କଷ୍ଟ୍ୟୁମରେ ଏକ ମିରର୍ ଇମେଜ ଶେୟାର କରିଛନ୍ତି ସୁହାନା। ଯାହା ଫ୍ୟାନ୍‌ମାନଙ୍କୁ ଖୁବ୍ ପସନ୍ଦ ଆସିଛି।

୧୦

୦୯

**ମେଡ୍‌ଭେଡେଭ୍ ଫାଇନାଲରେ**

ରୁଷିଆର ଡାନିଲ ମେଡ୍‌ଭେଡେଭ୍ ଏଟିପି ଫାଇନାଲ୍ସ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।



## ଲଗାତର ୩ୟ ଦିନ ଲାଗି ତେଲ ଦର ବୃଦ୍ଧି

■ ପେଟ୍ରୋଲ ୮, ଡିଜେଲ ୨୧ ପଇସା ବୃଦ୍ଧି



ନୂଆଦିଲ୍ଲୀ,୨୨।୧୧

ଲଗାତର ତୃତୀୟ ଦିନ ଲାଗି ତେଲ ଦରରେ ବୃଦ୍ଧି ପରିଲକ୍ଷିତ ହୋଇଛି। ପ୍ରାୟ ୨ ମାସର ବିରତି ପରେ ପୁଣି ଥରେ କ୍ରମାଗତ ତେଲ ଦର ବୃଦ୍ଧି ଖାଉଟିଙ୍କୁ ସମସ୍ୟାରେ ପକାଇଛି। ତୈଳ କମ୍ପାନୀଗୁଡ଼ିକର ସୂଚନା ଅନୁସାରେ ରବିବାର ଭୁବନେଶ୍ୱରରେ ପେଟ୍ରୋଲ ଦର ଲିଟର ପିଛା ୮ ପଇସା ବଢ଼ି ୮୨.୦୬ ଟଙ୍କା ଛୁଇଁଛି। ସେହିଭଳି ଏଠାରେ ଡିଜେଲର ଲିଟର ପିଛା ଦର ୨୧ ପଇସା ବୃଦ୍ଧି ପାଇ ୭୭.୩୯ ଟଙ୍କା ରହିଛି। ନୂଆଦିଲ୍ଲୀ ☞ପୃଷ୍ଠା–୪

# ୧୫ରୁ କମ୍ ପିଳା ଥିଲେ ମିଶ୍ରଣ

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ବିଧାନସଭାରେ ଲଗାତର ୩ଦିନ ସ୍କୁଲ ବନ୍ଦ ଏବଂ ମିଶ୍ରଣ ପ୍ରସଙ୍ଗରେ ହୋହାଲ୍ଲା ପରେ ରବିବାର ରାଜ୍ୟ ସରକାର ତାଙ୍କର ନିଷ୍ପତ୍ତି ବଦଳାଇଛନ୍ତି। ୨୫ନୁହେଁ ଏଣିକି ୧୫ରୁ କମ୍ ପିଲା ଥିବା ସ୍କୁଲକୁ ନିକଟସ୍ଥ ବିଦ୍ୟାଳୟ ସହ ମିଶ୍ରଣ କରିବାକୁ ନିଷ୍ପତ୍ତି ହୋଇଛି। ସିଡ୍ୟୁଲ ଏରିଆ ବା ଅନୁସୂଚିତ ଅଞ୍ଚଳ ପାଇଁ ଏହି ବ୍ୟବସ୍ଥା କରାଯିବ। ପୂର୍ବରୁ ୨୦୧୩ ନୂଆ ନିୟମ ଅନୁସାରେ ନନ୍ ସିଡ୍ୟୁଲ ଅଞ୍ଚଳରେ ୪୦ ପିଲା ଓ ସିଡ୍ୟୁଲ ଅଞ୍ଚଳରେ ୨୫ପିଲାରୁ କମ୍‌ଥିଲେ ସ୍କୁଲ ବନ୍ଦ ହୋଇପାରିବାର ବ୍ୟବସ୍ଥା ରହିଥିଲା। ଓଡ଼ିଶାର ସିଡ୍ୟୁଲ ଏରିଆରେ ଏଭଳିପାଖାପାଖି ୩ହଜାର ସ୍କୁଲ ରହିଥିବା ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ରାଜ୍ୟରେ ୧୪ ହଜାରରୁ ଊର୍ଦ୍ଧ୍ୱ ସ୍କୁଲ ବନ୍ଦ ହେବା ନିଷ୍ପତ୍ତିକୁ ବିରୋଧୀ କଡ଼ା ସମାଲୋଚନା କରିବା ପରେ ରବିବାର ଗୃହରେ ବିବୃତି ରଖି ସ୍କୁଲ ମିଶ୍ରଣ ସପକ୍ଷରେ ମନ୍ତ୍ରୀ ଦାଶ ସଫେଇ ଦେଇଥିଲେ। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏକତ୍ରୀକରଣ ପ୍ରକ୍ରିୟାରେ ସ୍ଥାନାନ୍ତରଣ ବାବଦକୁ ବିଦ୍ୟାର୍ଥୀଙ୍କୁ ୩ ହଜାର ଟଙ୍କା ଲେଖାଏ ଏକକାଳୀନ ରାଶି ପ୍ରଦାନ କରାଯିବ। ଏହାବାଦ ଶିକ୍ଷା ଅଧିକାର ଆଇନ ଅନୁସାରେ ଏସ୍କର୍ଟ ଆଲାଉନ୍ସ ବାବଦକୁ ମାସିକ ୬୦୦ ଟଙ୍କା ଲେଖାଏ ଦେବାର ବ୍ୟବସ୍ଥା ରହିଥିବା ମନ୍ତ୍ରୀ ଗୃହରେ କହିଛନ୍ତି।

### ରାଜ୍ୟ ବଦଳାଇଲା ନିୟମ

- ■ ସିଡ୍ୟୁଲ୍ ଏରିଆ ପାଇଁ ଲାଗୁ ହେବ
- ■ ୧୭ ବର୍ଷରେ ବଢ଼ିଛି ୨୧,୯୨୫ ସ୍କୁଲ
- ■ ସ୍ଥାନାନ୍ତରଣ ବାବଦକୁ ମିଳିବ ୩ ହଜାର
- ■ ଆଲାଉନ୍ସ ପାଇଁ ମାସିକ ୬୦୦ ଟଙ୍କା

ରାଜ୍ୟରେ ଏବେ ମୋଟ ୬୭,୦୦୦ ବିଦ୍ୟାଳୟ ରହିଥିବାବେଳେ ଗଣଶିକ୍ଷା ବିଭାଗ ଦ୍ୱାରା ୫୨,୦୦୦ ସ୍କୁଲ ପରିଚାଳିତ ହେଉଛି। ୨୦୦୨–୦୩ ରୁ ଏଯାବତ୍ ରାଜ୍ୟରେ ୨୧,୯୨୫ ସ୍କୁଲ ବଢ଼ିଛି। ସଂଖ୍ୟାଧିକ ଛୋଟ ଛୋଟ ବିଦ୍ୟାଳୟ ରହିବା ଦ୍ୱାରା ଶିକ୍ଷାର ମାନ ହ୍ରାସ ପାଉଛି। ଆଦିବାସୀ ବହୁଳ ଜିଲାଗୁଡ଼ିକରେ ରହିଥିବା ସରକାରୀ ଆବାସିକ ବିଦ୍ୟାଳୟ ପ୍ରତି ଅଧିକ ଛାତ୍ରୀଛାତ୍ର ଆକୃଷ୍ଟ ହେଉଛନ୍ତି। ଫଳରେ ଗଣଶିକ୍ଷା ବିଭାଗ ପରିଚାଳିତ ବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କ ସଂଖ୍ୟା ହ୍ରାସ ପାଉଛି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ମଧ୍ୟପ୍ରଦେଶ, ରାଜସ୍ଥାନ, ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ ବିଦ୍ୟାଳୟ ଏକତ୍ରୀକରଣ ପ୍ରକ୍ରିୟା ହାତକୁ ନିଆଯାଇଛି। କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷାନୀତି ଅଧ୍ୟାୟ ୭ରେ ଏନେଇ ଉଲ୍ଲେଖ ରହିଥିବା ମନ୍ତ୍ରୀ କହିଛନ୍ତି। ସ୍କୁଲ ବନ୍ଦ କରିବା ସରକାରଙ୍କ ଉଦ୍ଦେଶ୍ୟ ନୁହେଁ। ଆଇନ ବାହାରକୁ ଯାଇ ସରକାର କୌଣସି କାର୍ଯ୍ୟ କରି ନାହାନ୍ତି। ଛୋଟ ଛୋଟ ବିଦ୍ୟାଳୟକୁ ଏକତ୍ରୀକରଣ କରି ବୃହତ୍ ସ୍କୁଲ କଲେ ଶୈକ୍ଷିକ ବାତାବରଣ ଓ ଗୁଣାତ୍ମକ ଶିକ୍ଷା ବୃଦ୍ଧି ପାଇବ। ଏବେ ରାଜ୍ୟରେ ୧୪ ହଜାରରୁ ଊର୍ଦ୍ଧ୍ୱ ସ୍କୁଲରେ ୪୦ରୁ କମ୍ ଛାତ୍ରୀଛାତ୍ର ଅଛନ୍ତି। ସେଥିରୁ ୭,୭୨୨ ସ୍କୁଲକୁ ମିଶ୍ରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ବୃହତ୍ତର ବିଦ୍ୟାଳୟ ସୃଷ୍ଟି, ନିମ୍ନ ☞ପୃଷ୍ଠା–୪

## ‘ଏହି ନିଷ୍ପତ୍ତି କେନ୍ଦ୍ରର’

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ରାଜ୍ୟରେ କୌଣସି ସ୍କୁଲ ବନ୍ଦ କରାଯାଉନାହିଁ। ଏହାକୁ ନିକଟସ୍ଥ ସ୍କୁଲ ସହ ମିଶ୍ରଣ କରାଯାଉଛି। ଏହି ମିଶ୍ରଣ ନିଷ୍ପତ୍ତି ରାଜ୍ୟ ସରକାରଙ୍କ ନୁହେଁ, ବରଂ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ବୋଲି ସରକାରୀ ଦଳ ରବିବାର ଗୃହରେ ଉପସ୍ଥାପନ କରିଛି। ସ୍କୁଲ୍ ମିଶ୍ରଣ ପ୍ରସଙ୍ଗରେ କେନ୍ଦ୍ର ଉପରେ ଦୋଷ ଲଦି ବିଜେଡି ବିଧାୟକ ପ୍ରତାପ ଦେବ କହିଥିଲେ, ୨୦୧୭ରୁ କେନ୍ଦ୍ର ସରକାରଙ୍କ ନୀତି ଆୟୋଗ ସ୍କୁଲ ମିଶ୍ରଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏପରି କି ଏନେଇ ବାରମ୍ବାର ରାଜ୍ୟ ସରକାରଙ୍କୁ ତାଗିଦ କରିଆସୁଛନ୍ତି। ଦେଶରେ ପ୍ରାୟ ୪ଲକ୍ଷ ସ୍କୁଲରେ ୫୦ରୁ କମ୍ ଛାତ୍ରୀଛାତ୍ର ପଢ଼ୁଛନ୍ତି। କେନ୍ଦ୍ର ସରକାର କମ୍ ପିଲାଥିବା ସ୍କୁଲକୁ ନିକଟସ୍ଥ ସ୍କୁଲ ସହ ମିଶାଇଦେବାକୁ କହୁଛନ୍ତି। କେନ୍ଦ୍ରର ସମଗ୍ର ଶିକ୍ଷା ଅଭିଯାନ ଅନ୍ତର୍ଗତ ଏହି ପଦକ୍ଷେପ ନିଆଯାଉଛି। କେନ୍ଦ୍ରର ନୂତନ ଶିକ୍ଷାନୀତିରେ ମଧ୍ୟ ଏନେଇ ଉଲ୍ଲେଖ ରହିଛି। ରାଜ୍ୟ ସରକାର କ୍ୱାଣ୍ଟିଟି ନୁହେଁ, କ୍ୱାଲିଟି ଏଜୁକେଶନ ପ୍ରଦାନ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ବିରୋଧୀ ଦଳ ଚାଲି ନଜାଣି ବାଟକୁ ଦୋଷ ଦେଉଥିବା ପ୍ରତାପ ଭାଜପାକୁ ଟାର୍ଗେଟ କରିଥିଲେ।

### ସ୍କୁଲ୍ ବନ୍ଦ ପ୍ରସଙ୍ଗରେ ନୂଆ ଯୁକ୍ତି

■ ସର୍ବଶିକ୍ଷା ଅଭିଯାନରେ କମିଛି କେନ୍ଦ୍ରୀୟ ଅନୁଦାନ

ରାଜ୍ୟରେ ୧୪,୫୦୦ ସ୍କୁଲ୍ ବନ୍ଦ ପ୍ରସଙ୍ଗକୁ ନେଇ ରବିବାର ଗୃହରେ ସ୍ୱତନ୍ତ୍ର ଆଲୋଚନା ହୋଇଥିଲା। ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପୂର୍ବାହ୍ନ ୧୦ଟା ୩୦ରେ ଗୃହ ଆରମ୍ଭରୁ ପ୍ରାଥମିକ ଶିକ୍ଷାର ଏକତ୍ରୀକରଣ, ସୁବ୍ୟବସ୍ଥିତ ନୀତି ଓ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଉପରେ ଆଲୋଚନା ପାଇଁ ପ୍ରସ୍ତାବ ଆଗତ କରିଥିଲେ। ଆଲୋଚନା ଆରମ୍ଭକରି ପ୍ରମିଳା କହିଥିଲେ, ଜାତୀୟ ଶିକ୍ଷା ନୀତି ଅନୁସାରେ ସ୍କୁଲ୍‌ଗୁଡ଼ିକରେ ସରକାର ଶୈକ୍ଷିକ ବାତାବରଣ ସୃଷ୍ଟି କରିବାକୁ ଏଭଳି ନିଷ୍ପତ୍ତି ନେଇଛନ୍ତି। ପିଲାମାନଙ୍କୁ ଶିକ୍ଷାରୁ ☞ପୃଷ୍ଠା–୪






**ଆଜିର ସମ୍ପାଦକୀୟ**

ବଦଳି ଦଣ୍ଡ ନୁହେଁ

**ଆଜିର ମନ୍ତବ୍ୟ**

“ କୋଭିଡ୍ ଟିକାର ନ୍ୟାୟୋଚିତ ଯୋଗାଣ ଲାଗି ବିଶ୍ୱ ନେତା ପଦକ୍ଷେପ ନିଅନ୍ତୁ।

**-ଲି ସିଏନ ଲୁଙ୍ଗ୍, ସିଙ୍ଗାପୁର ପ୍ରଧାନମନ୍ତ୍ରୀ**

**୬୫ ଗ୍ରାମ୍ ବ୍ରାଉନ୍‌ସୁଗାର, ୨୩.୫୮ ଲକ୍ଷ ଟଙ୍କା ଜବତ**

........ ୪ ........

## ସିବିଏସ୍‌ଇ ଦ୍ୱାଦଶ ପ୍ରାକ୍ଟିକାଲ ପରୀକ୍ଷା ସମ୍ଭାବ୍ୟ ତାରିଖ ଘୋଷଣା

ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)

ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ) ଦ୍ୱାଦଶ ଶ୍ରେଣୀ ପ୍ରାକ୍ଟିକାଲ ପରୀକ୍ଷା ପାଇଁ ସମ୍ଭାବ୍ୟ ତାରିଖ ଘୋଷଣା କରିଛି। ଏ ନେଇ ରବିବାର ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ଜାନୁୟାରୀ ୧ରୁ ଫେବୃୟାରୀ ୮ ପର୍ଯ୍ୟନ୍ତ ଏହି ପରୀକ୍ଷା ହେବ। ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିବା ତାରିଖଗୁଡ଼ିକ ସମ୍ଭାବ୍ୟ ଓ ବୋର୍ଡ ପରବର୍ତ୍ତୀ ସମୟରେ ପ୍ରାକ୍ଟିକାଲ୍ ପରୀକ୍ଷା ପାଇଁ ଚୂଡ଼ାନ୍ତ ତାରିଖ ଘୋଷଣା କରିବ ବୋଲି ସିବିଏସ୍‌ଇ ସ୍ପଷ୍ଟ କରିଛି। ପ୍ରାକ୍ଟିକାଲ୍ ପରୀକ୍ଷା କରିବା ପାଇଁ ସିବିଏସ୍‌ଇ ଏକ ଏସ୍‌ଓପି ମଧ୍ୟ ଜାରି କରିଛି। ପ୍ରାକ୍ଟିକାଲ୍ ପରୀକ୍ଷା ପାଇଁ ବିଦ୍ୟାଳୟଗୁଡ଼ିକୁ ବିଭିନ୍ନ ତାରିଖ ପଠାଯିବ। ସମ୍ପୃକ୍ତ ବିଦ୍ୟାଳୟରେ ପ୍ରାକ୍ଟିକାଲ ପରୀକ୍ଷା ଓ ପ୍ରୋଜେକ୍ଟ ମୂଲ୍ୟାଙ୍କନ କାର୍ଯ୍ୟ କରାଯିବ। ପ୍ରାକ୍ଟିକାଲ ପରୀକ୍ଷାରେ ଉଭୟ ଆଭ୍ୟନ୍ତରୀଣ ଏବଂ ବାହ୍ୟ ପରୀକ୍ଷକ ରହିବେ। ପ୍ରାକ୍ଟିକାଲ ପରୀକ୍ଷା, ପ୍ରୋଜେକ୍ଟ ମୂଲ୍ୟାଙ୍କନ ତଦାରଖ କରିବା ପାଇଁ ଜଣେ ପର୍ଯ୍ୟବେକ୍ଷକ ନିଯୁକ୍ତ ହେବେ। ମୂଲ୍ୟାଙ୍କନ ପରେ ବିଦ୍ୟାଳୟଗୁଡ଼ିକ ବୋର୍ଡ ଦ୍ୱାରା ଦିଆଯାଇଥିବା ଲିଙ୍କ୍‌ରେ ପରୀକ୍ଷା ଫଳାଫଳ ଅପଲୋଡ୍ କରିବେ।

# ଏନ୍‌ଜିଟିର ନଦୀ ସୁରକ୍ଷା ଚିନ୍ତା

ନୂଆଦିଲ୍ଲୀ, ୨୨।୧୧(ପି.ଟି.)

ଦେଶର ନଦୀ, ହ୍ରଦ ଓ ଜଳାଶୟଗୁଡ଼ିକର ସୁରକ୍ଷା ଲାଗି ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏଗୁଡ଼ିକର ସୁରକ୍ଷା ଲାଗି ନୋଡାଲ ଏଜେନ୍ସି ଗଠନ କରିବାକୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବମାନଙ୍କ ତତ୍ତ୍ୱାବଧାନରେ ଏହି ଏଜେନ୍ସିଗୁଡ଼ିକ ଜାନୁୟାରୀ ୩୧ ସୁଦ୍ଧା ବୈଠକ କରିବାକୁ କୁହାଯାଇଛି। ସେମାନେ ସ୍ଥିତି ସମୀକ୍ଷା କରିବା ସହ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଯୋଜନା କରିବେ ଓ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେବେ। ଦେଶର ୩୫୧ଟି ନଦୀକୁ ପ୍ରଦୂଷଣରୁ ରକ୍ଷା କରିବା ପାଇଁ ଗଠିତ କେନ୍ଦ୍ରୀୟ ଅନୁଧ୍ୟାନ କମିଟିକୁ ମଧ୍ୟ ନଦୀ ଓ ହ୍ରଦଗୁଡ଼ିକର ପୁନରୁଦ୍ଧାର ପାଇଁ ନିଆଯାଉଥିବା ପଦକ୍ଷେପର ଯାଞ୍ଚ କରିବାକୁ କୁହାଯାଇଛି। ଉକ୍ତ କମିଟି ବର୍ଷକୁ ଅନ୍ତତଃ ୩ ଥର ରାଜ୍ୟଗୁଡ଼ିକର ଜଳ ଉତ୍ସର ରକ୍ଷଣାବେକ୍ଷଣ ପଦକ୍ଷେପ ସମ୍ପର୍କରେ ଅନୁଧ୍ୟାନ କରିବେ। ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ପ୍ରଥମ ଅନୁଧ୍ୟାନ କରିବାକୁ କୁହାଯାଇଛି।

### ନୋଡାଲ ସଂସ୍ଥା ଗଢ଼ିବାକୁ ରାଜ୍ୟକୁ ନିର୍ଦ୍ଦେଶ




ରାଜ୍ୟ ସରକାର ଜଳ ଉତ୍ସଗୁଡ଼ିକର ଟ୍ରଷ୍ଟି ଭାବେ ସୁରକ୍ଷା ଦେବା ଦିଗରେ କାର୍ଯ୍ୟ କରିବେ ବୋଲି ଏନ୍‌ଜିଟି ଅଧ୍ୟକ୍ଷ ଜଷ୍ଟିସ୍ ଏ.କେ. ଗୋଏଲଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ନଦୀ, ହ୍ରଦଗୁଡ଼ିକର ସୁରକ୍ଷା ଦିଗରେ ଏପର୍ଯ୍ୟନ୍ତ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଉପଯୁକ୍ତ ପଦକ୍ଷେପ ନିଆଗଲେ ଏହା କେବଳ ନଦୀ ଓ ଅନ୍ୟ ଜଳ ଉତ୍ସଗୁଡ଼ିକର ସୌନ୍ଦର୍ଯ୍ୟ ବୃଦ୍ଧିରେ ସହାୟକ ହେବ ନାହିଁ, ବରଂ ପର୍ଯ୍ୟାପ୍ତ ଜଳ ମିଳିବା ସହ ଜଳଜୀବ ଓ ମାଇକ୍ରୋକ୍ଲାଇମେଟ୍‌ର ସୁରକ୍ଷା ହୋଇପାରିବ। ହରିୟାଣାରେ ରହୁଥିବା ଅବସରପ୍ରାପ୍ତ ଲ୍ୟୁଟନାଣ୍ଟ କଲୋନେଲ୍ ସର୍ବଦମନ ସିଂ ଓବେରଇଙ୍କ ପକ୍ଷରୁ ହୋଇଥିବା ଆବେଦନ ଉପରେ ଟ୍ରିବ୍ୟୁନାଲ ଶୁଣାଣି କରିଥିଲେ। ସେ ଗୁରୁଗ୍ରାମର ଘାଟ ହ୍ରଦ ସମେତ ଅନ୍ୟ ୨୧୪ ନଦୀ, ହ୍ରଦ ଓ ପ୍ରାକୃତିକ ଜଳ ଉତ୍ସଗୁଡ଼ିକର ସୁରକ୍ଷା ପାଇଁ ଆବେଦନ କରିଥିଲେ। ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଟ୍ରିବ୍ୟୁନାଲ ପିଟିଶନର ପରିସରକୁ ସାରା ଦେଶକୁ ବଢ଼ାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।



ନୂଆଦିଲ୍ଲୀରେ କରୋନା ସଂକ୍ରମଣ ଓ ମୃତ୍ୟୁ ବ୍ୟାପକ ହୋଇଥିବାବେଳେ ରବିବାର ସନ୍ଧ୍ୟାରେ ଇଣ୍ଡିଆ ଗେଟ୍ ଅଞ୍ଚଳରେ ଜନଗହଳି ଦେଖିବାକୁ ମିଳିଛି।


# ‘ପୋପ୍ ଲାଇକ୍ କଲେ, ସ୍ୱର୍ଗକୁ ଯିବି’

ଭାଟିକାନ୍ ସିଟି,୨୨।୧୧

ରୋମାନ୍ କ୍ୟାଥୋଲିକ୍ ଚର୍ଚ୍ଚର ସର୍ବୋଚ୍ଚ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍‌ଙ୍କ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରୁ ଏକ ଉତ୍ତେଜକ ଫଟୋକୁ ଲାଇକ୍ କରାଯିବା ପରେ ବିବାଦ ମୁଣ୍ଡ ଟେକିଛି। ଫଟୋଟି ହେଉଛି ବ୍ରାଜିଲୀୟ ମଡେଲ ନଟାଲିଆ ଗରିବୋଟୋଙ୍କର, ଯେଉଁଠି ସେ ସ୍କୁଲ ୟୁନିଫର୍ମ ପିନ୍ଧିଛନ୍ତି। ସେ ଏପରି ଭାବେ ପୋଷାକ ପରିଧାନ କରିଛନ୍ତି ଯେ, ଫଟୋରେ ତାଙ୍କର ନିତମ୍ବ ଦେଖାଯାଉଛି। ପୋପ୍ ଏହି ଫଟୋକୁ ଲାଇକ୍ କରି କମେଣ୍ଟ ଦେଇଥିବା ସ୍କ୍ରିନ୍‌ଶଟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଖ୍ରୀଷ୍ଟିଆନମାନଙ୍କ ସବୁଠୁ ବଡ଼ ଧର୍ମଗୁରୁ ଏପରି ଏକ ସେକ୍ସି ଫଟୋକୁ କିପରି ଲାଇକ୍ କଲେ ବୋଲି ଅନେକେ ସମାଲୋଚନା କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ବିବାଦ ସୃଷ୍ଟି ହେବା ପରେ ଭାଟିକାନ ଏହାର ତଦନ୍ତ ଆରମ୍ଭ କରିଛି। ମଡେଲ୍ ନଟାଲିଆ କହିଛନ୍ତି, ‘ପୋପ୍ ମୋ ଫଟୋ ଲାଇକ୍ କରିଛନ୍ତି। ତେଣୁ ମୁଁ ସ୍ୱର୍ଗକୁ ଯିବା ନିଶ୍ଚିତ’।

ଫଟୋରେ ୨୭ ବର୍ଷୀୟା ବିକିନି ମଡେଲ୍ ତଥା ଇନ୍‌ଫ୍ଲୁଏନ୍ସର ନଟାଲିଆ ଗରିବୋଟୋ ସ୍କୁଲ ଗର୍ଲ ୟୁନିଫର୍ମ ପିନ୍ଧି ପୁସ୍ତକଗୁଡ଼ିକୁ ଲକର୍‌ରେ ରଖୁଥିବା ଦେଖିବାକୁ ମିଳିଛି। ଏହାକୁ ସେ ଅକ୍ଟୋବର ୫ରେ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ। କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍‌ଙ୍କ ଅଫିସିଆଲ ଆକାଉଣ୍ଟ @franciscusରୁ ଏହାକୁ ଲାଇକ୍ କରାଯାଇ କ୍ୟାପ୍ସନ ଲେଖାଯାଇଥିଲା ‘ମୁଁ ତୁମକୁ ଗୋଟିଏ କିମ୍ବା ଦୁଇଟି ଶିକ୍ଷା ଦେଇପାରିବି’। କ୍ୟାଥୋଲିକ୍ ଧର୍ମଗୁରୁ ଏହାକୁ ଲାଇକ୍ କରିବା ପରେ ବହୁ ସଂଖ୍ୟକ ୟୁଜର୍ସ ଆଗ୍ରହ ଦେଖାଇ ☞ପୃଷ୍ଠା–୪

### ବ୍ରାଜିଲୀୟ ବିକିନି ମଡେଲଙ୍କ ଫଟୋ ଭାଇରାଲ୍



ପୋପ୍ ଫ୍ରାନ୍ସିସ୍



ନଟାଲିଆ ଗରିବୋଟୋ

# ଅଷ୍ଟ୍ରା–ଅକ୍ସଫୋର୍ଡ ଟିକା ଭରସା

ନୂଆଦିଲ୍ଲୀ, ୨୨।୧୧

ଫାଇଜର ଏବଂ ମଡର୍ନା ଟିକାର ସଫଳ ପରୀକ୍ଷା ପରେ ଖୁବ୍‌ଶୀଘ୍ର ଏହା ଉପଲବ୍ଧ ହେବା ନେଇ ଆଶା ସଞ୍ଚାର ହୋଇଥିବାବେଳେ ଆମେରିକା ଭଳି କେତେକ ଧନୀ ରାଷ୍ଟ୍ରଙ୍କୁ ବାଦ୍ ଦେଲେ ଅଧିକାଂଶ ଦେଶ କରୋନା ସଙ୍କଟରୁ ମୁକ୍ତି ପାଇଁ ଅଷ୍ଟ୍ରାଜେନିକା ପ୍ରସ୍ତୁତ କରିବାକୁ ଥିବା ଅକ୍ସଫୋର୍ଡ ଟିକା ଉପରେ ଭରସା କରିଛନ୍ତି। ଏହି ଟିକାର ତୃତୀୟ ପର୍ଯ୍ୟାୟ ପରୀକ୍ଷା ଚାଲିଥିବାବେଳେ ଖୁବ୍‌ଶୀଘ୍ର ଫଳାଫଳ ଆସିବ ବୋଲି ଆଶା କରାଯାଉଛି। ଏହି ଟିକା ପାଇଁ ନିମ୍ନ ଓ ମଧ୍ୟମ ଆୟକାରୀ ରାଷ୍ଟ୍ରଗୁଡ଼ିକ ଅଧିକ ଡିଲ୍ କରୁଛନ୍ତି। ଉତ୍ପାଦନର ୪୦ ପ୍ରତିଶତରୁ ଅଧିକ ଟିକା ଡିଲ୍ କରିଥିବା ସେହି ଦେଶଗୁଡ଼ିକୁ ପଠାଯିବ। ଫାଇଜର ଓ ମଡର୍ନା ଟିକା ତୁଳନାରେ ଅକ୍ସଫୋର୍ଡ ଟିକା ଶସ୍ତା ଏବଂ ଭାରତ ଓ ବ୍ରାଜିଲ ସମେତ ବିଭିନ୍ନ ଦେଶରେ ଏହା ତିଆରି ହେବ। ଫାଇଜର ଓ ମଡର୍ନା ଟିକା ଭଳି ଏହାକୁ ଅତ୍ୟଧିକ ଥଣ୍ଡା ତାପମାତ୍ରାରେ




ରଖିବାକୁ ପଡ଼ୁ ନ ଥିବାରୁ ପରିବହନ ଓ ଗଚ୍ଛିତ ରଖିବା ମଧ୍ୟ ସହଜ ହେବ। ଅନ୍ୟପକ୍ଷରେ ଫାଇଜର ଟିକାର ଜରୁରୀ ବ୍ୟବହାର ଲାଗି ଅନୁମୋଦନ ନିମନ୍ତେ କମ୍ପାନୀ ପକ୍ଷରୁ ଶୁକ୍ରବାର ଆବେଦନ କରାଯାଇଛି। ଏହି ଟିକା ଡିସେମ୍ବର ମଧ୍ୟଭାଗରେ ବଜାରକୁ ଆସିପାରେ ବୋଲି କୁହାଯାଉଛି। ଧନୀ ଦେଶଗୁଡ଼ିକ ଫାଇଜର ଓ ମଡର୍ନା ଟିକାର ପ୍ରଥମ ଯୋଗାଣ ପାଇବା ପାଇଁ ପ୍ରତୀକ୍ଷା କରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଆସିବାକୁ ଥିବା ଅଷ୍ଟ୍ରାଜେନିକା, ନୋଭାଭାକ୍ସ ଏବଂ ଜନ୍‌ସନ୍ ଆଣ୍ଡ ଜନ୍‌ସନ କମ୍ପାନୀର ଟିକା ଉପରେ ଅଧିକାଂଶ ଅଞ୍ଚଳ ନିର୍ଭର କରୁଛନ୍ତି। ତେଣୁ ଚାହିଦା ପୂରଣ ଲାଗି ବହୁତ ଦିନ ଲାଗିପାରେ।

ଧରିତ୍ରୀ
DHARITRI
ସୋମବାର, ୨୩ ନଭେମ୍ବର, ୨୦୨୦

**ମଧ୍ୟପ୍ରଦେଶରେ 'ଗୋ କ୍ୟାବିନେଟ୍'ର ପ୍ରଥମ ବୈଠକ**

**ଭୋପାଳ:** ମଧ୍ୟପ୍ରଦେଶରେ ନବଗଠିତ 'ଗୋ କ୍ୟାବିନେଟ୍'ର ପ୍ରଥମ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ୍ ଭିଡିଓ କନ୍‌ଫରେନ୍ସ ଜରିଆରେ ବୈଠକରେ ଅଧକ୍ଷତା କରିଥିଲେ। ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ଲାଗି ଗୋସମ୍ପଦ ଭିତ୍ତିକ ଅର୍ଥନୀତିକୁ ସୁଦୃଢ଼ କରିବା କ୍ୟାବିନେଟ୍‌ର ମୁଖ୍ୟ ଲକ୍ଷ୍ୟ। ଗାଈମାନଙ୍କ ସୁରକ୍ଷା ଓ ବିକାଶ ଲାଗି ଗୋ କ୍ୟାବିନେଟ ଗଠନ ସମ୍ପର୍କରେ ଗତ ବୁଧବାର ମୁଖ୍ୟମନ୍ତ୍ରୀ ଚୌହାନ୍ ଘୋଷଣା କରିଥିଲେ।



# ଅଶାନ୍ତ ପୃଥିବୀ

କେଉଁଠି ଅଧିକାର ପାଇଁ ଲଢ଼େଇ ତ ପୁଣି କେଉଁ ଦେଶରେ କ୍ଷମତା ଲାଗି ରକ୍ତାକ୍ତ ସଂଘର୍ଷ। ପାଶ୍ଚାତ୍ୟରେ ବର୍ଣ୍ଣବୈଷମ୍ୟ ଉଗ୍ରରୂପ ଧାରଣ କରିଥିବାବେଳେ ଅନେକ ରାଷ୍ଟ୍ରରେ ଜାତିଆଣ ହିଂସା ଓ ଶରଣାର୍ଥୀ ସମସ୍ୟା ବହୁ ଲୋକଙ୍କ ଜୀବନ ନେଇଛି। ଆମେରିକା, ଚାଇନା ଓ ରୁଷିଆ ଭଳି ମହାଶକ୍ତି ଆଧିପତ୍ୟ ଜାହିର ଲାଗି ଯୁଦ୍ଧ ଉସୁକାଉଥିବାବେଳେ ଭାରତ, ପାକିସ୍ତାନ, ବୁର୍କିନା ଫାସୋ, ପେରୁ ଆଦି ରାଷ୍ଟ୍ରରେ ବିଭିନ୍ନ କାରଣରୁ ମାନବାଧିକାର ହନନର ଅସଂଖ୍ୟ ଉଦାହରଣ। ଫ୍ରାନ୍ସରେ ନିରାପତ୍ତା ଆଇନ ପ୍ରତିବାଦରେ ସ୍ୱର ତେଜିଛି, ହଂକଂରେ ଗଣତନ୍ତ୍ର ସପକ୍ଷବାଦୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଇଥିଓପିଆରେ ଗୃହଯୁଦ୍ଧ ସ୍ଥିତିକୁ ସଙ୍ଗିନ କରିଥିବାବେଳେ ଥାଇଲାଣ୍ଡରେ ସାମ୍ବିଧାନିକ ସଂସ୍କାର ଦାବିରେ ବିଦ୍ରୋହର ସୂତ୍ରପାତ ହୋଇଛି। କରୋନା ମହାମାରୀରେ ସାରା ବିଶ୍ୱ କବଳିତ ହୋଇ ମୁକ୍ତିର ବାଟ ଖୋଜୁଥିବା ସମୟରେ ସବୁଠି ମୁଣ୍ଡ ଟେକିଛି ବିକ୍ଷୋଭ ଓ ଆନ୍ଦୋଳନର ନିଆଁ।


ଆମେରିକାର ମିନିଆପଲିସ

## ଆମେରିକାରୁ ବ୍ରାଜିଲ: ବର୍ଣ୍ଣବୈଷମ୍ୟର ନିଆଁ



୨୦୨୦ ମେ ୨୫ରେ ଆମେରିକାର ମିନିଆପଲିସରେ କୃଷ୍ଣକାୟ ଜର୍ଜ ଫ୍ଲୟଡ୍‌ଙ୍କୁ ଜଣେ ଶ୍ୱେତାଙ୍ଗ ପୋଲିସ ଅଫିସର ଆଣ୍ଠୁରେ ଚାପି ହତ୍ୟା କରିଥିଲେ। ମୃତ୍ୟୁ ପୂର୍ବରୁ ଫ୍ଲୟଡ୍ 'ମୁଁ ନିଃଶ୍ୱାସ ନେଇପାରୁନାହିଁ' ବୋଲି ବାରମ୍ବାର କହୁଥିଲେ। ଏହି ହତ୍ୟାକାଣ୍ଡରୁ ଆମେରିକାରେ ପୁଣିଥରେ ମୁଣ୍ଡ ଟେକିଥିଲା ବର୍ଣ୍ଣବୈଷମ୍ୟ ବିରୋଧୀ ଆନ୍ଦୋଳନ, ଯାହାକି 'ବ୍ଲାକ୍ ଲାଇଭ୍‌ସ ମ୍ୟାଟର' ନାମରେ ବିଦିତ। କୃଷ୍ଣକାୟଙ୍କ ବିରୋଧରେ ପୋଲିସ ବର୍ବରତା ଓ ଦମନଲୀଳା ପ୍ରତିବାଦରେ ଉଠିଥିବା ସ୍ୱରକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରାଜୟର ଅନ୍ୟତମ କାରଣ ବୋଲି ଧରାଯାଉଛି। ଉପରୋକ୍ତ ଘଟଣାର ୬ ମାସ ନ ପୂରୁଣୁ ଗୁରୁବାର ବ୍ରାଜିଲରେ କୃଷ୍ଣକାୟ ଜୋଆଓ ଆଲବର୍ଟୋ ସିଲଭେରିଆ ଫ୍ରେଇଟାସ୍‌ଙ୍କୁ କାରେଫୋର୍ ସୁପରମାର୍କେଟ ସିକ୍ୟୁରିଟି ଗାର୍ଡମାନେ ଏକ ଷ୍ଟୋର୍‌ରେ ପିଟି ପିଟି ହତ୍ୟା କରିଛନ୍ତି। ଏହି ନୃଶଂସ କାଣ୍ଡ ପରେ ଆମେରିକା ଭଳି ବ୍ରାଜିଲରେ ମଧ୍ୟ ବର୍ଣ୍ଣବୈଷମ୍ୟ ଆନ୍ଦୋଳନ ମୁଣ୍ଡ ଟେକିଛି। ବିଭିନ୍ନ ସ୍ଥାନରେ ହିଂସାତ୍ମକ ବିକ୍ଷୋଭ ଦେଖାଦେଇଛି। ହଜାର ହଜାର ବିକ୍ଷୋଭକାରୀ ଭଙ୍ଗାରୁଜା, ପୋଡ଼ାଜଳା କରିଛନ୍ତି। ୪ ସନ୍ତାନସନ୍ତତିଙ୍କ ଜନକ ୪୦ ବର୍ଷୀୟ ଜୋଆଓଙ୍କ ଶେଷକୃତ୍ୟ ଶନିବାର ସମ୍ପନ୍ନ ହୋଇଛି। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ସେନା ବଳ ପ୍ରୟୋଗ କରୁଥିବାବେଳେ ମୃତକଙ୍କ ପରିବାର ନ୍ୟାୟ ମାଗୁଛନ୍ତି।

## ଥାଇଲାଣ୍ଡରେ ୬ ନିହତ

ଥାଇଲାଣ୍ଡରେ ଗଣତନ୍ତ୍ର ସପକ୍ଷବାଦୀମାନେ ପ୍ରଧାନମନ୍ତ୍ରୀ ପ୍ରୟୁଥ ଚନୋଚା (ପୂର୍ବତନ ସାମରିକ ଶାସକ)ଙ୍କୁ ହଟାଇବା ଓ ରାଜା ମହା ବାଜିରାଲୋଙ୍ଗ୍‌କୋର୍ନଙ୍କ କ୍ଷମତା ସଙ୍କୁଚିତ କରିବା ଦାବିରେ ଆନ୍ଦୋଳନ ଚଳାଇଛନ୍ତି। ସେମାନେ ସମ୍ବିଧାନ ସଂଶୋଧନ ନେଇ ଆଲୋଚନା ପାଇଁ ଆଇନପ୍ରଣେତାମାନଙ୍କ ଉପରେ ଚାପ ପକାଇବା ଲାଗି ଥାଇ ପାର୍ଲାମେଣ୍ଟକୁ ଦଖଲ କରିଥିବାବେଳେ ପୋଲିସ ଓ ସରକାର ସମର୍ଥକଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଛି। ପୋଲିସ ଗୁଳିରେ ୬ ବିକ୍ଷୋଭକାରୀ ନିହତ ହୋଇଥିବାବେଳେ ୫୨ ଆହତ ହୋଇଛନ୍ତି। ଲୁହବୁହା ବାଷ୍ପ ଓ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନରେ ୩୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ବ୍ୟାଙ୍କକ୍‌ର ଏରାୱନ୍ ମେଡିକାଲ୍ ସେଣ୍ଟର ପକ୍ଷରୁ କୁହାଯାଇଛି।

## ଇଥିଓପିଆ ଗୃହଯୁଦ୍ଧ



ଉତ୍ତର ଆଫ୍ରିକୀୟ ରାଷ୍ଟ୍ର ଇଥିଓପିଆରେ ପ୍ରଧାନମନ୍ତ୍ରୀ ଅବି ଅହମ୍ମଦଙ୍କ ସରକାର ବିରୋଧରେ ଟିଗ୍ରେସ୍ ପିପୁଲ୍ସ ଲିବରେଶନ୍ ଫ୍ରଣ୍ଟ (ଟିପିଏଲ୍‌ଏଫ୍) ଯୁଦ୍ଧଂଦେହି ଡାକରା ଦେଇଛି। ସେନା ଓ ବିଦ୍ରୋହୀଙ୍କ ମଧ୍ୟରେ ସଂଘର୍ଷ ସୀମା ଅତିକ୍ରମ କରିବା ପରେ ରାଜନୈତିକ ତଥା ମାନବୀୟ ସଙ୍କଟ ସୃଷ୍ଟି ହୋଇଛି। ଟିଗ୍ରେ ଅଞ୍ଚଳରେ ସଂଘୀୟ ସରକାର ଓ ଅସନ୍ତୁଷ୍ଟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଦୀର୍ଘଦିନ ଧରି ଲାଗିରହିଥିବା ଉତ୍ତେଜନା ନଭେମ୍ବର ୪ରେ ସାମରିକ ସଂଘର୍ଷର ରୂପ ନେଇଥିଲା। ସଂଘର୍ଷରେ ହଜାର ହଜାର ଲୋକଙ୍କ ଜୀବନ ଯାଇଥିବାବେଳେ ୩୬,୦୦୦ରୁ ଅଧିକ ଲୋକ ପଡ଼ୋଶୀ ସୁଦାନକୁ ପଳାୟନ କରିଛନ୍ତି। ପ୍ରଧାନମନ୍ତ୍ରୀ ଅବି ଟିପିଏଲ୍‌ଏଫ୍ ବିରୋଧରେ ସେନା ଶିବିରକୁ ଆକ୍ରମଣ, ସୈନ୍ୟଙ୍କୁ ହତ୍ୟା ଓ ଯୁଦ୍ଧାସ୍ତ୍ର ଚୋରି ଅଭିଯୋଗ ଆଣିଥିଲେ। ଫଳରେ ଟିଗ୍ରାୟନ୍ ବିଦ୍ରୋହୀମାନେ ରାଜଧାନୀ ଆଡିସ୍ ଅବାବା ଓ ପଡ଼ୋଶୀ ଇରିଟ୍ରେଆ ଉପରେ ରକେଟ୍ ମାଡ଼ କରିଛନ୍ତି। ଏଥିଯୋଗୁ ଇଥିଓପିଆରେ ଗୃହଯୁଦ୍ଧ ଆରମ୍ଭ ହୋଇଛି। ଏହାକୁ ନେଇ ଅନ୍ତର୍ଜାତୀୟ ସମୁଦାୟ ଚିନ୍ତାବ୍ୟକ୍ତ କରିଛନ୍ତି।

## ତ୍ରିପୁରାରେ ବ୍ରୁ ସଙ୍କଟ

ତ୍ରିପୁରାରେ ବ୍ରୁ ଶରଣାର୍ଥୀଙ୍କୁ ନେଇ ୨୩ ବର୍ଷ ତଳର ବିବାଦ ସଙ୍କଟ ସୃଷ୍ଟି କରିଛି। ପଡ଼ୋଶୀ ମିଜୋରାମରେ ଜାତିଆଣ ହିଂସାର ଶିକାର ହୋଇ ସେଠାରୁ ବିସ୍ଥାପିତ ହେବା ପରେ ୬ ହଜାର ବ୍ରୁ ପରିବାର ତ୍ରିପୁରାକୁ ପଳାୟନ କରିଥିଲେ। ତ୍ରିପୁରାରେ ଶରଣାର୍ଥୀ ଭାବେ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି ରହିଆସୁଥିବା ୩୫,୦୦୦ ବ୍ରୁ ଆଦିବାସୀଙ୍କୁ ପୁନଃ ଥଇଥାନ କରିବା ପାଇଁ ବିପ୍ଲବ ଦେବଙ୍କ ନେତୃତ୍ୱାଧୀନ ଭାଜପା ସରକାର ନିଷ୍ପତ୍ତି ନେଇଛନ୍ତି। ଜଏଣ୍ଟ ମୁଭମେଣ୍ଟ କମିଟି ପକ୍ଷରୁ ଏହାକୁ ବିରୋଧ କରି ନର୍ଥ ତ୍ରିପୁରା ଡିଷ୍ଟ୍ରିକ୍ଟର କାଞ୍ଚନପୁର ସବ୍‌ଡିଭିଜନରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶଟ୍‌ଡାଉନ୍ ଡାକରା ଦିଆଯାଇଛି। ଆନ୍ଦୋଳନ ଯୋଗୁ ସରକାରୀ ଅଫିସ ଓ ଦୋକାନ ବଜାରଗୁଡ଼ିକ ବନ୍ଦ ରହିଛି। ଉତ୍ତର ତ୍ରିପୁରାର କାଞ୍ଚନପୁର ଅଞ୍ଚଳରେ ପୋଲିସ-ଜନତା ଖଣ୍ଡଯୁଦ୍ଧ ଦେଖିବାକୁ ମିଳିଛି। ପୋଲିସ ଗୁଳିରେ ୨ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ୨୩ ଆହତ ହୋଇଛନ୍ତି।



## ବୁର୍କିନା ଫାସୋରେ ଚରମପନ୍ଥୀଙ୍କ ହିଂସା

ପଶ୍ଚିମ ଆଫ୍ରିକୀୟ ଦେଶ ବୁର୍କିନା ଫାସୋରେ ରାଷ୍ଟ୍ରପତି ନିର୍ବାଚନକୁ ବିରୋଧ କରି ଚରମପନ୍ଥୀମାନେ ବ୍ୟାପକ ହିଂସା ଘଟାଇଛନ୍ତି। ରବିବାର ନିର୍ବାଚନବେଳେ ଦେଶକୁ ଆଉ ୫ ବର୍ଷ ସୁରକ୍ଷିତ ରଖିବା ପାଇଁ ରାଷ୍ଟ୍ରପତି ରୋଚ୍ ମାର୍କ ଖ୍ରୀଷ୍ଟିଆନ୍ କାବୋରେ ପ୍ରତିଶ୍ରୁତି ଦେଇଛନ୍ତି। ତାଙ୍କ ବିରୋଧରେ ୧୨ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଥିଲେ ମଧ୍ୟ କାବୋରେଙ୍କ ବିଜୟ ସୁନିଶ୍ଚିତ ବୋଲି କୁହାଯାଉଛି। ତେବେ ୧,୬୬,୦୦୦ ନୂଆ ଭୋଟରଙ୍କୁ ମତଦାନ ପାଇଁ ସୁଯୋଗ ଦିଆ ନ ଯିବାକୁ ବିରୋଧ କରି ଅଲ୍-କାଏଦା ଓ ଇସ୍‌ଲାମିକ୍ ଷ୍ଟେଟ୍ ଆତଙ୍କବାଦୀମାନେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ବିସ୍ଥାପିତ କରିଛନ୍ତି।

## ମାକ୍ରଁଙ୍କ ସୁରକ୍ଷା ଆଇନକୁ ବିରୋଧ

ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁଙ୍କ ସରକାର ଦେଶରେ ଏକ ନୂଆ ସୁରକ୍ଷା ଆଇନ ଆଣୁଛନ୍ତି। ଉକ୍ତ ଆଇନ ବଳରେ କୌଣସି ନାଗରିକ ପୋଲିସ ଅଫିସରମାନଙ୍କ ଫଟୋ କିମ୍ବା ଭିଡିଓ ଉତ୍ତୋଳନ ଅଥବା ପ୍ରକାଶ କରିପାରିବେ ନାହିଁ। ଅନେକ କ୍ଷେତ୍ରରେ ପୋଲିସ ଅଧିକାରୀଙ୍କ ମୁହଁକୁ ବ୍ଲର୍ କରିଦିଆଯିବ। ଏହାକୁ ସାମ୍ବାଦିକଙ୍କ ସମେତ ସାଧାରଣ ଜନତା ବିରୋଧ କରୁଛନ୍ତି। ଖବରଦାତା ସଂଘର କହିବା ହେଲା ଉକ୍ତ ଆଇନ ବଳରେ ପୋଲିସ ସାମ୍ବାଦିକମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ସମ୍ପାଦନରେ ବାଧା ସୃଷ୍ଟି କରିବ। ଫଳରେ ସୁରକ୍ଷା ବଳ ପକ୍ଷରୁ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବାବେଳେ କେହି ସ୍ୱର ଉତ୍ତୋଳନ କରିପାରିବେ ନାହିଁ। ପ୍ରସ୍ତାବିତ ଆଇନ ପ୍ରେସ୍ ସ୍ୱାଧୀନତାର କଣ୍ଠରୋଧ କରିବ ବୋଲି ଆଶଙ୍କା ବ୍ୟକ୍ତ କରି ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇଛନ୍ତି। ଏଥିରେ ୟେଲୋ ଭେଷ୍ଟ ଓ ଏକ୍ସଟିଙ୍କ୍ସନ ରେବେଲିୟନ୍ ମୁଭ୍‌ମେଣ୍ଟର ବିକ୍ଷୋଭକାରୀ ସାମିଲ ହୋଇଛନ୍ତି। ଏଫିଲ ଟାୱାରରେ ପୋଲିସ-ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଛନ୍ତି।



## ଅକ୍ସଫୋର୍ଡ ଟିକାକୁ ମୋହର ଦେବ ଭାରତ

**ନୂଆଦିଲ୍ଲୀ, ୨୨।୧୧:** ବ୍ରିଟେନ ସରକାର ଯଦି ଅଷ୍ଟ୍ରା ଜେନିକାକୁ ଅକ୍ସଫୋର୍ଡ ଟିକାର ଜରୁରୀ ବ୍ୟବହାର ଲାଗି ଅନୁମତି ଦିଅନ୍ତି ତେବେ ଏଥିପାଇଁ ଭାରତ ପୁନେର୍ ସେରମ୍ ଇନ୍‌ଷ୍ଟିଚ୍ୟୁଟ୍‌କୁ ସ୍ୱୀକୃତି ପ୍ରଦାନ କରିପାରନ୍ତି ବୋଲି ନୀତି ଆୟୋଗ ସଦସ୍ୟ ବିନୋଦ ପଲ୍ କହିଛନ୍ତି। ଭାରତରେ ଏହି ଟିକାର ତୃତୀୟ ପର୍ଯ୍ୟାୟ ପରୀକ୍ଷା ଜାନୁୟାରୀ-ଫେବୃୟାରୀରେ ଶେଷ ହୋଇଯିବ ବୋଲି ଆଶା କରାଯାଉଛି। କୋଭିଡ୍ ଟିକାକରଣ ପାଇଁ କାର୍ଯ୍ୟ କରୁଥିବା ଜାତୀୟ ବିଶେଷଜ୍ଞ ଗ୍ରୁପ୍‌ର ଅଧ୍ୟକ୍ଷ ଅଛନ୍ତି ବିନୋଦ ପଲ୍। ଯଦି ତୃତୀୟ ପର୍ଯ୍ୟାୟ ପରୀକ୍ଷା ଶେଷ ହେବା ପୂର୍ବରୁ ଜରୁରୀ ବ୍ୟବହାର ଲାଗି ସ୍ୱୀକୃତି ମିଳେ ତେବେ ପ୍ରାଥମିକତା ତାଲିକାରେ ଥିବା ବ୍ୟକ୍ତିବିଶେଷଙ୍କୁ ବର୍ଷ ଆରମ୍ଭରେ ଟିକା ମିଳିପାରିବ।

## ୧,୮୫୪ରୁ ୨,୭୪୪ ଟଙ୍କାରେ ମିଳିବ ମଡର୍ନା ଟିକା

**ୱାଶିଂଟନ, ୨୨।୧୧:** ମଡର୍ନା କମ୍ପାନୀ ପ୍ରସ୍ତୁତ ଟିକାର ପ୍ରତି ଡୋଜ୍ ଦାମ୍ ୨୫ରୁ ୩୭ ଡଲାର (୧,୮୫୪ରୁ ୨,୭୪୪ ଟଙ୍କା) ରହିବ ବୋଲି ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଷ୍ଟିଫେନ୍ ବନସେଲ୍ କହିଛନ୍ତି। ତେବେ ଦାମ୍ ଅର୍ଡର ପରିମାଣ ଉପରେ ନିର୍ଭର କରିବ ବୋଲି ସେ ସୂଚନା ଦେଇଛନ୍ତି। ମଡର୍ନା ଟିକା ୯୪.୫ ପ୍ରତିଶତ ଫଳପ୍ରଦ ହୋଇଥିବାବେଳେ ଫାଇଜର ଟିକା ୯୫ ପ୍ରତିଶତ ସଫଳ ବୋଲି ସମ୍ପୃକ୍ତ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଥିଲା।

## ଆଉ ୨ଟି ଟିକା ପ୍ରସ୍ତୁତ କରୁଛି ରୁଷିଆ




**ମସ୍କୋ, ୨୨।୧୧:** କରୋନା ଟିକା ସ୍ପୁଟନିକ-ଭି ଅନ୍ୟ ଦେଶଗୁଡ଼ିକୁ ଯୋଗାଇ ଦେବାକୁ ରୁଷିଆ ପ୍ରସ୍ତୁତ ଥିବା ଏହାର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଜି-୨୦ ବୈଠକରେ କହିଛନ୍ତି। ଏଥିସହିତ ରୁଷିଆ ଆଉ ଦୁଇଟି କୋଭିଡ୍ ଟିକା ପ୍ରସ୍ତୁତ କରୁଥିବା ସେ ସୂଚନା ଦେଇଛନ୍ତି। ବିଶ୍ୱସ୍ତରୀୟ କରୋନା ଟିକା ସହଯୋଗ ଲାଗି ଚାଇନା ପ୍ରସ୍ତୁତ ଥିବା ଏହାର ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଭିଡିଓ କନ୍‌ଫରେନ୍ସ ଜରିଆରେ ଜି-୨୦ ସମିଟ୍‌କୁ କହିଛନ୍ତି। ବେଜିଂ ପ୍ରସ୍ତୁତ ୫ଟି ଟିକାର ଏବେ ତୃତୀୟ ପର୍ଯ୍ୟାୟ ପରୀକ୍ଷା ଚାଲିଛି।

## ଅସ୍ତ୍ରୋପଚାର କରିବେ ଆୟୁର୍ବେଦ ଡାକ୍ତର

**ନୂଆଦିଲ୍ଲୀ, ୨୨।୧୧(ପି.ଟି.)**

ଆୟୁର୍ବେଦର ନିର୍ଦ୍ଦିଷ୍ଟ କେତେକ ବିଷୟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ଡାକ୍ତରମାନେ ଅସ୍ତ୍ରୋପଚାର ପାଇଁ ତାଲିମ ନେବେ। ସେମାନେ ଟ୍ୟୁମର, ଗାଙ୍ଗ୍ରେନ୍ ଅସ୍ତ୍ରୋପଚାର ସହ ନାଜାଲ ଓ କାଟାରାକ୍ଟ ସର୍ଜରି କରିପାରିବେ। ଏନେଇ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୫ ବର୍ଷରୁ ଊର୍ଦ୍ଧ୍ୱ ସମୟ

**ତାଲିମ ପାଇଁ ମିଳିଲା ଅନୁମତି**

ଧରି ଆୟୁର୍ବେଦ ସଂସ୍ଥା ଓ ହସ୍ପିଟାଲରେ ଏସବୁ ଅସ୍ତ୍ରୋପଚାର ହେଉଥିଲା। ବିଜ୍ଞପ୍ତି ଯୋଗୁ ତାହା କେବଳ ବୈଧ ହେଲା ବୋଲି ସେଣ୍ଟ୍ରାଲ କାଉନସିଲ୍ ଅଫ୍ ଇଣ୍ଡିଆନ ମେଡିସିନ୍‌ର ଅଧ୍ୟକ୍ଷ କହିଛନ୍ତି। ବିଜ୍ଞପ୍ତି ଅନୁଯାୟୀ ଇଣ୍ଡିଆନ ମେଡିସିନ୍ ସେଣ୍ଟ୍ରାଲ କାଉନସିଲ୍ (ଆୟୁର୍ବେଦ ସ୍ନାତକୋତ୍ତର ଶିକ୍ଷା) ନିୟମାବଳୀ, ୨୦୧୬ରେ ସଂଶୋଧନ କରାଯାଇ ଆୟୁର୍ବେଦ ଡାକ୍ତରଙ୍କ ପିଜି ଶିକ୍ଷାରେ ଅସ୍ତ୍ରୋପଚାରକୁ ସାମିଲ କରାଯିବ। ସେମାନେ ଶଲ୍ୟ ତନ୍ତ୍ର (ଜେନେରାଲ ସର୍ଜରି), ଶଲାକ୍ୟ ତନ୍ତ୍ର (କାନ, ନାକ, ଗଳା, ମୁଣ୍ଡ ଓ ଆଖି ସର୍ଜରି) ବିଷୟରେ ପଢ଼ିବେ ଓ ପ୍ରାକ୍ଟିକାଲ ତାଲିମ ନେବେ।

## 'ବାଇଡେନ୍‌ଙ୍କୁ ସ୍ୱୀକୃତି ଦେବାକୁ ପ୍ରସ୍ତୁତ ନୁହଁ'

**ମସ୍କୋ, ୨୨।୧୧**


ଭ୍ଲାଡିମିର ପୁଟିନ୍

ଆମେରିକା ରାଷ୍ଟ୍ରପତି ଭାବେ ଜୋ ବାଇଡେନ୍‌ଙ୍କୁ ସ୍ୱୀକୃତି ଦେବାକୁ ସେ ପ୍ରସ୍ତୁତ ନୁହନ୍ତି ବୋଲି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଛନ୍ତି। ତେବେ ଆମେରିକୀୟମାନଙ୍କର ଆସ୍ଥା ଥିବା ଯେକୌଣସି ବ୍ୟକ୍ତିଙ୍କ ସହ କାମ କରିବାକୁ ସେ ପ୍ରସ୍ତୁତ ଅଛନ୍ତି। ତେବେ ଆସ୍ଥା କେବଳ ସେତେବେଳେ କରାଯାଇପାରିବ, ଯେତେବେଳେ ପ୍ରାର୍ଥୀଙ୍କ ବିଜୟକୁ ବିରୋଧୀ ଦଳ ସ୍ୱୀକାର କରିବ କିମ୍ବା ଫଳାଫଳ ଆଇନସମ୍ମତ ଉପାୟରେ ସ୍ପଷ୍ଟ ହେବ। ସୂଚନାଯୋଗ୍ୟ, ୨୦୧୬ ଆମେରିକା ନିର୍ବାଚନ ବେଳେ ଡୋନାଲ୍ଡ ଟ୍ରମ୍ପଙ୍କୁ ଜିତାଇବା ପାଇଁ ରୁଷିଆ କାର୍ଯ୍ୟ କରିଥିବା ନେଇ ଏହାର ଗୋଇନ୍ଦା ସଂସ୍ଥା ଅଭିଯୋଗ କରିଥିଲା। ବାଇଡେନ୍ କ୍ଷମତାକୁ ଆସିଲେ କଟକଣା ଚାପ, ମାନବାଧିକାରକୁ ନେଇ ସଂଘର୍ଷ ବଢ଼ିବା ରୁଷିଆ ଆଶଙ୍କା କରୁଛି।

## ୧୪ ଦିନ ପାଇଁ ହାଜତକୁ ଗଲେ ଭାରତୀ, ହର୍ଷ

**ମୁମ୍ବାଇ, ୨୨।୧୧**

ହାସ୍ୟାଭିନେତ୍ରୀ ଭାରତୀ ସିଂ ଓ ତାଙ୍କ ସ୍ୱାମୀ ହର୍ଷ ଲିମ୍ବାଚିୟାଙ୍କୁ ଏକ ମାଜିଷ୍ଟ୍ରେଟ୍ କୋର୍ଟ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛନ୍ତି। ନାର୍କୋଟିକ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଶନିବାର ଭାରତୀଙ୍କ ପ୍ରଡକ୍ସନ ଅଫିସ୍ ଓ ଘରେ ଚଢ଼ାଉ କରି ୮୬.୫ ଗ୍ରାମ୍ ଗଞ୍ଜେଇ ଜବତ କରିବା ପରେ ତାଙ୍କୁ ଓ ହର୍ଷଙ୍କୁ ଗିରଫ କରିଥିଲା।

## କେରଳରେ ପୋଲିସ ଆଇନ ସଂଶୋଧନ ଅଧ୍ୟାଦେଶକୁ ନେଇ ବିବାଦ

**ଥିରୁଭାନନ୍ତପୁରମ୍, ୨୨।୧୧**

- ଗଣମାଧ୍ୟମ ସ୍ୱାଧୀନତା କ୍ଷୁଣ୍ଣ କରିବ: ବିରୋଧୀ
- ବ୍ୟକ୍ତି ସ୍ୱାଧୀନତା ଓ ମର୍ଯ୍ୟାଦା ରକ୍ଷା କରିବା ରାଜ୍ୟର କର୍ତ୍ତବ୍ୟ: ବିଜୟନ


ପିନାରାୟୀ ବିଜୟନ

ବିରୋଧୀ ଦଳଗୁଡ଼ିକର ପ୍ରତିବାଦ ସତ୍ତ୍ୱେ କେରଳ ପୋଲିସ ଆଇନ ସଂଶୋଧନ ଅଧ୍ୟାଦେଶକୁ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍ ମଞ୍ଜୁରୀ ପ୍ରଦାନ କରିଛନ୍ତି। କୌଣସି ଯୋଗାଯୋଗ ମାଧ୍ୟମରେ ଧମକପୂର୍ଣ୍ଣ ବାର୍ତ୍ତା ଦେବା, ଅପମାନିତ କିମ୍ବା ଅସମ୍ମାନିତ କରିବା ଭଳି ଅପରାଧ ବନ୍ଦ କରିବା ଲକ୍ଷ୍ୟରେ ସରକାର ଆଇନରେ ସଂଶୋଧନ କରିଛନ୍ତି। ଏଭଳି ଅପରାଧୀଙ୍କୁ ୫ ବର୍ଷ ଜେଲ୍ କିମ୍ବା ୧୦ ହଜାର ଟଙ୍କା ଜରିମାନା କିମ୍ବା ଉଭୟ ଦଣ୍ଡ ଭୋଗିବାକୁ ପଡ଼ିବ।

ଅନ୍ୟପକ୍ଷରେ ଗଣମାଧ୍ୟମର ମୁହଁ ବନ୍ଦ କରିବା ଏହି ଅଧ୍ୟାଦେଶର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିରୋଧୀ ଦଳ ଅଭିଯୋଗ କରିଛନ୍ତି। ଏହି ଅଧ୍ୟାଦେଶ ପୋଲିସକୁ ଅନାବଶ୍ୟକ ଭାବେ ଅଧିକ କ୍ଷମତା ପ୍ରଦାନ କରୁଥିବାରୁ ଗଣମାଧ୍ୟମର ସ୍ୱାଧୀନତା କ୍ଷୁଣ୍ଣ ହେବ ବୋଲି ବିରୋଧୀ କହିଛନ୍ତି। ପ୍ରେସ୍ ସ୍ୱାଧୀନତା ସଙ୍କୁଚିତ କରିବା କିମ୍ବା ସାମ୍ବାଦିକତା ପ୍ରତି ପକ୍ଷପାତ କରିବାରେ ଅଧ୍ୟାଦେଶକୁ ବ୍ୟବହାର କରାଯିବା ପ୍ରଶ୍ନ ଉଠୁନି ବୋଲି କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ କହିଛନ୍ତି। ବ୍ୟକ୍ତି ସ୍ୱାଧୀନତା ଓ ମର୍ଯ୍ୟାଦା ରକ୍ଷା କରିବା ରାଜ୍ୟର କର୍ତ୍ତବ୍ୟ ବୋଲି ସେ କହିବା ସହ ଗଣମାଧ୍ୟମ କିମ୍ବା ସାମ୍ବିଧାନିକ ସୀମା ମଧ୍ୟରେ ସରକାରଙ୍କୁ ସମାଲୋଚନା କରୁଥିବା କୌଣସି ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫,୮୭,୬୪,୫୬୪ | ୧୩,୯୦,୪୫୪ | ୪,୦୬,୫୮,୧୧୦ |
| ଭାରତ | ୯୧,୨୯,୦୦୩ | ୧,୩୩,୫୮୯ | ୮୫,୫୦,୯୩୧ |
| ଓଡ଼ିଶା | ୩,୧୩,୯୬୧ | ୧୬୪୦(+୫୩) | ୩,୦୫,୮୧୩ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

**ସଂକ୍ଷେପରେ**

## ବାପାଙ୍କ ବନ୍ଧୁକ ଗୁଳିରୁ ବର୍ତ୍ତିଲେ ମା’ ପୁଅ

**ରାୟଗଡ଼,୨୨।୧୧:** ଗଜପତି ଜିଲା ରାୟଗଡ଼ ଥାନା କୁମୁଲାସିଂ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ବାପା ଦେଶୀ ବନ୍ଧୁକରୁ ମା’ ଓ ପୁଅଙ୍କ ଉପରକୁ ଗୁଳିମାଡ଼ କରିଥିବାବେଳେ ସେମାନେ ଅଳ୍ପକେ ବର୍ତ୍ତି ଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୭୮/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତ ଯିହୁଦା ଘଣ୍ଟ (୫୫)ଙ୍କୁ ଗିରଫ କରିଛି। ଶନିବାର ରାତିରେ ଯିହୁଦାଙ୍କର କୌଣସି କାରଣରୁ ସ୍ତ୍ରୀ ତାରାବତୀ ଓ ପୁଅ ଯିଖରିଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଯିହୁଦା ରାଗିଯାଇ ଘରେଥିବା ଦେଶୀବନ୍ଧୁକ ଆଣି ସ୍ତ୍ରୀ ଓ ପୁଅ ଉପରକୁ ଗୁଳି ଚଳାଇଥିଲେ। ଗୁଳି ନ ବାଜିବାରୁ ଏକ ଧାରୁଆ ଅସ୍ତ୍ରଧରି ହାଣିବାକୁ ଗୋଡାଇଥିଲେ। ସେମାନେ ଲୁଚିଯାଇ ରାତିରେ ରାୟଗଡ଼ ଆସି ଥାନାରେ ତାରାବତୀ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଏସ୍‌ଆଇ କୃଷ୍ଣଚନ୍ଦ୍ର ମଲିକ କହିଛନ୍ତି।

## ଆଜିଠୁ ଭିତରକନିକାରେ ସ୍ତନ୍ୟପାୟୀ ପ୍ରାଣୀ ଗଣନା

**ରାଜନଗର,୨୨।୧୧(ଡି.ଏନ.ଏ.):** ଭିତରକନିକା ଜାତୀୟ ଉଦ୍ୟାନରେ ଥିବା ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ଗଣନା କରାଯିବ। ସୋମବରଠାରୁ ଆରମ୍ଭ ହେବ। ରାଜନଗର ବନଖଣ୍ଡ ଅଧୀନରେ ଥିବା ରାଜନଗର, ରାଜକନିକା, ଗହୀରମଥା, ମହାକାଳପଡା ଓ କୁଜଙ୍ଗ ରେଞ୍ଜରେ ଏହି ଗଣନା କରାଯିବ। ସୋମବାରଠାରୁ ୨୫ ତାରିଖ ଯାଏ ୩ ଦିନ ଧରି ଏହି ଗଣନା କରାଯିବ। ଭିତରକନିକାରେ ଥିବା ହରିଣ, ବାରହା, ହେଟାବାଘ, ବିଲୁଆ, ପାତିମାଙ୍କଡ଼, ହନୁମାଙ୍କଡ଼, ଚିତାବିରାଡି, ଓଧ, ଶାଳିଆପତନି, ଠେକୁଆ ପ୍ରଭୃତି ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ଗଣନା କରାଯିବ।

## ପିପିଲି ଥାନାରେ ଅଭିଯୁକ୍ତଙ୍କୁ ମାଡ଼ ଘଟଣା
## ପୁଅକୁ ଭେଟିପାରିଲେନି ବାପା

**କଟକ ଅଫିସ,୨୨।୧୧:** ପିପିଲି ଥାନା ହାଜତରେ ପୋଲିସ ମାଡ଼ରେ ଗୁରୁତର ହୋଇଥିବା ୫ ଜଣ ଅଭିଯୁକ୍ତ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କର ଅପରେଶନ କରାଯାଇଛି। ତେଣୁ ଆମ ମନରେ ଆଶଙ୍କା ଥିବାରୁ ପୁଅକୁ ଦେଖିବାକୁ ରବିବାର ଏସ୍‌ସିବି ମେଡିକାଲ ଆସିଥିଲୁ। ହେଲେ ସେଠାରେ ଡ୍ୟୁଟିରେ ଥିବା ପୋଲିସ ଆମକୁ ଦେଖା କରିବାକୁ ଦେଲାନି ବୋଲି ଅଭିଯୁକ୍ତ ଜଗନ୍ନାଥଙ୍କ ବାପା ଗୌରୀ ପୁଷ୍ପାଳକ ଅଭିଯୋଗ କରିଛନ୍ତି। ଏ ବାବଦରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ପଚରା ଯାଇଥିଲେ ବି କୌଣସି ଉତ୍ତର ମିଳି ନ ଥିଲା । ଅନ୍ୟପକ୍ଷରେ ୫ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅସ୍ତ୍ରୋପଚାର କରାଯାଇଥିବା ନେଇ ଏସ୍‌ସିବି ମେଡିକାଲର ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୩ ତାରିଖରେ ସଂଘବଦ୍ଧ ଆକ୍ରମଣ ଘଟଣାରେ ପିପିଲି ପୋଲିସ ୬ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କୁ ଥାନାରେ ପ୍ରବଳ ମାଡ଼ ମରାଯାଇଥିବା ନେଇ ସେମାନଙ୍କ ସମ୍ପର୍କୀୟ ଅଭିଯୋଗ କରିଥିଲେ। ଗତ ୧୯ ତାରିଖରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ନିମାପଡା ଜେଲକୁ ପଠାଇ ଦିଆଯାଇଥିଲା। ୫ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଏସ୍‌ସିବି ମେଡିକାଲକୁ ପଠାଇ ଦିଆଯାଇଥିଲା। ରବିବାର ଜଗନ୍ନାଥଙ୍କ ବାପା ତାଙ୍କୁ ଦେଖା କରିବାକୁ ଏସ୍‌ସିବି ଆସିଥିଲେ।

# ଯେଉଁଠୁ ମିଳେ ଧାର୍ମିକ ସହିଷ୍ଣୁତାର ବାର୍ତ୍ତା

**ପ୍ରଦୀପ୍ତ କୁମାର ପୃଷ୍ଟି**
**ଚଣ୍ଡିଖୋଲ,୨୨।୧୧ (ଡି.ଏନ.ଏ.)**

ଭାରତର ବିଭିନ୍ନ ସ୍ଥାନରେ ଧର୍ମପୀଠକୁ ନେଇ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ହିଂସା ବହୁବାର ଦେଖିବାକୁ ମିଳୁଛି। ପରସ୍ପର ଲହୁଲୁହ ବୁହାଉଛନ୍ତି। ଅନେକ ଜୀବନ ଯାଉଛି। ହେଲେ ଯାଜପୁର ଜିଲାର ଧାର୍ମିକ ପୀଠ ‘ସତ୍ୟପୀର’ ହିନ୍ଦୁ ଏବଂ ମୁସଲମାନମାନଙ୍କ ଭାଇଚାରାର କେନ୍ଦ୍ର ପାଲଟିଛି। ବଡ଼ଚଣା ବ୍ଲକ ଅନ୍ତର୍ଗତ ଆଲମଗିରି ପାହାଡ଼ ଶୀର୍ଷରେ ଅବସ୍ଥିତ ପ୍ରାୟ ୮ଶହ ବର୍ଷର ଏହି ଐତିହ୍ୟ ପୀଠରେ ହିନ୍ଦୁମାନେ ସତ୍ୟନାରାୟଣ ଭାବେ ଜନ୍ମିତ ସନ୍ତାନର ଏକୋଇଶିଆ ପୂଜା କରିଥାନ୍ତି। ସେହିଭଳି ମୁସଲମାନ ଧର୍ମାବଲମ୍ବୀମାନେ ପୀର ବାବା କହି ପୀର ପଗମ୍ବରଙ୍କୁ ଉପାସନା କରିଥାନ୍ତି। କେବଳ ଭାରତ ନୁହେଁ, ସାରା ବିଶ୍ୱକୁ ଧାର୍ମିକ ସହିଷ୍ଣୁତାର ବାର୍ତ୍ତା ବାଣ୍ଟୁଥିବା ସତ୍ୟପୀର ପୀଠ ଏବେ ଅବହେଳିତ ହୋଇରହିଛି। ସେଠାକୁ ଯିବାକୁ ଭଲ ରାସ୍ତା ନାହିଁ କି ପାଣି, ଆଲୋକର ବ୍ୟବସ୍ଥା ନାହିଁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୌଣସି ଯୋଜନାରେ ଏହି ପୀଠର ବିକାଶ କଥା ଚିନ୍ତା କରାଯାଇନାହିଁ। ନଭେମ୍ବର ୧୯ରୁ ପାଳିତ ହୁଏ ବିଶ୍ୱ ଐତିହ୍ୟ ସପ୍ତାହ। ପ୍ରତ୍ୟେକ ବର୍ଷ ଏହି ସପ୍ତାହରେ ବିଭିନ୍ନ ଐତିହ୍ୟସ୍ଥଳ ସମ୍ପର୍କରେ ରାଜ୍ୟ ସଂସ୍କୃତି ବିଭାଗ,




ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଆଲୋଚନାଚକ୍ର କରାଯାଏ। ତଥାପି ସତ୍ୟପୀର ପୀଠ ଅଲୋଡ଼ା ଓ ଅନାଲୋଚିତ ହୋଇରହିଛି।

ଦୂରରୁ କ୍ଷୁଦ୍ର ଧଳା ଗମ୍ବୁଜ ଭଳି ଦେଖାଯାଉଥିବା ଘରେ ପୂଜା ପାଆନ୍ତି ସତ୍ୟପୀର, ଯାହାକୁ ଲୋକମାନେ ସାଧାରଣତଃ ଦରଗାଶାହା ବୋଲି କହିଥାନ୍ତି। ଗମ୍ବୁଜ ମଧ୍ୟରେ ରହିଛି ୨ଟି କଠଉ। ସମସ୍ତେ କଠଉକୁହିଁ ପୂଜା କରିଥାନ୍ତି। ଏଠାରେ ନିଆରା ପରମ୍ପରା ହେଲା ଶିରିଣି ଭୋଗ। ଏହାକୁ ହିନ୍ଦୁ ଧର୍ମାବଲମ୍ବୀମାନେ ତିଆରି କରିଥାନ୍ତି, କିନ୍ତୁ ଏହି ଭୋଗକୁ ସତ୍ୟପୀରଙ୍କ ନିକଟରେ ଲାଗି କରିଥାନ୍ତି ମୁସଲମାନ ଧର୍ମାବଲମ୍ବୀ ଉପାସକ। ପ୍ରତ୍ୟେକ ଗୁରୁବାର ବହୁ ଭକ୍ତ ଓ ଦର୍ଶନାର୍ଥୀ ସେଠାକୁ ଯାଇଥାନ୍ତି। ସେଠାରେ ବାଜା ବଜାଇବା, ଫୁଲ ଦେବା ଓ କଠଉ ଦେବା ପାଇଁ ହିନ୍ଦୁ ଧର୍ମର ବଂଶାନୁକ୍ରମେ ସେବକ ରହିଛନ୍ତି। ସତ୍ୟପୀରଙ୍କର ୫୦ ଏକରରୁ ଉର୍ଦ୍ଧ୍ୱ ସମ୍ପତ୍ତି ଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ଠିକ୍ ସମୟରେ ପୂଜା ନୀତି ହୋଇପାରୁ ନାହିଁ। ସ୍ଥାନୀୟ ଅଞ୍ଚଳର ପୁରୁଖା ବ୍ୟକ୍ତିମାନେ କୁହନ୍ତି, ହଇଜା ଓ ବସନ୍ତ ରୋଗ ଦେଖାଦେଲେ ସମସ୍ତେ ସତ୍ୟପୀରଙ୍କୁ ଆରାଧନା କରିଥାଆନ୍ତି। ପୀରଙ୍କ ନିକଟରୁ କଠଉ ଆସି ଗାଁଦାଣ୍ଡରେ ପଡ଼ିଲେ ରୋଗ ଛାଡ଼ିଯାଇଥାଏ। ଏଭଳି ଲୋକବିଶ୍ୱାସ ଅନେକ ଦିନ ଧରି ନିକଟସ୍ଥ ଚାରିନଙ୍ଗଳ, ମାଣ୍ଡୁକା, ନଳିପୁର, ଗୋପାଳପୁର ଆଦି ପଞ୍ଚାୟତବାସୀଙ୍କ ମୁଖରୁ ଶୁଣାଯାଏ। ସତ୍ୟପୀରଙ୍କ ସେବା କରିବା ପାଇଁ ବିଭିନ୍ନ ବର୍ଗର ଲୋକମାନେ ପୀଠର ଜମି ଚାଷ କରୁଥିଲେ। ଏବେ ଏକର ଏକର ଜମିର ହିସାବ ନାହିଁ। ପୀଠ ନିକଟ ତଥା ପାହାଡ଼ ଶୀର୍ଷରେ ୫ ଏକର ପରିମିତ ସମତଳ ସ୍ଥାନ ରହିଛି। ବହୁ ବର୍ଷ ପୂର୍ବେ ସେଠାରେ ମେଳା ମହୋତ୍ସବ ଅନୁଷ୍ଠିତ ହେଉଥିଲା ବୋଲି ଜଣାପଡ଼ିଛି। ଗମ୍ବୁଜ ସଦୃଶ ଏହି ଘରଟି କେବେ ନିର୍ମାଣ ହୋଇଥିଲା ସେ ସମ୍ପର୍କରେ କେହି କହିପାରୁ ନାହାନ୍ତି। ଏହା ଦ୍ୱାଦଶ କିମ୍ବା ତ୍ରୟୋଦଶ ଶତାବ୍ଦୀର ହେବ ବୋଲି ଐତିହାସିକ ଡ. ହରିଶ୍ଚନ୍ଦ୍ର ପୃଷ୍ଟି କୁହନ୍ତି। ଏହି ପ୍ରାଚୀନ ପୀଠକୁ ପାହାଡ଼ ପାଦଦେଶରୁ ଯିବା ପାଇଁ ରାସ୍ତା ନିର୍ମାଣ ସାଙ୍ଗକୁ ଆଲୋକ ଓ ପାନୀୟଜଳର ବ୍ୟବସ୍ଥା କରାଗଲେ ଏହା ଆକର୍ଷଣୀୟ ପ୍ରକୃତି ଓ ଧାର୍ମିକ ପର୍ଯ୍ୟଟନସ୍ଥଳୀ ହୋଇପାରିବ। ଏହାସହ ଧାର୍ମିକ ସଦ୍‌ଭାବ ଭଳି ଭଲ କଥାର ଟେକ ରହିପାରିବ। ତେଣୁ ରାଜ୍ୟ ସରକାର ବିଶ୍ୱ ଐତିହ୍ୟ ସପ୍ତାହ ଅବସରରେ ସତ୍ୟପୀର ପୀଠକୁ ଏକ ପର୍ଯ୍ୟଟନସ୍ଥଳୀ ଭାବେ ମାନ୍ୟତା ଦେଇ ଏହାର ବିକାଶ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ୨୫, ୨୬ରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)**

- ୭ ଜିଲାକୁ ୟେଲୋ ୱାର୍ନିଂ ଜାରି
- ଘନକୁହୁଡ଼ି ନେଇ ସତର୍କ କଲା ପାଣିପାଗ ବିଭାଗ

ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଡିପ୍ରେସନରେ ପରିଣତ ହୋଇପାରେ। ଏହାର ପରବର୍ତ୍ତୀ ୪୮ଘଣ୍ଟାରେ ଏହା ଆହୁରି ଘନୀଭୂତ ହୋଇ ୨୫ ତାରିଖ ଅପରାହ୍ନ ବେଳକୁ ତାମିଲନାଡୁ ଓ ପୁଡୁଚେରୀ ଉପକୂଳ ଛୁଇଁବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ବର୍ଷା ହେବ। ଆସନ୍ତା ୨୫ ଓ ୨୬ ତାରିଖ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ରବିବାର ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି।

୨୫ ତାରିଖରେ କୋରାପୁଟ, ରାୟଗଡ଼ା ଓ ଗଜପତିରେ ପ୍ରବଳ ବର୍ଷା ହେବ। ଏହି ୩ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୨୬ ତାରିଖରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ଓ ଉତ୍ତର ଓଡ଼ିଶାର କିଛି ସ୍ଥାନରେ ବର୍ଷା ହେବ। ଗଜପତି ଓ ରାୟଗଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବାବେଳେ କନ୍ଧମାଳ, ନବରଙ୍ଗପୁର, କଳାହାଣ୍ଡି, ମାଲକାନଗିରି ଓ କୋରାପୁଟରେ ପ୍ରବଳ ବର୍ଷା ହେବ। ଏନେଇ ସମ୍ପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ ବିଭାଗ। ଆସନ୍ତା ୨୪ ଘଣ୍ଟାରେ ଗଞ୍ଜାମ ଓ ଗଜପତିରେ ସ୍ୱଳ୍ପ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ତେବେ ରବିବାର ଗଞ୍ଜାମର ଗୋପାଳପୁର, ପୁରୀର ଅସ୍ତରଙ୍ଗ ଓ ମୟୂରଭଞ୍ଜର ଶ୍ୟାମାଖୁଣ୍ଟରେ ସ୍ୱଳ୍ପ ପରିମାଣର ବର୍ଷା ହୋଇଛି।

ସେପଟେ ରବିବାର ରାଜ୍ୟରେ ତାପମାତ୍ରା ସାମାନ୍ୟ ଅଧିକ ରହିଥିଲା। ସୋନପୁରରେ ସର୍ବନିମ୍ନ ୧୧.୪ ଡିଗ୍ରୀ ରହିଥିବାବେଳେ ଝାରସୁଗୁଡ଼ା ୧୩.୪, ଫୁଲବାଣୀ ୧୪.୩, ତାଳଚେର ୧୪.୬, ଦାରିଙ୍ଗବାଡ଼ି ୧୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଅନ୍ୟସବୁ ସ୍ଥାନର ତାପମାତ୍ରା ଏହାଠାରୁ ଅଧିକ ରହିଛି। ଅନ୍ୟପଟେ ଆସନ୍ତା ୨୩ ତାରିଖରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘନକୁହୁଡ଼ି ପରିଲକ୍ଷିତ ହେବ। କନ୍ଧମାଳ, ଅନୁଗୋଳ, ମୟୂରଭଞ୍ଜ, କଳାହାଣ୍ଡି, ଗଜପତି, ରାୟଗଡ଼ା, ଢେଙ୍କାନାଳରେ ଘନକୁହୁଡ଼ି ହେବ। ଏନେଇ ୭ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ଏହାଛଡ଼ା ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ବୌଦ୍ଧ, ଖୋର୍ଦ୍ଧା, କଟକ, ଯାଜପୁର, ସମ୍ବଲପୁର ଓ ଦେବଗଡ଼ରେ ମଧ୍ୟମ ଧରଣର କୁହୁଡ଼ି ଦେଖାଯିବ।

# ଆଜିଠୁ ଟ୍ରକ୍ ଚଳାଚଳ ବନ୍ଦ ଡାକରା

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**

**ପ୍ରଥମେ ବାଲିଘାଟରୁ ବେଆଇନ କାର୍ଯ୍ୟ ବନ୍ଦ ହେଉ: ସଂଘ**

ନିର୍ମାଣ କାର୍ଯ୍ୟ ଲାଗି ବାଲି, ଗୋଡ଼ି, ମୋରମ, ପଥର ଇତ୍ୟାଦି ନିର୍ମାଣ ସ୍ଥଳ ପର୍ଯ୍ୟନ୍ତ ପହଞ୍ଚାଇବାରେ ମାଲ ପରିବହନ ଶିଳ୍ପର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପରିବହନରେ ନିୟୋଜିତ ଗାଡ଼ି, ମାଲିକ ଓ ଚାଳକଙ୍କ ଉତ୍ସର୍ଗୀକୃତ ସେବା ତାତ୍ପର୍ଯ୍ୟପୂର୍ଣ୍ଣ। ହେଲେ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିୟମ ପାଇଁ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ଦ୍ରବ୍ୟ ପରିବହନରେ ନିୟୋଜିତ ଗାଡ଼ିଗୁଡ଼ିକ ଉପରେ ସରକାରୀ ଅଫିସରମାନେ ଅନୈତିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଅଭିଯୋଗ ହୋଇଛି। ଆହୁରି କୁହାଯାଇଛି, ପ୍ରଥମେ ସରକାର ନିଜ ଦାୟିତ୍ୱ ଠିକ୍‌ରେ ତୁଲାନ୍ତୁ। ଯେଉଁ ବାଲିଘାଟରେ ଦୁର୍ନୀତି ହେଉଛି ସେଠାରେ ଯାଞ୍ଚ କରାଯାଉ। ଗାଡ଼ିଗୁଡ଼ିକ ଉପରେ ମାତ୍ରାଧିକ ଜରିମାନା ଆଦାୟକୁ ନେଇ ଟ୍ରକ ମାଲିକ ସଂଘ ତରଫରୁ ନିକଟରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ହେଲେ ଆଲୋଚନା ବିଫଳ ହେବାପରେ ସୋମବାରଠାରୁ ଗାଡ଼ି ଚଳାଚଳ ବନ୍ଦ ରଖିବାକୁ ଟ୍ରକ ମାଲିକ ସଂଘ ଚେତାବନୀ ଦେଇଛି। ସଂଘ ପକ୍ଷରୁ କୁହାଯିବା କଥା, ବିଭିନ୍ନ ସ୍ୱୀକୃତିପ୍ରାପ୍ତ ବାଲିଘାଟଠାରୁ ଟ୍ରକଗୁଡ଼ିକ ବାଲି କିଣିଥାଆନ୍ତି। ଏହି ସମୟରେ ବାଲିଘାଟର ଲିଜଧାରୀମାନେ ଗାଡ଼ିଗୁଡ଼ିକୁ ସରକାର ଦେଉଥିବା ଟ୍ରାନଜିଟ୍ ଫର୍ମ ଦେବା କଥା। ହେଲେ ଏହା ଦେଉନାହାନ୍ତି। ଯେଉଁଥିଲାଗି ବିଭିନ୍ନ ସ୍ଥାନରେ ବାଲି ଗାଡ଼ି ଉପରେ ଚଢ଼ାଉ କରି ସରକାରୀ ଅଧିକାରୀ ମୋଟା ଅଙ୍କର ଜରିମାନା ଆଦାୟ କରୁଛନ୍ତି। ଏହାକୁ ଯଦି ସରକାର ରୋକିବାକୁ ଚାହୁଁଛନ୍ତି ତେବେ ଗାଡିରେ ଜିପିଏସ ବ୍ୟବସ୍ଥା କରାଯାଉ ବୋଲି ମାଲିକ ସଂଘ ଦାବି କରିଛି।

## ପୁରୀ ବନ୍ଦ ଲାଗି ସଙ୍କେତ ଦେଲା ଭାଜପା

**ହାଜତ ମୃତ୍ୟୁ ଘଟଣା**

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**

ପୁରୀ ହାଜତ ମୃତ୍ୟୁ ଘଟଣାକୁ ନେଇ ଦିନକୁ ଦିନ ନୂଆ ନୂଆ ପ୍ରଶ୍ନ ସାମ୍ନାକୁ ଆସିବାରେ ଲାଗିଛି। ପ୍ରତ୍ୟେକ ଦିନ ଭାଜପା ଭିନ୍ନ ଭିନ୍ନ ପ୍ରଶ୍ନ ଆଗକୁ ଆଣି ପୋଲିସର ଦୋଷ ଦୁର୍ବଳତା ନେଇ ଉଲ୍ଲେଖ କରାଯାଉଛି। ଏହି ଘଟଣାରେ ପୁରୀ ଏସ୍‌ପି ଅଖିଳେଶ୍ୱର ସିଂହଙ୍କୁ ଅନ୍ୟତ୍ର ବଦଳି କରାଯାଇ ତାଙ୍କ ସ୍ଥାନରେ ଅନ୍ୟ ଜଣଙ୍କୁ ଦାୟିତ୍ୱ ମଧ୍ୟ ମିଳିସାରିଛି। ହେଲେ ମୃତକଙ୍କ ପରିବାର ସଦସ୍ୟଙ୍କୁ ପୋଲିସ ଲୁଚାଇ ରଖୁଥିବା ନେଇ କୁହାଯାଉଥିବା ବେଳେ ଏସ୍‌ପି ଏବଂ ବାସେଳି ସାହି ଥାନାର ଆଇଆଇସିଙ୍କୁ ବହିଷ୍କାର ପାଇଁ ଭାଜପା ଦାବି କରିଛି। ଏହାସହ ଖୁବ୍‌ଶୀଘ୍ର ଏହି ପ୍ରସଙ୍ଗରେ ପୁରୀ ବନ୍ଦ ଡାକରା ଦିଆଯିବ ବୋଲି ମଧ୍ୟ କୁହାଯାଇଛି। ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ କହିଛନ୍ତି ଯେ, ମୃତ ରମେଶଙ୍କ ପରିବାର ଉପରେ ଚାପ ପଡୁଛି। ମୃତକଙ୍କ ମା’ଙ୍କୁ କେଉଁଠାରେ ଲୁଚାଇ ରଖାଯାଇଛି। ଏହାର ପତ୍ତା ମଧ୍ୟ ମିଳୁନାହିଁ। ତାଙ୍କ ମା’ ଆସିଲେ ବହୁତ କିଛି ଖୁଲାସା ହେବ ବୋଲି ସେ କହିଛନ୍ତି। ଅନ୍ୟପଟେ ବିଧାୟକ ମୋହନ ମାଝି କହିଛନ୍ତି, ବିଧାନସଭାରେ ଏହି ପ୍ରସଙ୍ଗ ଉଠାଯିବ। ଏଥିଲାଗି ମୁଲତବୀ ପ୍ରସ୍ତାବ ଦିଆଯାଇଛି। ଦରକାର ପଡ଼ିଲେ ସୋମବାର ପୁରୀ ବନ୍ଦ ଡାକରା ଦିଆଯାଇପାରେ ବୋଲି ମୋହନ କହିଛନ୍ତି। ଅନ୍ୟପଟେ ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ହାଜତ ମୃତ୍ୟୁ ଘଟଣାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ। ଏହି ଘଟଣା ଅତ୍ୟନ୍ତ ନିନ୍ଦନୀୟ ଏବଂ ଦୁର୍ଭାଗ୍ୟଜନକ। ପିପିଲି ପୋଲିସ ହାଜତରେ ଯେପରି ୬ଜଣଙ୍କୁ ମାଡ଼ ମରାଯାଇଛି ସେମାନେ ଏବେ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ଅଛନ୍ତି। ଏଥିରୁ ସ୍ପଷ୍ଟ ବୁଝାପଡୁଛି ପୋଲିସ ବର୍ତ୍ତମାନ ଶାସକ ଦଳ ଗୁଣ୍ଡା ସାଜିଛି। ସରକାର ବିକାଶ କଥା ସମ୍ପୂର୍ଣ୍ଣ ଭୁଲିଗଲେଣି ବୋଲି ସେ କହିଛନ୍ତି।






## ୬ ବିଶ୍ୱବିଦ୍ୟାଳୟ କୁଳପତି ଚୟନ ପାଇଁ ଆଜି ସାକ୍ଷାତ୍‌କାର

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**

ଓଡ଼ିଶାରେ ଖାଲି ପଡ଼ିଥିବା ୬ ବିଶ୍ୱବିଦ୍ୟାଳୟ କୁଳପତି ପଦବୀ ପୂରଣ ପାଇଁ ସୋମବାର ପ୍ରାର୍ଥୀମାନଙ୍କ ସାକ୍ଷାତ୍‌କାର ଅନୁଷ୍ଠିତ ହେବ। କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ସାକ୍ଷାତ୍‌କାର ନେବେ। ଏଥିପାଇଁ ୧୮ଜଣ ଶର୍ଟ ଲିଷ୍ଟେଡ୍ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୨ଜଣ ରାଜ୍ୟରେ ଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଆସିଥିବାବେଳେ ୬ଜଣ ରାଜ୍ୟ ବାହାର ଶିକ୍ଷାନୁଷ୍ଠାନରୁ ରହିଥିବା ଜଣାପଡ଼ିଛି। ସର୍ଚ୍ଚ କମିଟି ଦ୍ୱାରା ଯୋଗ୍ୟ ବିବେଚିତ ହୋଇ ପ୍ୟାନେଲ୍‌ରେ ଥିବା ପ୍ରାର୍ଥୀମାନେ କୁଳାଧିପତିଙ୍କ ସହ ସାକ୍ଷାତ୍‌କାର ଲାଗି ସୋମବାର ପୂର୍ବାହ୍ନ ୧୧ଟା ସୁଦ୍ଧା ରାଜଭବନରେ ପହଞ୍ଚିବା ପାଇଁ ସୂଚନା ଦିଆଯାଇଛି। ସାକ୍ଷାତ୍‌କାର ପରେ କେଉଁ ବିଶ୍ୱବିଦ୍ୟାଳୟ ଲାଗି କିଏ କୁଳପତି ଭାବେ ନିଯୁକ୍ତି ପାଇବେ ତାହା ଜଣାପଡ଼ିବ। ସୂଚନାଯୋଗ୍ୟ, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ସୌମେନ୍ଦ୍ର ମୋହନ ପଟ୍ଟନାୟକ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପଦ୍ମଜା ମିଶ୍ର, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର କୁଳପତି ଅମରେନ୍ଦ୍ର ନାରାୟଣ ମିଶ୍ର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ଅତନୁ କୁମାର ପତି, ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ମଧୁମିତା ଦାସ ଓ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଦୀପ କୁମାର ଚାନ୍ଦଙ୍କ କାର୍ଯ୍ୟକାଳ ପ୍ରାୟ ୮ ମାସ ତଳୁ ସରିଯାଇଛି। କିନ୍ତୁ ସେମାନଙ୍କ ଉତ୍ତରାଧିକାରୀ ଚୟନ କରାଯାଇ ନ ଥିବା ଯୋଗୁ କୁଳାଧିପତିମାନଙ୍କ କାର୍ଯ୍ୟକାଳ ବାରମ୍ବାର ବଢ଼ା ଯାଇଛି।

## ପାଟଦରା ଜଙ୍ଗଲରୁ ମାଓବାଦୀ କ୍ୟାମ୍ପ ଠାବ



ମାଓବାଦୀ କ୍ୟାମ୍ପରୁ ଜବତ ବିଭିନ୍ନ ସାମଗ୍ରୀ।

**ବୋଡେନ/ଖଡ଼ିଆଲ, ୨୨।୧୧ (ଡି.ଏନ.ଏ.)**

- ଗୋଟିଏ ପିସ୍ତଲ, ୫ ରାଇଫଲ ଜବତ
- କଟକ, ଭୁବନେଶ୍ୱର, ପୁରୀର ରାଜନୀତି ମାନଚିତ୍ର ବି ଜବତ
- ଛତ୍ରଭଙ୍ଗ ଦେଲେ ମାଓବାଦୀ

ନୂଆପଡ଼ା ଜିଲା ବୋଡେନ ଥାନା ଅନ୍ତର୍ଗତ ଭଇଁସାଦାନୀ ପଞ୍ଚାୟତ ପାଟଦରା ଭଇଁସିମୁଣ୍ଡି ଗ୍ରାମ ନିକଟ ଜଙ୍ଗଲରୁ ମାଓବାଦୀ କ୍ୟାମ୍ପ ଠାବ କରାଯାଇଛି। ସେଠାରୁ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ ହୋଇଛି। ହେଲେ ମାଓବାଦୀମାନେ ଛତ୍ରଭଙ୍ଗ ଦେବା ଯୋଗୁ କାହାକୁ ଗିରଫ କରାଯାଇପାରିନାହିଁ। ଘଟଣାସ୍ଥଳରୁ କୋରଟେକ୍ସ ତାର, ୩୩ଟି ବିଦ୍ୟୁତ୍ ଡେଟୋନେଟର, ଗୋଟିଏ ପିସ୍ତଲ, ୫ ରାଇଫଲ, ୩ ରାଇଫଲ ବେରଲ, ଖାଦ୍ୟସାମଗ୍ରୀ, ୧୭ଟି ସିଡୀ, ଡିଭିଡି, ଗୋଟିଏ ୧୨ ଭୋଲଟ ବ୍ୟାଟେରି, ଚାର୍ଜର, ବ୍ୟାଟେରି କଣ୍ଟେନେଟର, ବିଦ୍ୟୁତ୍ ଭୋଲଟାମିଟର ଓ କଟକ, ଭୁବନେଶ୍ୱର, ପୁରୀ ଏବଂ ଆନ୍ଧ୍ରପ୍ରଦେଶର ରାଜନୀତି ମାନଚିତ୍ର ଜବତ ହୋଇଛି। ବିଶେଷ ସୂତ୍ରରୁ ସୂଚନା ପାଇ ଭଇସାଁଦାନୀ ସିଆରପିଏଫ ୨୧୬ ବାଟାଲିୟନ କମାଣ୍ଡାଣ୍ଟ ଉଷା ସିଂଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ କମାଣ୍ଡାଣ୍ଟ ଅମୃତ ସିଂଙ୍କ ନେତୃତ୍ୱରେ ଏହି କୋମ୍ବିଂ ଅପରେଶନ କରାଯାଇଥିଲା।



ଜାତୀୟ ପତାକା ସହ ସିଦ୍ଧାର୍ଥ।

## ଢେଙ୍କାନାଳରୁ ଭୁବନେଶ୍ୱର ଦୌଡ଼ିଲେ ସିଦ୍ଧାର୍ଥ

**କୋଭିଡ୍ ଯୋଦ୍ଧାଙ୍କୁ ନିଆରା ସମ୍ମାନ**

**ଢେଙ୍କାନାଳ ଅଫିସ, ୨୨।୧୧**

ଦୀର୍ଘ ୮ ମାସ ହେଲା କରୋନା କବଳରେ ଘାଣ୍ଟି ହେଉଛନ୍ତି ଦେଶବାସୀ। ପ୍ରତିଦିନ ହଜାର ହଜାର ସଂଖ୍ୟାରେ ରୋଗୀ ସଂକ୍ରମିତ ହେଉଛନ୍ତି। ଅନେକଙ୍କ ଜୀବନ ଗଲାଣି। ଏପରି କଷ୍ଟକର ସମୟରେ ଦିନରାତି ଏକ୍ କରି ଲୋକଙ୍କ ଜୀବନ ରକ୍ଷା କରିବାରେ ଲାଗିଛନ୍ତି କୋଭିଡ୍ ଯୋଦ୍ଧା। ସେମାନଙ୍କ ମନୋବଳ ବଢ଼ାଇବା ଲାଗି ବିଭିନ୍ନ ସ୍ତରରେ ଉଦ୍ୟମ କରାଯାଉଛି। ତେବେ ଭୁବନ ବ୍ଲକ ମାର୍ଥାପୁର ପଞ୍ଚାୟତ ଗୋବିନ୍ଦପୁରର ଅବସରପ୍ରାପ୍ତ ସେନା କର୍ମଚାରୀ ସିଦ୍ଧାର୍ଥ ଶଙ୍କର ଦାସ ଏ କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିଛନ୍ତି। କୋଭିଡ୍‌ରେ ଜୀବନ ହରାଇଥିବା ଯୋଦ୍ଧାଙ୍କୁ ସମ୍ମାନ ଜଣାଇବା ସହ କରୋନା ରୋଗୀଙ୍କ ପାଇଁ ଦେବଦୂତ ପାଲଟିଥିବା ଡାକ୍ତର ଏବଂ କର୍ମଚାରୀଙ୍କୁ ଉତ୍ସାହିତ କରିବାକୁ ସେ ରବିବାର ଢେଙ୍କାନାଳରୁ ଭୁବନେଶ୍ୱର ଯାଏ ୧୦୦ କି.ମି. ଦୌଡ଼ିଛନ୍ତି।

ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ, ଭୋର୍ ୪ଟା ୫ରେ ସ୍ଥାନୀୟ ଜିଲା କାର୍ଯ୍ୟାଳୟ ସମ୍ମୁଖରୁ ତ୍ରିରଙ୍ଗା ପତାକା ଧରି ଦୌଡ଼ିବା ଆରମ୍ଭ କରିଥିଲେ ସିଦ୍ଧାର୍ଥ। ଚୌଦ୍ୱାର-ମଙ୍ଗୁଳି ଛକ-ଜଗତପୁର-କଟକ ଦେଇ ଅପରାହ୍ନ ୩ଟାରେ ସେ ଭୁବନେଶ୍ୱରର ୭ମ ବାଟାଲିୟନରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ପୋଲିସ ପକ୍ଷରୁ ତାଙ୍କୁ ବିଭିନ୍ନ ସ୍ଥାନରେ ସହାୟତା ଯୋଗାଇ ଦିଆଯାଇଥିଲା। ଜିଲା କାର୍ଯ୍ୟାଳୟ ଆଗରେ କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତିଙ୍କ ସମେତ ବହୁ କ୍ରୀଡ଼ାବିତ୍ ଉପସ୍ଥିତ ରହି ତାଙ୍କୁ ଉତ୍ସାହିତ କରିଥିଲେ।

## ଆଜି ପ୍ରକାଶ ପାଇବ ନାକ୍ ରିପୋର୍ଟ

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**

ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଦ୍ୱାରା ସୋମବାର ନାକ ରିପୋର୍ଟ ପ୍ରକାଶ ପାଇବ। ରାଜ୍ୟରେ ମୋଟ ୧୧୦୦ କଲେଜ ଏବଂ ବିଶ୍ୱବିଦ୍ୟାଳୟ ଥିବାବେଳେ ସେଥିରୁ ୨୮୦ଟି ନାକ୍ ସ୍ୱୀକୃତିପ୍ରାପ୍ତ ଅଛି। ଉକ୍ତ କଲେଜ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକର ଏକ ରିପୋର୍ଟ ପ୍ରସ୍ତୁତ ହୋଇଛି। କରୋନା ମହାମାରୀ ଯୋଗୁ ବିଳମ୍ବରେ ଏହି ରିପୋର୍ଟ ପ୍ରକାଶ ପାଇବ। ନାକ୍ ଅଧୀନରେ ରହିଥିବା ସରକାରୀ ଏବଂ ବେସରକାରୀ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ କେଉଁଥିରେ କିଏ ଶିକ୍ଷାଦାନ, ଶିକ୍ଷାଗ୍ରହଣ ନେଇ ର୍ୟାଙ୍କିଂ ପ୍ରସ୍ତୁତ ହୋଇଛି। ଏନେଇ ଏକ ପୁସ୍ତକ ପ୍ରସ୍ତୁତ କରାଯାଇଛି। ଏଥିରେ ଓଡିଶାର ଇତିହାସ ନେଇ ବିଭିନ୍ନ ବିଷୟବସ୍ତୁ ଥିବାବେଳେ ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ କ୍ଷେତ୍ରରେ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ କେଉଁଠି ଭୁଲ୍ ରହିଛି ତା’ଉପରେ ତଥ୍ୟ ସଂଗୃହିତ କରି ରଖାଯାଇଛି। ମୁଖ୍ୟତଃ ୭ଟି ବିଷୟ ଉପରେ ଆଧାରିତ ପଏଣ୍ଟକୁ ନେଇ ର୍ୟାଙ୍କିଂ ଦିଆଯାଏ। ଏନେଇ ବାହାରୁ ନାକ୍‌ର ଦୁଇଜଣ ଅଧିକାରୀ ଓଡିଶା ଆସିଥିବା ଜଣାପଡିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ...............................



ରୋଜାଲିନ୍
ପରିବାରବର୍ଗ



ରାଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୬୫ ଗ୍ରାମ୍ ବ୍ରାଉନ୍‌ସୁଗାର, ୨୩.୫୮ ଲକ୍ଷ ଟଙ୍କା ଜବତ



ଜବତ ବ୍ରାଉନ୍ ସୁଗାର, ଟଙ୍କା ଓ ଗିରଫ ଅଭିଯୁକ୍ତ।

**ବାଲେଶ୍ୱର ଅଫିସ, ୨୨।୧୧**

ବାଲେଶ୍ୱର ସହଦେବଖୁଣ୍ଟା ମଡେଲ ଥାନା ଅଧୀନ ଅରଡ଼ବଜାର ଅଞ୍ଚଳରେ ଜିଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ରବିବାର ଚଢାଉ କରି ୬୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୬ ଲକ୍ଷରୁ ଊର୍ଦ୍ଧ୍ୱ ହେବ। ଏଥିରେ ସମ୍ପୃକ୍ତ ବ୍ୟବସାୟୀ ଓ୍ୱାଶିଦ(ମୁନା) ଖାଁ(୩୦)ଙ୍କୁ ପୋଲିସ ଗିରଫ କରିଛି। ତାଙ୍କଠାରୁ ନଗଦ ୨୩ଲକ୍ଷ ୫୮ହଜାର ୨୫୦ଟଙ୍କା ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୩୨୫/୨୦) ରୁଜୁ କରିଛି। ଘଟଣାସ୍ଥଳରୁ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତ ମୁନା କୁଖ୍ୟାତ ଡ୍ରଗ୍ସ ବେପାରୀ ଶେଖ୍ ରାଜାଙ୍କ ସମ୍ପର୍କୀୟ ବୋଲି ଜଣାପଡ଼ିଛି। ରାଜା ସହଦେବଖୁଣ୍ଟା ଅଞ୍ଚଳର ବାସିନ୍ଦା। ଗତ ସେପ୍ଟେମ୍ବର ୧୬ରେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ତାଙ୍କୁ ଭୁବନେଶ୍ୱର ଖଣ୍ଡଗିରି ଥାନାଞ୍ଚଳରୁ ଗିରଫ କରିବା ପରେ ତାଙ୍କ କାରବାରକୁ ମୁନା ସମ୍ଭାଳୁଥିଲେ। ରାଜାଙ୍କୁ ଜେରା କରାଯିବା ପରେ ତାଙ୍କର ଲିଙ୍କ୍ ଆନ୍ତଃ ରାଜ୍ୟ ଓ ବାଂଲାଦେଶ, ନେପାଳର ଡ୍ରଗ୍ସ ମାଫିଆଙ୍କ ସହ ରହିଥିବା ଜଣାପଡ଼ିଥିଲା। ଏପରି କି ବିଭିନ୍ନ ଥାନାରେ ରାଜାଙ୍କ ନାମରେ ଦାଦାବଟି ଆଦାୟ, ଗୁଳିକାଣ୍ଡ ଭଳି ଅନେକ ମାମଲା ରହିଛି। ରାଜା, ମୁନା ଗିରଫ ହେବା ପରେ ଏହି ଧଳା ଜହର କାରବାରରେ ଅନ୍ୟ କେଉଁମାନେ ସମ୍ପୃକ୍ତ ରହିଛନ୍ତି ଏବଂ କାରବାରର ଚେର କେଉଁ ପର୍ଯ୍ୟନ୍ତ ଲମ୍ବିଛି ସେନେଇ ତଦନ୍ତ କରାଯାଉଛି। କାରଣ ରବିବାର ବିପୁଳ ଟଙ୍କା ଓ ବ୍ରାଉନସୁଗାର ଜବତ ପରେ ବାଲେଶ୍ୱର ଜିଲାରେ ବ୍ରାଉନସୁଗାର ବ୍ୟବସାୟୀ ସକ୍ରିୟ ଥିବା ସ୍ପଷ୍ଟ ହେଉଛି। ଏହାପୂର୍ବରୁ ଗତ ୭ ତାରିଖରେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଏବଂ ବାଲେଶ୍ୱର ପୋଲିସ

ସହଦେବଖୁଣ୍ଟା ଅଞ୍ଚଳରେ ଚଢ଼ାଉ କରି ପ୍ରାୟ ୧ କୋଟି ଟଙ୍କା ମୂଲ୍ୟର ୧.୧୦୫ କେଜି ବ୍ରାଉନ୍‌ସୁଗାର ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ସେକ୍ ଜମିର(ଛୋଟୁ), ପ୍ରଭାତ ସେଠୀ ଓ ଯଶୋବନ୍ତ ବାଗ୍। ସେହିପରି ଗତ ଜାନୁୟାରୀ ୨୮ରେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ବାଲେଶ୍ୱରରୁ ପ୍ରାୟ ୩୦ ଲକ୍ଷ ଟଙ୍କାର ୩୦୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଥିଲା।

# 'ସୁନ୍ଦରୀ' ସ୍ଥିତି ଜଣାଇବାକୁ ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)**

ସାତକୋଶିଆରେ ଏବେ ବନ୍ଦୀ ଜୀବନ ବିତାଉଛି ବାଘୁଣୀ 'ସୁନ୍ଦରୀ'। ସୁନ୍ଦରୀର ଘର ବାହୁଡ଼ା ନେଇ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ହୋଇପାରୁନି। ଏ ସଂକ୍ରାନ୍ତରେ ମଧ୍ୟପ୍ରଦେଶ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ହୋଇଛି। ଏକ ସଂସ୍ଥା ପକ୍ଷରୁ ଉକ୍ତ ମାମଲା ଦାଏର କରାଯାଇଥିଲା। ସୁନ୍ଦରୀ କାହିଁକି ଏନ୍‌କ୍ଲୋଜରରେ ରହିଛି, ସାତକୋଶିଆରେ ବାଘ ବଂଶ ବୃଦ୍ଧି ପାଇଁ କରାଯାଇଥିବା ଯୋଜନା କାହିଁକି ଫେଲ୍ ମାରିଲା, ଦୀର୍ଘଦିନ ପରେ ମଧ୍ୟ ସୁନ୍ଦରୀ ବାବଦରେ କାହିଁକି କୌଣସି ନିଷ୍ପତ୍ତି ନିଆଯାଇ ପାରୁନାହିଁ ବୋଲି ଅଭିଯୋଗ ହୋଇଥିଲା। ମାମଲାର ଶୁଣାଣି କରି ସମସ୍ତ ରିପୋର୍ଟ ସହ ସୁନ୍ଦରୀର ବର୍ତ୍ତମାନର ସ୍ଥିତି ଜଣାଇବା ପାଇଁ ରାଜ୍ୟ ବନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ମଧ୍ୟପ୍ରଦେଶ ହାଇକୋର୍ଟ। ନିର୍ଦ୍ଦେଶାନୁସାରେ, ଆସନ୍ତା ସପ୍ତାହରେ ଓଡ଼ିଶା ବନ ବିଭାଗ ପକ୍ଷରୁ ଅନୁଗୋଳ ଡିଏଫ୍‌ଓ ମଧ୍ୟପ୍ରଦେଶ ହାଇକୋର୍ଟରେ ହାଜର ହୋଇ ପକ୍ଷ ରଖିବେ। ସେପଟେ ବନ ବିଭାଗ ପକ୍ଷରୁ କୁହାଯାଇଛି ଯେ, ବାରମ୍ବାର ପତ୍ର ଲେଖିବା ପରେ ମଧ ମଧ୍ୟପ୍ରଦେଶ ବନ ବିଭାଗ ସୁନ୍ଦରୀକୁ ଫେରାଇ ନେବାରେ ବିଳମ୍ବ କରୁଛି। ଅନ୍ୟପଟେ ବାଘୁଣୀ ଏତେଦିନ ଏନ୍‌କ୍ଲୋଜର ଭିତରେ ରହିଥିବାରୁ ତା'ର ବ୍ୟବହାରରେ ପରିବର୍ତ୍ତନ ହୋଇଯାଇଥିବ। ତେଣୁ ଆଉ ଜଙ୍ଗଲରେ ଛାଡ଼ି ହେବ ନାହିଁ। ତାକୁ ଚିଡ଼ିଆଖାନାରେ ରଖାଯାଉ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି।



ଉଲ୍ଲେଖଯୋଗ୍ୟ, ରାଜ୍ୟରେ ବ୍ୟାଘ୍ର ବଂଶ ବୃଦ୍ଧି କରିବା ପାଇଁ ମଧ୍ୟପ୍ରଦେଶରୁ ଦୁଇଟି ବାଘ ଆସିଥିଲା। ସେଥିମଧ୍ୟରୁ ଗୋଟିଏ ବାଘ 'ମହାବୀର'ର ମୃତ୍ୟୁ ଘଟିଥିବାବେଳେ ମଣିଷ ମାରିବା ଅଭିଯୋଗ ହେବା ପରେ 'ସୁନ୍ଦରୀ'କୁ ଏନ୍‌କ୍ଲୋଜରରେ ରଖାଯାଇଛି।

# ୩.୧୩ ଲକ୍ଷ ଛୁଇଁଲା ସଂକ୍ରମଣ, ୧,୬୪୦ ମୃତ

**ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ଧୀରେ ଧୀରେ ନିମ୍ନଗାମୀ ହେବାରେ ଲାଗିଛି। ଏଯାବତ୍ ୫୫,୬୩,୯୨୬ ନମୁନା ପରୀକ୍ଷା ହୋଇଥିବାବେଳେ ଏହାର ୫.୬୪% ପଜିଟିଭ୍ ବାହାରିଛି। ଗତ ୨୪ ଘଣ୍ଟାରେ ୪୫,୨୮୨ ନମୁନା ପରୀକ୍ଷା ହୋଇଥିଲା। ମାତ୍ର ୬୩୮ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଏଥିମଧ୍ୟରୁ ଖୋର୍ଦ୍ଧାରୁ ସର୍ବାଧିକ ୭୦ଜଣ, ମୟୂରଭଞ୍ଜରୁ ୬୫ ଓ ଜଗତ୍‌ସିଂହପୁରରୁ ୫୦ଜଣ ରହିଛନ୍ତି। ବାକିସବୁ ଜିଲାରେ ନୂଆ ସଂକ୍ରମିତ ସଂଖ୍ୟା ୫୦ତଳକୁ ରହିଥିବାବେଳେ ସୋନପୁର ଓ ରାୟଗଡ଼ାରେ ସର୍ବନିମ୍ନ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ସଂକ୍ରମଣ ୩,୧୩,୯୬୧ରେ ପହଞ୍ଚିଛି। ଅନ୍ୟପଟେ ରାଜ୍ୟରେ ଆଉ ୧୫ଜଣଙ୍କ କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ସୁନ୍ଦରଗଡ଼ରୁ ସର୍ବାଧିକ ୪ଜଣ ଥିବାବେଳେ ଖୋର୍ଦ୍ଧା ୩, କେନ୍ଦୁଝର ୨, ସମ୍ବଲପୁର, ଝାରସୁଗୁଡ଼ା, ଗଞ୍ଜାମ, କଟକ, ବଲାଙ୍ଗୀର ଓ ଅନୁଗୋଳରୁ ଜଣେ ଲେଖାଏ ରହିଛନ୍ତି। ଏହାକୁ ମିଶାଇ ମୃତ୍ୟୁ ସଂଖ୍ୟା ୧,୬୪୦କୁ ବୃଦ୍ଧି ପାଇଛି। ସେହିଭଳି ୯୦୫ଜଣ ଆକ୍ରାନ୍ତ ସୁସ୍ଥ ହେବା ପରେ ରାଜ୍ୟରେ ମୋଟ ଆରୋଗ୍ୟ ସଂଖ୍ୟା ୩,୦୫,୮୧୩ରେ ପହଞ୍ଚିଛି। ବର୍ତ୍ତମାନ ୬,୪୫୫ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### 'ଏହି ନିଷ୍ପତ୍ତି ...

ବଞ୍ଚିତ କରିବା ପାଇଁ ନୁହେଁ ବରଂ ଶିକ୍ଷାକୁ ସୁଦୃଢ଼ିକରଣ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଯେଉଁ ସ୍କୁଲ୍‌ଗୁଡ଼ିକୁ ପାଖ ସ୍କୁଲ ସହ ମିଶ୍ରଣ କରିବାକୁ ନିଷ୍ପତ୍ତି ହୋଇଛି, ଯଦି ସେଠାରେ ଛାତ୍ରୀଛାତ୍ରଙ୍କ ନାମଲେଖା ବଢିବ ତା'ହେଲେ ସେ ସ୍କୁଲ ପୁଣିଥରେ ଚାଲିପାରିବ। ଏନେଇ ଯଦି କାହାର କିଛି ଅଭିଯୋଗ ରହୁଛି ତାହେଲେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ନିକଟରେ ସେ ଅଭିଯୋଗ କରିପାରିବେ ଓ କମିଟି ତାହାର ପୁନର୍ବିଚାର କରିବ ବୋଲି ପ୍ରମିଳା କହିଥିଲେ।

ଅପରପକ୍ଷରେ ସାଢ଼େ ୧୪ ହଜାର ସ୍କୁଲ ବନ୍ଦ ନିଷ୍ପତ୍ତି ଆତ୍ମଘାତୀ ବୋଲି ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ କହିଥିଲେ। ରାଜ୍ୟର ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ପ୍ରତିବର୍ଷ ୧୧ଲକ୍ଷ ଛାତ୍ରୀଛାତ୍ର ନାମ ଲେଖାଉଛନ୍ତି। ମାତ୍ର ସେମାନଙ୍କ ମଧ୍ୟରୁ କେବଳ ୬ଲକ୍ଷ ପିଲା ମାଟ୍ରିକ ପରୀକ୍ଷା ଦେଉଛନ୍ତି। ବଳକା ୫ଲକ୍ଷ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡୁଛନ୍ତି। ଯଦି ଏତେସଂଖ୍ୟକ ସ୍କୁଲ ବନ୍ଦ ହୁଏ, ତା'ହେଲେ ଡ୍ରପ୍‌ଆଉଟ୍ ସଂଖ୍ୟା ଦୁଇଗୁଣା ହୋଇଯିବ ବୋଲି ସେଠୀ କହିଥିଲେ। ଯଦି ସରକାର ଏ ନିଷ୍ପତ୍ତି ନିଅନ୍ତି ତାହେଲେ କେବଳ କୋରାପୁଟରେ ୮୦୦ ସ୍କୁଲ ବନ୍ଦ ହୋଇଯିବ ଓ ବହୁ ପିଲା ଅଧାରୁ ପାଠ ଛାଡ଼ିବେ। ବିଧାୟକ, ମନ୍ତ୍ରୀମାନେ ସେମାନଙ୍କ ପିଲାଙ୍କୁ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ରେ ପଢାଉଥିବାରୁ ଏଭଳି ସମ୍ବେଦନଶୀଳ ଘଟଣାକୁ ବୁଝିପାରୁନାହାନ୍ତି। ମୁଖ୍ୟମନ୍ତ୍ରୀ ଏ ଘଟଣାକୁ ସମ୍ବେଦନଶୀଳତାର ସହ ବିଚାର କରିବାକୁ ସେ କହିଥିଲେ। ରିଡ୍ରେସାଲ କମିଟିକୁ ଅଧିକ ସରଳ(ଫ୍ଲେକ୍ସିବୁଲ) କରିବା ସହ ଜିଲାପାଳଙ୍କ ପରିବର୍ତ୍ତେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଏନେଇ ନିଷ୍ପତ୍ତି ନେବାର ଅଧିକାର ଦେବାକୁ ସେଠୀ ଦାବି କରିଥିଲେ। ସେହିଭଳି କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ଭୁବନେଶ୍ୱର ଉପକଣ୍ଠ ଅଞ୍ଚଳରେ ଏକାଧିକ ଗ୍ରାମରେ ସ୍କୁଲ ବନ୍ଦ ନିଷ୍ପତ୍ତିକୁ ବିରୋଧ କରିଥିଲେ। ରାଜଧାନୀ ଭୁବନେଶ୍ୱର ନିକଟରେ ସରକାର ବହୁ ସ୍କୁଲ ବନ୍ଦ କରିଦେଇଛନ୍ତି। ଏପରିକି ୬୦ରୁ ଅଧିକ ଛାତ୍ରୀଛାତ୍ର ଥାଇ ମଧ ଅନେକ ସ୍କୁଲକୁ ବନ୍ଦ କରିଦିଆଯାଇଛି। ଯଦି ଭୁବନେଶ୍ୱର ଉପକଣ୍ଠ ଅଞ୍ଚଳ ଏମିତି, ତା'ହେଲେ ଉପାନ୍ତ ଅଞ୍ଚଳ ଅବସ୍ଥା ଅନୁମାନଯୋଗ୍ୟ ବୋଲି ସୁର କହିଥିଲେ।

ସର୍ବଶିକ୍ଷା ଅଭିଯାନରେ କେନ୍ଦ୍ରୀୟ ଅନୁଦାନ ହ୍ରାସ ପ୍ରସଙ୍ଗକୁ ବିଜେଡି ବିଧାୟକ ଦେବୀପ୍ରସାଦ ମିଶ୍ର ଗୃହରେ ଉଠାଇଥିଲେ। ସର୍ବଶିକ୍ଷା ଅଭିଯାନରେ ପ୍ରଥମେ କେନ୍ଦ୍ର ୯୦ଭାଗ ଓ ରାଜ୍ୟ ୧୦ଭାଗ ଅର୍ଥ ପ୍ରଦାନ କରୁଥିଲା। ପରେ ତାହା ୭୫:୨୫ ଏବଂ ମୋଦି ସରକାରଙ୍କ ସମୟରେ ଏବେ ୬୦:୪୦ରେ ପହଞ୍ଚିଲାଣି। କେନ୍ଦ୍ର ଆରମ୍ଭ କରୁଥିବା ଯୋଜନା ପାଇଁ ରାଜ୍ୟ ସରକାର କ'ଣ ପାଇଁ ୪୦% ଅର୍ଥ ଦେବେ ବୋଲି ମିଶ୍ର ବିରୋଧୀ ଭାଜପା ସଦସ୍ୟଙ୍କୁ ପ୍ରଶ୍ନ କରିଥିଲେ। ଶିକ୍ଷା ବ୍ୟବସ୍ଥାରେ ଉଜ୍ଜ୍ୱଳା ଓ ଉତ୍‌ଥାନ ଭଳି ଯୋଜନା ପାଇଁ ନୀତି ଆୟୋଗ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରୁଥିବା ନେଇ ତଥ୍ୟ ସହ ଗୃହରେ ଉପସ୍ଥାପନ କରିଥିଲେ। ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବାକୁ ରାଜ୍ୟ ସରକାର ପ୍ରୟାସ କରୁଥିବା ବିଜେଡି ବିଧାୟକ ଅମର ଶତପଥୀ କହିଥିବାବେଳେ ବିଧାୟକ ଶଶିଭୂଷଣ ବେହେରା ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରସଙ୍ଗ ଉଠାଇଥିଲେ। ଓଡ଼ିଶାକୁ ଡ୍ରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ନ ଦେବାକୁ ସର୍ବଶିକ୍ଷା ଅଭିଯାନରେ କେନ୍ଦ୍ରୀୟ ଅନୁଦାନ ହ୍ରାସପାଇଛି। ଜାତୀୟ ଶିକ୍ଷାନୀତି ଆଧାରରେ ବିଦ୍ୟାଳୟ ଏକତ୍ରୀକରଣ ନିଷ୍ପତ୍ତି ନିଆଯାଇଥିବା ସେ କହିଥିଲେ।

### 'ପୋପ୍ ଲାଇକ୍ ...

ପସନ୍ଦ କରିବାରେ ଲାଗିଛନ୍ତି। ଅନେକେ ଏହା ଉପରେ କମେଣ୍ଟ ମଧ ଦେଉଛନ୍ତି। ଟ୍ରୋଲ୍ ହେବା ପରେ ନଟାଲିଆ କହିଛନ୍ତି, ତାଙ୍କ ମା' ଉକ୍ତ ଫଟୋକୁ ପ୍ରତ୍ୟାଖ୍ୟାନ କରିଥିବାବେଳେ ପୋପ୍ ଏହାକୁ ପସନ୍ଦ କରିଛନ୍ତି। ତାଙ୍କୁ ପୋପ୍‌ଙ୍କ ଆଶୀର୍ବାଦ ମିଳିଥିବାରୁ ସେ ନିଜ ଫଲୋୟର୍ସଙ୍କ ସହ ଭାଟିକାନ୍ ଯିବେ। ଅନ୍ତତଃ ମୁଁ ସ୍ୱର୍ଗକୁ ଯିବି ବୋଲି ସେ କହିଛନ୍ତି। ବିବାଦ ଉଠିବା ପରେ ନଭେମ୍ବର ୧୪ରେ ପୋପ୍‌ଙ୍କ ଆକାଉଣ୍ଟରୁ ଏହାକୁ ଅନ୍‌ଲାଇକ୍ କରି ଦିଆଯାଇଛି। ଫଟୋକୁ ଭୁଲ୍‌ରେ ଲାଇକ୍ କରାଯାଇଥିଲା ନା ଏହା ପଛରେ ଅନ୍ୟ କିଛି କାରଣ ରହିଛି ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ପୋପ୍‌ଙ୍କ ଆକାଉଣ୍ଟରୁ ସ୍ୱଳ୍ପ ବସ୍ତ୍ର ପରିହିତା ମଡେଲଙ୍କ ଫଟୋକୁ କିପରି ଲାଇକ୍ କରାଯାଇଥିଲା ସେନେଇ ଇନ୍‌ଷ୍ଟାଗ୍ରାମକୁ ସ୍ପଷ୍ଟୀକରଣ ମଗାଯାଇଥିବା ଭାଟିକାନ୍ ପକ୍ଷରୁ କୁହାଯାଇଛି। ଭାଟିକାନ୍ ଏହି ପ୍ରସଙ୍ଗରେ ତଦନ୍ତ ଆରମ୍ଭ କରିଛି। ଇନ୍‌ଷ୍ଟାଗ୍ରାମ୍‌ରେ ନଟାଲିଆଙ୍କ ୨୪ ଲକ୍ଷରୁ ଅଧିକ ଫଲୋୟର୍ସ ଅଛନ୍ତି। ବହୁ ଲୋକ ତାଙ୍କ ୱେବ୍‌ସାଇଟ୍ natagata.comର ପ୍ରାଇଭେଟ ମେମ୍ବର ମଧ୍ୟ ହୋଇଛନ୍ତି। ଉକ୍ତ ୱେବ୍‌ସାଇଟ୍‌ରେ ବହୁସଂଖ୍ୟକ ଅଶ୍ଳୀଳ ଫଟୋ ଓ ଭିଡିଓ ରହିଛି। ଅନ୍ୟପକ୍ଷେ ଏହି ସୋସିଆଲ ମିଡିଆ ପ୍ଲାଟଫର୍ମରେ ପୋପ୍‌ଙ୍କ ୭୪ ଲକ୍ଷ ଫଲୋୟର୍ସ ରହିଛନ୍ତି। ତାଙ୍କ ଇନ୍‌ଷ୍ଟାଗ୍ରାମ ଓ ଟୁଇଟର୍ ଆକାଉଣ୍ଟକୁ କେତେଜଣ ବିଶ୍ୱସ୍ତ ପ୍ରଫେସନାଲ୍ ମିଶି ପରିଚାଳନା କରିଥାଆନ୍ତି ବୋଲି ଜଣାପଡ଼ିଛି।

### ୧୫ରୁ କମ୍ ପିଲା ...

ଶ୍ରେଣୀ ବିଶିଷ୍ଟ ବିଦ୍ୟାଳୟକୁ ଉଚ୍ଚଶ୍ରେଣୀ ସ୍କୁଲକୁ ଉନ୍ନୀତ କରିବା ଓ ଗୋଟିଏ ସ୍ଥାନରେ ପ୍ରାଥମିକ ଓ ମାଧ୍ୟମିକସ୍ତରର ଶିକ୍ଷାଦାନ ଏକତ୍ରୀକରଣର ମୁଖ୍ୟ ଲକ୍ଷ୍ୟ। ବିଦ୍ୟାଳୟ ଏକତ୍ରୀକରଣ ନୀତିକୁ କାର୍ଯ୍ୟକାରୀ କରିବା ସମୟରେ ସ୍ଥାନୀୟ ସମସ୍ୟା, ଭୌଗୋଳିକ ସ୍ଥିତି, ପ୍ରାକୃତିକ ପ୍ରତିବନ୍ଧକ ଆଦିକୁ ଦୃଷ୍ଟିରେ ରଖାଯାଇଥିବା ଦାଶ କହିଛନ୍ତି। ଗୃହରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ପ୍ରମୁଖ ସିଡ୍ୟୁଲ ଏରିଆ, କେବିକେ ଅଞ୍ଚଳ ଏବଂ ପାହାଡ଼ିଆ ଅଞ୍ଚଳରେ ଥିବା ସ୍କୁଲ୍‌କୁ ମିଶ୍ରଣ ନ କରିବାକୁ ଦାବି କରିଥିଲେ। ତେବେ ମନ୍ତ୍ରୀ ଶ୍ରୀ ଦାଶ ସିଡ୍ୟୁଲ୍ ଏରିଆରେ ନିୟମ କୋହଳ କଥା ଘୋଷଣା କରିଥିଲେ ହେଁ କେବିକେ କିମ୍ବା ପାହାଡ଼ିଆ ଅଞ୍ଚଳ କଥା କିଛି କହି ନ ଥିଲେ, ଯାହାକୁ ନେଇ ମନ୍ତ୍ରୀଙ୍କ ବିବୃତି ସମୟରେ ଉଭୟ କଂଗ୍ରେସ ଓ ଭାଜପା ବିରୋଧ କରିଥିଲେ। ପ୍ରକାଶ ଯେ, ରାଜ୍ୟର ୬ଜିଲା ଯଥା ମୟୂରଭଞ୍ଜ, ସୁନ୍ଦରଗଡ଼, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଏବଂ ରାୟଗଡ଼ାକୁ ସମ୍ପୂର୍ଣ୍ଣ ସିଡ୍ୟୁଲ୍ ଏରିଆଭାବେ ଘୋଷଣା କରାଯାଇଥିବାବେଳେ ୭ ଜିଲା ସମ୍ବଲପୁର, କଳାହାଣ୍ଡି, ଗଜପତି, ଗଞ୍ଜାମ, କନ୍ଧମାଳ, କେନ୍ଦୁଝର ଓ ବାଲେଶ୍ୱରର କେତେକ ଅଞ୍ଚଳକୁ ସିଡ୍ୟୁଲ୍ ଏରିଆ ଅନ୍ତର୍ଭୁକ୍ତ କରାଯାଇଛି।

### ଲଗାତର ୩ୟ ଦିନ ...

ସମେତ ଦେଶର ଅନ୍ୟ ମେଟ୍ରୋ ସହରଗୁଡ଼ିକରେ ମଧ ପେଟ୍ରୋଲ ଲିଟର ପିଛା ୭ ରୁ ୮ ପଇସା ବଢ଼ିଛି। ଏହି ସ୍ଥାନଗୁଡ଼ିକରେ ଡିଜେଲ ଲିଟର ପିଛା ଲୋକଙ୍କୁ ୧୮ ରୁ ୨୦ ପଇସା ଅଧିକ ଦେବାକୁ ପଡୁଛି। ନୂଆଦିଲ୍ଲୀରେ ପେଟ୍ରୋଲ ଦର ୮୧.୪୬ ଟଙ୍କା ରହିଥିବା ବେଳେ ଡିଜେଲ ଦର ୭୧.୦୭ ଟଙ୍କା ରହିଛି। ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଦର ଯଥାକ୍ରମେ- ୮୪.୫୩ ଟଙ୍କା, ୮୩.୦୩ ଟଙ୍କା ଏବଂ ୮୮.୧୬ ଟଙ୍କା ରହିଛି। ସେହିଭଳି ଏହି ସହରଗୁଡ଼ିକରେ ଡିଜେଲ ଦର ଯଥାକ୍ରମେ- ୭୬.୫୫ ଟଙ୍କା, ୭୪.୬୪ ଟଙ୍କା ଏବଂ ୭୭.୫୪ ଟଙ୍କା ରହିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର କମ୍ ରହିବା ଯୋଗୁ ତୈଳ କମ୍ପାନୀମାନେ ଏହା ପୂର୍ବରୁ ଇନ୍ଧନ ଦରରେ କୌଣସି ପରିବର୍ତ୍ତନ କରିନଥିଲେ। ମାତ୍ର ବର୍ତ୍ତମାନ ସ୍ଥିତିରେ ପରିବର୍ତ୍ତନ ଆସିବାରୁ ତେଲ ଦର ବଢୁଥିବା ଦେଖାଯାଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବିଭିନ୍ନ ସମସ୍ୟାରେ ଜଡ଼ିତ ରହିଲେ ମଧ ଆନନ୍ଦର ଅନୁଭୂତି ଲାଭ କରିବେ। ବନ୍ଧୁଙ୍କ ସାହାଯ୍ୟରୁ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ଓ ପାରିବାରିକ ସମସ୍ୟା ସମାଧାନ ହେବ। ଅର୍ଥ, ପ୍ରଶାସନ, ଆଇନ, ସଭା ସମିତି, ଆନୁଷ୍ଠାନିକ କାମ ଓ ବନ୍ଧୁ ମିଳନ ହେତୁ ଖୁସି ରହିବେ। ମନ ପସନ୍ଦର ଜିନିଷ ପାଇ ଆନନ୍ଦ ଅନୁଭବ କରିପାରନ୍ତି।

**ବୃଷ** ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିଲେ ମଧ ବିଶେଷ କିଛି ଗୁରୁତର ହେବ ନାହିଁ। ପରିବାରରୁ ପୂର୍ଣ୍ଣ ସମର୍ଥନ ନ ପାଇଲେ ମଧ କର୍ମକ୍ଷେତ୍ରରେ ଗଠନ ମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ବ୍ୟବସାୟିକ ସଫଳତା ମିଳିବ ଓ କଳା ସାହିତ୍ୟରେ ପ୍ରଶଂସିତ ହେବେ। ଦୀର୍ଘ ଦିନରୁ ରହିଥିବା ବିବାଦୀୟ ଘଟଣାର ଅବସାନ ଘଟିବ।

**ମିଥୁନ** ବନ୍ଧୁମାନଙ୍କ ଅନୁରୋଧ କ୍ରମେ କୌଣସି କାମ ସକାଶେ ଭ୍ରମଣରେ ବାହାରି ପଡିବେ। ମିଠା କଥା କହି ସହକର୍ମୀଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। ବାଣିଜ୍ୟ, ବ୍ୟବସାୟରେ ମନାନ୍ତର ଦେଖା ଦେଇପାରେ । ଆତ୍ମୀୟମାନେ ଅସହଯୋଗ କରିପାରନ୍ତି, ଯାହା କି ସାମୟିକ ସମସ୍ୟା ସୃଷ୍ଟି କରିପାରେ।

**କର୍କଟ** ଆପଣଙ୍କ ମୂଳ ଉଦ୍ଦେଶ୍ୟକୁ ନ ବୁଝି ନ ଶୁଝି କର୍ମକ୍ଷେତ୍ରରେ ସହକର୍ମୀମାନେ ସହଯୋଗର ହାତ ବଢାଇବେ । କିନ୍ତୁ କାର୍ଯ୍ୟକଳାପରେ କିଛି ତ୍ରୁଟିବିଚ୍ୟୁତି କାରଣରୁ ଲଘୁକ୍ରୋଧ ସମ୍ପର୍କ ହାନି କରିବ। ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ** ଅଧିକାଂଶ ସମୟରେ ମାନସିକ ଦୁଶ୍ଚିନ୍ତା ମନକୁ କବଳିତ କରି ରଖିବ। ବିଭିନ୍ନ ଯୋଜନା ସମ୍ପର୍କୀୟ ଆଲୋଚନା, ଜମିଜମା କାରବାର ସକାଶେ ବ୍ୟସ୍ତତା ବଢିଯିବ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା** ଆଜି ଯେତିକି ପାଇବେ ତାହାର ଦୁଇଗୁଣା ଖର୍ଚ୍ଚ ମାନସିକ ଅସ୍ଥିରତାର କାରଣ ପାଲଟିବ। କର୍ମକ୍ଷେତ୍ରରେ ସମସ୍ୟା ଲାଗିରହିବାରୁ ମନ ଭଲ ରହିବ ନାହିଁ। ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଭଲ ସମ୍ପର୍କ ରହିଥିବା ଆତ୍ମୀୟଙ୍କ ଆରୋଗ୍ୟ ପାଇଁ ଚିନ୍ତା ବଢ଼ିପାରେ।

**ତୁଳା** ନୂତନ ବନ୍ଧୁତ୍ୱ ଡୋରିରେ ବାନ୍ଧିହୋଇ ଜୀବନର ଏକ ନୂତନ ଅଧ୍ୟାୟକୁ ଆରମ୍ଭ କରିପାରନ୍ତି। ଆଲୋଚନା ପରିସରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପାରସ୍ପରିକ ଆଲୋଚନା କରିବା ଭଲ ହେବ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ। ସ୍ଥିରୀକୃତ ଗସ୍ତ କାର୍ଯ୍ୟକ୍ରମ ଆକସ୍ମିକ ଭାବେ ବାତିଲ ହୋଇପାରେ।

**ବିଛା** ଏକାଧିକ କାମ ହାତକୁ ନେଇ କୌଣସିଟିକୁ ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ। ଜମିଜମା କିମ୍ବା ଗୃହସୀମା ବିବାଦରୁ ସହସା ମୁକ୍ତି ମିଳିବ। ଆନୁଷ୍ଠାନିକ କାମରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡିପାରେ।

**ଧନୁ** ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତି ମାନସିକ ସ୍ଥିରତା ରକ୍ଷା କରିବାରେ ସମର୍ଥ ହେବ। ନିଜର ପୂର୍ବ ଦୈନନ୍ଦିନ ଜୀବନଚର୍ଯ୍ୟାକୁ ବଦଳାଇବାକୁ ବାଧ ହୋଇପାରନ୍ତି। ସାଂଗଠନିକ କ୍ଷେତ୍ରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ ସାମୟିକ ପେଟ ଓ ମୁଣ୍ଡର ରୋଗରେ କଷ୍ଟ ପାଇବେ।

**ମକର** ବୈଷୟିକ ଉନ୍ନତି ସଙ୍ଗକୁ ଆଜି ଦିନରେ ଯେଉଁ କାମରେ ହାତ ଦେବେ ସଫଳତା ପାଇବେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ମିତ୍ରଭଳି ଆଚରଣ କରିପାରନ୍ତି। ପ୍ରତ୍ୟୁଷ ଯାତ୍ରା, ଆଇନ, କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଶିଳ୍ପ, ବ୍ୟବସାୟରେ ପ୍ରତିବନ୍ଧକ ଦେଖାଦେଇପାରେ ।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ ନ ଚଳିଲେ ନିନ୍ଦା, ଅପମାନ ପାଇପାରନ୍ତି। ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ଲାଭକରି ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। ବିବାଦୀୟ ପରିସ୍ଥିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ।

**ମୀନ** ଆପଣ ଯେଉଁ ଜିନିଷଟିକୁ ପାଇବାକୁ ଇଚ୍ଛା କରିଛନ୍ତି ତାହା ବିଳମ୍ବରେ ପାଇବେ। କର୍ମକ୍ଷେତ୍ରରେ ଟେନସନ୍ କମିଯିବ। ସହଯୋଗ ଭିତିରେ କାମ କଲେ ଉପକୃତ ହେବ। ଶିଳ୍ପ, ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ନିକଟ ସମ୍ପର୍କୀୟଙ୍କ ଦ୍ୱାରା ମାନସିକ ଅଶାନ୍ତି ଦେଖାଦେଇପାରେ।

ଆଜି କାର୍ତ୍ତିକ ଶୁକ୍ଲପକ୍ଷର ଅଁଳାନବମୀ ସୋମବାର, ଜଗଦ୍ଧାତ୍ରୀ ପୂଜା, ଶ୍ରୀରାଧାଙ୍କ ପାଦ ଦର୍ଶନ, ନଭେମ୍ବର ୨୩ ତାରିଖ, ସତ୍ୟସାଇ ବାବାଙ୍କ ଜୟନ୍ତୀ, ସାର୍ ଜଗଦୀଶ ଚନ୍ଦ୍ର ବୋଷଙ୍କ ତିରୋଧାନ ଦିବସ, ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ଦିବା ଘ.୦୧.୦୫ମି. ପର୍ଯ୍ୟନ୍ତ ଶତଭିଷା/କୁମ୍ଭ, ମିଥୁନ ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୦୩ମି. ଗତେ ଘ.୦୭.୩୧ମି. ମଧ୍ୟେ, ଘ.୦୮.୫୯ମି. ଗତେ ଘ.୧୧.୧୧ମି. ମଧ୍ୟେ, ରାତ୍ରି ଘ.୦୭.୩୮ମି. ଗତେ ଘ.୧୧.୧୧ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୭.୨୬ମି. ଗତେ ଘ.୦୮.୪୮ମି. ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302

automobile

**HIRE**

ବଡ଼ବିଲ୍ ମାଇନ୍ସ୍ ପାଇଁ ଲିଜ୍‌ରେ ହାଇୱା ଆବଶ୍ୟକ। ଯୋଗାଯୋଗ: **A-102, Balianta Chowk, Hanspal, Bhubaneswar-01, 8249638057, 9337731351.** D-18876

real estate

**SALE**

Hanspal duplex 45,00,000/-, homestead plot 1900/-, Aiginia-1700/-, Nakhara East College 550/-, Sundarpada- 600/- (Bank finance available) 9777236619. D-70111

Sundarpada କୁହା ମୌଜାରେ (Bhubaneswar) ଘରବାରି ପ୍ଲଟ୍ ୨୦୦୦ବର୍ଗଫୁଟକୁ ୧୯,୦୦,୦୦୦/- କିଣି ଆଜି ଘର କରନ୍ତୁ ଓ Alkaline water machine ମାଗଣାରେ ପାଆନ୍ତୁ। 9938016295. D-70105

**2000sqft. 200mtr from bypass NH corner, boundarywall, gharabari plot sale infront of DAV Public School, Kantabada, Bhubaneswar. 7008634668.** D-70110

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9776974912, 7894433357. D-69200

Land for sale: One man property 28 Acres land at the side of NH-16 will be sold at 'Rameswar Chhak in Khordha district. Contact No-. 9437470050. D-19003

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

healthcare

Newly open full body massage SPA in Bhubaneswar. Contact: 7205058838. D-70027

Rejuvenate and Ayurvedic full body massage by smart therapist. 9348123330. D-70028

Monalisa massage club : All types body massage with hiprofile smart lady rooms service available 9708545108. D-18971

Swarna SPA newly open positively health benefits with expert therapist. 9556978408. D-70024

Get refreshment body massage by expert therapist contact for 7205084157. D-70025

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



**୫ଫୁଟର ଅଜଗର ଉଦ୍ଧାର**

ଅମରପାଲି:ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ରେଞ୍ଜ ଖଣ୍ଡହତା ପଞ୍ଚାୟତ ଅନ୍ତର୍ଗତ ବୁଢାପଦର ଗ୍ରାମରୁ ରବିବାର ସକାଳେ ଏକ ଅଜଗର ଉଦ୍ଧାର କରାଯାଇଛି। ଅଜଗରର ଲମ୍ବ ପ୍ରାୟ ୫ ଫୁଟ ହେବ। ଚିନ୍ତାମଣୀ ବିଶ୍ୱାଳ ନାମକ ଜଣେ ଯୁବକ ଧାନ ଜମିକୁ ଯାଇଥିବା ବେଳେ ଅଜଗରକୁ ଦେଖିଥିଲେ। ଆଖପାଖରେ ଥିବା ଲୋକେ ଅଜଗରକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡି ଦେଇଥିଲେ।

## ସଂକ୍ଷେପରେ

### ଆକ୍ରମଣ ଅଭିଯୋଗରେ ୩ ଗିରଫ

**ରାଉରକେଲା ଅଫିସ, ୨୨। ୧୧:** ଲଜିଂ ଭିତରେ ପଶି ଜଣଙ୍କୁ ଆକ୍ରମଣ କରି ଗୁରୁତର କରିବା ଅଭିଯୋଗରେ ପ୍ଲାଣ୍ଟସାଇଟ ପୋଲିସ ୨ ମହିଳାଙ୍କ ସମେତ ମୋଟ ୩ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ଛେଣ୍ଡ କୋଅପରଟିଭ କଲୋନୀର ଅସୀମ ଦାସ(୩୧) ଓ ତଥାକଥିତ ଦୁଇ ମହିଳା। ସମସ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଏନେଇ ଏକ ମାମଲା ନଂ. ୩୯୬।୨୦୨୦ ରୁଜୁ କରାଯାଇଛି। ସୂଚନା ଅନୁଷାରେ ମଧ୍ୟପ୍ରଦେଶ ହିନ୍ଦୋରିଆ ଅଞ୍ଚଳର ଜଣେ ବ୍ୟକ୍ତି ଅମିର ଖାନ ସ୍ଥାନୀୟ ଏକ ଲଜରେ ରହୁଥିଲେ। ଗତ ଶନିବାର ରାତି ସାଢେ ୮ଟା ବେଳେ ହଠାତ ୬/୭ ଜଣ ଅଜଣା ଲୋକ ଲଜ ଭିତରେ ପଶି ଅମିରଙ୍କୁ ଖୋଜିଥିଲେ। ସେ କାଉଣ୍ଟର ନିକଟକୁ ଆସିବା ପରେ ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରି କ୍ଷତାକ୍ତ କରିଥିଲେ। ଖବରପାଇ ପୋଲିସ ପହଞ୍ଚିବା ବେଳକୁ ଏମାନେ ଘଟଣାସ୍ଥଳ ଛାଡି ଫେରାର ହୋଇ ଯାଇଥିଲେ। ଗୁରୁତର ଅମିରଙ୍କୁ ପୋଲିସ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ପରେ ଅଭିଯୁକ୍ତଙ୍କ ମଧ୍ୟରୁ ପୋଲିସ ରବିବାର ୩ଜଣଙ୍କୁ ଗିରଫ କରିବା ସହ ଏକ ସ୍କୁଟି ଜବତ କରିଛି। ପୂର୍ବ ଶତ୍ରୁତାକୁ ନେଇ ଅମିରଙ୍କୁ ଏମାନେ ଆକ୍ରମଣ କରିଥିବା ପୋଲିସ ସୂଚନା ଦେଇଛି।

### ରାସ୍ତା ଉନ୍ନତୀକରଣ ପାଇଁ ଶିଳାନ୍ୟାସ

**କିର୍ମିରା, ୨୨।୧୧ (ଡି.ଏନ.ଏ):** ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ ଅର୍ଡା ପଞ୍ଚାୟତ ଅନ୍ତର୍ଗତ ଆଇଓସିଏଲ ଛକଠାରୁ ଧୁତରା ଅଲଟ୍ରାଟେକ ଛକ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ପାଇଁ ଶିଳାନ୍ୟାସ କରାଯାଇଛି। ଝାରସୁଗୁଡା ପୂର୍ତ୍ତ ବିଭାଗ ପକ୍ଷରୁ ହେବାକୁ ଥିବା ଏହି କାର୍ଯ୍ୟ ପାଇଁ ୩୮.୯୬ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରହିଛି। ଆସନ୍ତା ୫ ଜାନୁୟାରୀ, ୨୦୨୧ ମଧ୍ୟରେ କାମ ଶେଷ କରିବାକୁ ସମୟ ଧାର୍ଯ୍ୟ ରହିଛି। ରାସ୍ତାର ଉନ୍ନତୀକରଣ ହେଲେ ଝାରସୁଗୁଡାରୁ କିର୍ମିରା, ଲଇକେରା, କୁଚିଣ୍ଡା, ବାଗଡିହି, ଧୁରୁଆଡିହି, ବାମରା ଆଦି ଅଞ୍ଚଳକୁ ଯାତାୟାତ ସହଜ ହେବ।

### ସଂକୀର୍ତ୍ତନ କଳାକାରଙ୍କ ପରଲୋକ



**ଅମରପାଲି, ୨୨।୧୧ (ଡି.ଏନ.ଏ.)** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ଗ୍ରାମର ପରିଚିତ ସଂକୀର୍ତ୍ତନ କଳାକାର ମୋହନ ମେହେର (୮୬)ଙ୍କ ପରଲୋକ ଘଟିଛି। ସେ ସୁବର୍ଣ୍ଣପୁର, ବଲାଙ୍ଗୀର, ସମ୍ବଲପୁର, ବୌଦ୍ଧ, ଅନୁଗୋଳ ଜିଲ୍ଲା ବିଭିନ୍ନ ସ୍ଥାନରେ ସଂକୀର୍ତ୍ତନ ପରିବେଷଣ କରି ବେଶ ପରିଚିତି ଲାଭ କରିଥିଲେ। ଏହା ସହିତ ସେ ଖଣ୍ଡହତା କୃଷି ସେବା ସମିତିର ସଭାପତି ଭାବେ ମଧ କାର୍ଯ୍ୟ ତୁଲାଇଥିଲେ। ଏକମାତ୍ର ପୁତ୍ର ବୁରୁବୁଡା ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକ ତ୍ରିଲୋଚନ ମେହେର ମୁଖାଗ୍ନି ଦେଇଥିଲେ। ମୋହନଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

### ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ନୂଆଁପାଲି ଚାମ୍ପିୟନ

**ଦେଓଗାଁ,୨୨।୧୧(ଡି.ଏନ.ଏ):** ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ ଉପରଝର ଖେଳପଡିଆରେ ଚାଲିଥିବା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସଂପନ୍ନ ହୋଇଛି। ସ୍ଥାନୀୟ ଜଗନ୍ନାଥପଡା ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ନୂଆଁପାଲି ଓ ପାଣ୍ଡେଲ ଦଳ ମଧ୍ୟରେ ହୋଇଥିଲା। ଏଥିରେ ନୂଆଁପାଲି ଦଳ ବିଜୟୀ ହୋଇଥିଲା। ଖେଳକୁ ରୋଶନ ସେଠ, ପୁରୁଷୋତ୍ତମ ବିଶ୍ୱାଳ ଓ ଅନୀଲ ବିଶ୍ୱାଳ ପରିଚାଳନା କରିଥିଲେ। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଅବସରରେ ବିଜେଡି ନେତା ଧବଳେଶ୍ୱର ନାଏକ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ପ୍ରୀତମ ବିଶ୍ୱାଳ, ମୁନୁ ପଧାନ, ମିଳନ ପଧାନ ପ୍ରମୁଖ ସହଯୋଗ କରିଥିଲେ।

# ସ୍ୱତନ୍ତ୍ର ବିଦ୍ୟାଳୟରେ ବି ଅବ୍ୟବସ୍ଥା

**ସମ୍ବଲପୁର,୨୨।୧୧(ବ୍ୟୁରୋ)**

- ଶିକ୍ଷାଦାନ ବ୍ୟାହତ, ସହାୟତା ରାଶି ବନ୍ଦ
- ୬୫୪୫ ଛାତ୍ରୀଛାତ୍ର ପ୍ରଭାବିତ

ସମଗ୍ର ରାଜ୍ୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲଗୁଡିକ ବନ୍ଦ ହେବାକୁ ନେଇ ବିଧାନସଭାରେ ଝଡ଼ ସୃଷ୍ଟି ହୋଇଛି। ନିୟମିତ ଭାବେ ସ୍କୁଲ ଖୋଲିବା ପାଇଁ ଅଭିଭାବକ ଓ ବୁଦ୍ଧିଜୀବିମାନେ ଦାବି କରୁଛନ୍ତି। ହେଲେ ରାଜ୍ୟରେ ଥିବା ୧୦୩ଟି ସ୍ୱତନ୍ତ୍ର ବିଦ୍ୟାଳୟ ଓ ଗୋଟିଏ କଲେଜ ରହିଛି। ସେହି ସ୍କୁଲ ଓ କଲେଜରେ ବି ଶିକ୍ଷାଦାନ ପ୍ରଭାବିତ ହୋଇଛି । ଏପରି କି ଗତ ଜୁନ ମାସରୁ ଉପରୋକ୍ତ ସ୍କୁଲ ଓ କଲେଜକୁ ଆର୍ଥିକ ସହାୟତା ରାଶି ମିଳୁ ନ ଥିବା ଅଭିଯୋଗ ହେଉଛି। ଫଳରେ ୬୫୪୫ ଛାତ୍ରୀଛାତ୍ର ପ୍ରଭାବିତ ହୋଇଛନ୍ତି।

କୋଭିଡ୍ କଟକଣା ଯୋଗୁ ଶିକ୍ଷାଦାନ ପ୍ରଭାବିତ ହୋଇଥିବା ଅଭିଭାବକ ଓ ଶିକ୍ଷକମାନେ କହିଛନ୍ତି। ସମସ୍ତ ସ୍କୁଲ ଓ କଲେଜ ବନ୍ଦ ଥିବାବେଳେ ସରକାରୀସ୍ତରରେ ଅନ୍‌ଲାଇନରେ ଶିକ୍ଷାଦାନ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ମୁକବଧିର, ଦୃଷ୍ଟିହୀନ, ମାନସିକ ଅନଗ୍ରସର, ସ୍ୱପରାୟଣତା, ମସ୍ତିଷ୍କ ପକ୍ଷଘାତ ଭଳି ଛାତ୍ରୀଛାତ୍ରମାନଙ୍କ ପାଇଁ ଅନ୍‌ଲାଇନ ଶିକ୍ଷାଦାନ ସମ୍ଭବପର ହୋଇପାରୁନାହିଁ। ସରକାର ଅନ୍‌ଲାଇନରେ ପାଠ ପଢ଼ାଇବା ପାଇଁ ଅଡିଓ ରେକର୍ଡିଂ, ବିଭିନ୍ନ ୱାର୍ଟ୍ସଆପ୍ ଗ୍ରୁପ ଓ କେତେକ ସ୍ଥାନରେ ଶିକ୍ଷକମାନେ ଘରକୁ ଯାଇ ଶିକ୍ଷାଦାନ କରିବା ପାଇଁ ବ୍ୟବସ୍ଥା କରିଛନ୍ତି। ହେଲେ ବାସ୍ତବରେ ତା'ଫଳପ୍ରଦ ହୋଇପାରୁ ନାହିଁ। ଏଭଳି ଛାତ୍ରୀଛାତ୍ରମାନଙ୍କୁ ପାଖରେ ବସି ଶିକ୍ଷାଦାନ କଲେ ସେମାନେ ସହଜରେ ଗ୍ରହଣ କରିପାରନ୍ତି ନାହିଁ। ହେଲେ ଅନ୍‌ଲାଇନରେ ପାଠ ପଢ଼ାଇବା କେତେ ସଫଳ ହେବ ତାହା ସହଜରେ ଅନୁମେୟ । ଏପରି କି ପ୍ରାୟ ୭୦ ପ୍ରତିଶତ ଅଭିଭାବକଙ୍କ ପାଖରେ ମୋବାଇଲ ସୁବିଧା ନାହିଁ। ବହୁ ସ୍ଥାନରେ ନେଟ୍‌ୱର୍ ସମସ୍ୟା ମଧ ରହୁଛି। ତେଣୁ ଅନ୍‌ଲାଇନ ସେବା ସେମାନଙ୍କ ପାଇଁ ଲାଭଦାୟକ ନୁହେଁ ବୋଲି ଜଣେ ଶିକ୍ଷକ କହିଛନ୍ତି। ଅନ୍ୟପଟେ ସ୍ୱତନ୍ତ୍ର ବିଦ୍ୟାଳୟ ରାଜ୍ୟ ଶିକ୍ଷକ ସଂଘ ସମ୍ପାଦକ ବସନ୍ତ ସେଠୀ କହିଛନ୍ତି, ରାଜ୍ୟରେ ଛାତ୍ରୀଛାତ୍ରମାନେ ଶିକ୍ଷାଦାନରୁ ପ୍ରଭାବିତ ହେଉଛନ୍ତି। ଏହା ବାସ୍ତବରେ ସତ। ଏହାସହ ସେମାନଙ୍କୁ ଜୁଲାଇ ମାସରୁ ଆର୍ଥିକ ସହାୟତା ଦିଆଯାଇ ନାହିଁ। ପ୍ରଥମ ପର୍ଯ୍ୟାୟରେ ଅର୍ଥାତ୍ ଏପ୍ରିଲ, ମେ ଓ ଜୁନର ଅଗ୍ରୀମ ଟଙ୍କା ଅଭିଭାବକଙ୍କ ଜମା ଖାତାରେ ଦିଆଯାଇଥିଲା। ହେଲେ ଜୁଲାଇରୁ ଆଉ ଟଙ୍କା ଦିଆଯାଉ ନ ଥିବା ସେ କହିଛନ୍ତି। ସରକାରୀ ସହାୟତାରୁ ଛାତ୍ରୀଛାତ୍ରମାନେ ବଞ୍ଚିତ ହୋଇଛନ୍ତି। ଏଭଳି ସ୍କୁଲରେ ତାଲିମପ୍ରାପ୍ତ ଓ ଅଣତାଲିମ ପ୍ରାପ୍ତ ୯୮୦ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ରହିଛନ୍ତି। ସେମାନଙ୍କ ଦାବି ରାଜ୍ୟ ସରକାର ମାନୁ ନାହାନ୍ତି। ବାରମ୍ବାର ବୈଠକ ଓ ପ୍ରତିଶ୍ରୁତି ଦେଲାପରେ ମଧ କାର୍ଯ୍ୟାନୁଷ୍ଠାନ ନାହିଁ। ରାଜ୍ୟସରକାର ଅନୁଦାନ ଦେଲେ ବିଭିନ୍ନ ଏନ୍‌ଜିଓ ମାଧ୍ୟମରେ ସ୍କୁଲଗୁଡିକ ପରିଚାଳନା କରାଯାଉଛି। ଏହାକୁ ବନ୍ଦ କରାଯାଇ ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍କୁଲଗୁଡିକ ପରିଚାଳନା କରାଯାଉ ବୋଲି ସେ ଦାବି କରିଛନ୍ତି। ଏ ସମ୍ପର୍କରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଆୟୋଗ ଅଧକ୍ଷା ସୁଲୋଚନା ଦାଶ କହିଛନ୍ତି, କୋଭିଡ୍ ଯୋଗୁ ସାଧାରଣ ସ୍କୁଲଗୁଡିକରେ ଯେଉଁଭଳି ସମସ୍ୟା ରହିଛି, ସ୍ୱତନ୍ତ୍ର ବିଦ୍ୟାଳୟରେ ମଧ ତା'ଠାରୁ ଅଧିକ ସମସ୍ୟା ରହିବା ସ୍ୱାଭାବିକ ଅଟେ। ହେଲେ ସରକାରୀସ୍ତରରେ ଶିକ୍ଷାଦାନ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଅଡିଓ ରେକର୍ଡିଂ ପଠାଇବା ସହ ପାଠ୍ୟକ୍ରମର ଲିଙ୍କ୍‌ଗୁଡିକ ପଠାଯାଉଛି। ତଥାପି ବିଭିନ୍ନ ଜିଲ୍ଲାରୁ ମୋବାଇଲ ଓ ନେଟ୍‌ୱର୍ ସମସ୍ୟାକୁ ନେଇ ଅଭିଯୋଗ ଆସୁଛି। ହେଲେ ଛାତ୍ରୀଛାତ୍ରମାନଙ୍କୁ ଘରେ ରହି ଯେଉଁଭଳି ପାଠ ପଢ଼ିବେ ସେ ବ୍ୟବସ୍ଥା କରାଯାଇଛି। ପରିଚାଳନା ଖର୍ଚ୍ଚ ସରକାର ପୂର୍ବରୁ ପ୍ରଦାନ କରିଛନ୍ତି ବୋଲି ସେ କହିଛନ୍ତି ।



କଣ୍ଟାବାଞ୍ଜି-ଲାଠୋର ରାସ୍ତାର ମହୁଲପାଟି ନିକଟରେ ହାତୀପଲ ରାସ୍ତା ପାର ହେଉଛନ୍ତି।

## ଟୁରେକେଲା ଅଞ୍ଚଳରେ ହାତୀ ଉପଦ୍ରବ

**କଣ୍ଟାବାଞ୍ଜି, ୨୨।୧୧(ଡି.ଏନ.ଏ.)**

**୨ଦିନ ହେଲା ବନ୍ଦ ରହିଛି ବିଦ୍ୟୁତ୍ ସରବରାହ**

ବଲାଙ୍ଗୀର ଜିଲ୍ଲା ଟୁରେକେଲା ଥାନା ଅଞ୍ଚଳରେ ହାତୀ ଉପଦ୍ରବ ଦେଖାଦେଇଛି। ଗତ ପାଞ୍ଚଦିନ ହେଲା ହାତୀପଲ ଆସି ଚାଷୀଙ୍କ ଅମଳକ୍ଷମ ଧାନ ଫସଲକୁ ଖାଇବା ସହ ଦଳଚକଟି ଦେଉଛନ୍ତି। ଏପରିକି ଚାଷୀ ଅମଳ କରି ଖଳାରେ ରଖିଥିବା ଧାନକୁ ସେମାନେ ଖାଇ ଦେଉଛନ୍ତି। ନୂଆପଡା ସୁନାବେଡା ଅଭୟାରଣ୍ୟରୁ ଆସିଥିବା ପଲରେ ୨୮ଟି ହାତୀ ଅଛନ୍ତି। ସେମାନେ କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜ ରାଜୁ ସଂରକ୍ଷିତ ଜଙ୍ଗଲ ଅଞ୍ଚଳର ଗଂଜାଉଡାର, ମହମିଲହ, ବାଗବେଲ, ବାହାବଲ, ମହୁଲପାଟି, କନ୍ଦାଗାଡ, ମଲିକଦରୋରେ ଧାନ ଫସଲ କ୍ଷତି ଘଟାଇଛନ୍ତି। ବଲାଙ୍ଗୀର ଫରେଷ୍ଟ ଡିଭିଜିନାଲ ଅଫିସର ସମୀର କୁମାର ଶତପଥୀଙ୍କ ସୂଚନା ଅନୁସାରେ କ୍ଷୟକ୍ଷତି ହୋଇଥିବା ନେଇ କୌଣସି ସୂଚନା ମିଳିନାହିଁ। ଟୁରେକେଲା ପଞ୍ଚାୟତର ଗଂଜାଉଡାର, ବାଗବେଲ ଏବଂ ବାହାବଲରେ ଧାନ ଓ କପା ଚାଷକୁ ହାତୀପଲ ବ୍ୟାପକଭାବେ କ୍ଷତି ଘଟାଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଏପରିକି ଟୁରେକେଲା ୧୧କେ.ଭି. ଫିଡର ବିଦ୍ୟୁତ୍ ସରବରାହକୁ ହାତୀ ଚଳାଚଳ ଯୋଗୁଁ ବନ୍ଦ କରି ଦିଆଯାଇଛି। ଏଥିଯୋଗୁ ଟୁରେକେଲା ଥାନା ଅଞ୍ଚଳର ୨୨ ଗ୍ରାମର ଲୋକେ ଦୁଇ ଦିନ ହେଲା ଅନ୍ଧାରରେ ରହିଛନ୍ତି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ହାତୀ ଘଉଡାଇବା ପାଇଁ ଦାବି ହେଉଛି।

## ଅସହାୟଙ୍କ ଘର ଭାଙ୍ଗିଦେଲେ, କାର୍ଯ୍ୟାନୁଷ୍ଠାନ ଦାବି

**ବରଗଡ଼ ଅଫିସ୍,୨୨।୧୧**

ବରଗଡ଼ ଜିଲ୍ଲା ଅତାବିରା ଥାନା ଅନ୍ତର୍ଗତ କୁଲିତାଟୁକୁରା ପଞ୍ଚାୟତର ସିନ୍ଦୁରବାହାଲ ଛକରେ ରହୁଥିବା ଏକ ଦଳିତ ପରିବାରର ଘରକୁ ଅନ୍ୟ ଏକ ଗୋଷ୍ଠୀ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଅତାବିରା ଥାନାରେ ଏକ ମାମଲା (ନଂ.୨୭୯/୨୦) ରୁଜୁ ହୋଇଛି । ବରଗଡ଼ର ସମ୍ବିଧାନ ସୁରକ୍ଷା ମଞ୍ଚ ଉକ୍ତ ଘଟଣାକୁ ନିନ୍ଦା କରିଛି । ମଞ୍ଚର ଆଡ଼ଭୋକେଟ୍ ସୀତାରାମ ମେହେର, ସାମାଜିକ କର୍ମୀ ବାଲକିଶୋର ଛତର ପ୍ରମୁଖ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି। ପ୍ରକାଶ ଯେ, ସିନ୍ଦୁରବାହାଲ ଛକ ନିକଟରେ ଦୀର୍ଘବର୍ଷ ହେଲା ୨୨ ଦଳିତ ଓ ଆଦିବାସୀ ପରିବାର ଘର କରି ରହୁଛନ୍ତି। ମାତ୍ର ଗତ ୧୯ତାରିଖରେ କେତେକ ଲୋକେ ସଂଘବଦ୍ଧ ଭାବେ ଆସି ଜଣେ ଦଳିତଙ୍କ ଘର ସମେତ ସେହି ପଡ଼ାରେ ରହିଥିବା ୧୧ଟି ପାଇଖାନା ଭାଙ୍ଗି ଦେଇଥିଲେ। ଅଭିଯୋଗ ପାଇବା ପରେ ପୋଲିସ ମାମଲା ରୁଜୁ ସହିତ ତଦନ୍ତ ଜାରି ରଖିଛି। ଅନ୍ୟପଟେ ସମ୍ବିଧାନ ସୁରକ୍ଷା ମଞ୍ଚ ଘର, ପାଇଖାନା ଭାଙ୍ଗିଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହିତ ପ୍ରଭାବିତ ପରିବାରକୁ ସହାୟତା ଯୋଗାଇ ଦେବା ପାଇଁ ଦାବି କରିଛି ।



ଭଙ୍ଗାଯାଇଥିବା ଘର ।

## ଟ୍ରକ ଧକ୍କାରେ ସ୍କୁଲ ଛାତ୍ର ଗୁରୁତର, ଉତ୍ତେଜନା

**ରେଢାଖୋଲ, ୨୨।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲ୍ଲା ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥର ଡଇଁଚା ଗ୍ରାମ ନିକଟରେ ରବିବାର ସକାଳେ ଟ୍ୟୁଶନ ଯାଉଥିବା ଜଣେ ସ୍କୁଲ ଛାତ୍ରଙ୍କୁ ଏକ ଚାଉଳ ବୋଝେଇ ଟ୍ରକ ଧକ୍କା ଦେଇଥିଲା। ଏଥିରେ ଡଇଁଚାର ଅଶୋକ ଭୋଇଙ୍କ ୮ବର୍ଷର ପୁଅ ଅଶ୍ୱିନୀ ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ରେଢାଖୋଲ ଡାକ୍ତରଖାନାକୁ ଅଣାଯାଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ରାସ୍ତାରେ ହମ୍ପ ନିର୍ମାଣ ସହ ଆହତ ଛାତ୍ରଙ୍କ ଚିକିତ୍ସା ବାବଦ କ୍ଷତିପୂରଣ ଦାବି କରି ଡଇଁଚା ଗ୍ରାମବାସୀ କିଛି ସମୟ ଧରି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ରେଢାଖୋଲ ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ, ଏସଆଇ ସୌମ୍ୟରଞ୍ଜନ ମହାଲିକ, ଏଏସଆଇ ତ୍ରିବେଣୀ ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମ ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥ ଉପରେ ସ୍ପିଡ ବ୍ରେକର ନିର୍ମାଣ କରିବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା। ସୂଚନା ମତେ ରବିବାର ସକାଳ ୭ଟାବେଳେ ଅଶ୍ୱିନୀ ସାଇକେଲ ଯୋଗେ ଟ୍ୟୁଶନ ଯାଉଥିବା ବେଳେ ରେଢାଖୋଲ ପଟୁ ନାକଟୀଦେଉଳ ପଟକୁ ଯାଉଥିବା ଓଡି୧୫ଡି-୬୦୫୫ ନଂ ବିଶିଷ୍ଟ ଟ୍ରକ ଧକ୍କା ଦେଇଥିଲା। ପୋଲିସ ଟ୍ରକକୁ ଜବତ କରିବା ସହ ଡ୍ରାଇଭର ବଲାଙ୍ଗୀର ଜିଲ୍ଲା ସଇଁତଳାର ଭକ୍ତଚରଣ ଦେଓଙ୍କୁ ଗିରଫ କରିଛି।



ଓସିଏର ଟେକ୍‌ନିକାଲ କମିଟି ସୁନ୍ଦରଗଡ଼ ଷ୍ଟାଡିୟମକୁ ପରିଦର୍ଶନ କରୁଛନ୍ତି।

## ଓସିଏ ଟେକ୍‌ନିକାଲ କମିଟିର ସୁନ୍ଦରଗଡ଼ ଷ୍ଟାଡିୟମ ପରିଦର୍ଶନ

**ସୁନ୍ଦରଗଡ଼, ୨୨।୧୧ (ଡି.ଏନ୍.ଏ)**

ଓଡ଼ିଶା କ୍ରିକେଟ ଆସୋସିଏସନ୍ (ଓସିଏ)ର ଟେକ୍‌ନିକାଲ କମିଟିର ମୁଖ୍ୟ ଧୀରେନ୍ ପଲେଇଙ୍କ ନେତୃତ୍ୱରେ ୮ଜଣିଆ ଟିମ୍ ସୁନ୍ଦରଗଡ଼ ଷ୍ଟାଡିୟମକୁ ପରିଦର୍ଶନ କରିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନର ଭିଜନ -୨୦୨୪ ପ୍ଲାନିଂ ଅନୁଯାୟୀ ଏହି ଟିମ୍ ସୁନ୍ଦରଗଡ଼ ଜିଲ୍ଲା କ୍ରୀଡା ସଂସଦ ଷ୍ଟାଡିୟମକୁ ପରିଦର୍ଶନ କରି ଏହାର ଭିତ୍ତିଭୂମିର ଅନୁଧ୍ୟାନ କରିଛନ୍ତି। ଏହି ଷ୍ଟାଡିୟମରେ ଆଗାମୀ ଦିନରେ ଉଚ୍ଚମାନର କ୍ରିକେଟ ମ୍ୟାଚ ଆୟୋଜନ ପାଇଁ ଆବଶ୍ୟକ ଭିତ୍ତିଭୂମି ରହିଥିବାରୁ ଏହି ଟେକ୍‌ନିକାଲ ଟିମ୍ ଖୁସି ବ୍ୟକ୍ତ କରିଛନ୍ତି। ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ଦ୍ୱାରା ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ଷ୍ଟାଡିୟମରେ ଖେଳାଳି ଡ୍ରେସିଂ ରୁମ୍, ଜିମ୍, ପାଭିଲିଅନ୍, ପଡିଆରେ ପାଣି ସିଞ୍ଚନ ପାଇଁ ସ୍ପ୍ରିଙ୍କଲର, ଲୌହ ସୁରକ୍ଷା ତାରଜାଲି କାର୍ଯ୍ୟ ଦ୍ୱରାନ୍ୱିତ ହେଉଥିବାରୁ କମିଟି ମୁଖ୍ୟ ଜିଲାପାଳଙ୍କୁ ପ୍ରଶଂସା କରିଥିଲେ। ଏଠାରେ ଜାତୀୟସ୍ତରର କ୍ରିକେଟ ମ୍ୟାଚ୍ ଆୟୋଜନ ନିମନ୍ତେ ଭଲପିଚ୍, ଭଲ ପଡିଆ ତଥା ଉଚ୍ଚମାନର ଫ୍ଲଡ ଲାଇଟର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଏଥିସହିତ ଭିଜନ-୨୦୧୪ ଅନ୍ତର୍ଗତ ତୃଣମୂଳ ସ୍ତରରୁ କ୍ରିକେଟ ଖେଳାଳୀ ସୃଷ୍ଟି କରିବା ତଥା ରାଜ୍ୟ ଏବଂ ଜାତୀୟସ୍ତରର କ୍ରିକେଟ ଖେଳାଳି ତିଆରି କରିବା ପାଇଁ ଓସିଏ ତରଫରୁ କୋଚିଂ ଦେବା ପାଇଁ ସ୍ୱତନ୍ତ୍ର କୋଚ୍ ନିଯୁକ୍ତି, ବ୍ୟାଟ, ବଲ୍, ନେଟ୍ ଆଦି ସୁବିଧାସୁଯୋଗ ଯୋଗାଇ ଦିଆଯିବ ବୋଲି ପଲେଇ ପ୍ରକାଶ କରିଥିଲେ। ସୁନ୍ଦରଗଡ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କ୍ରୀଡା ସଂସଦ ଚାହିଁଲେ ଏଠାରେ ଜାତୀୟ ସ୍ତରର ପିଚ୍ ଓ ଖେଳପଡିଆ ନିର୍ମାଣ ନିମନ୍ତେ ଓସିଏ ତରଫରୁ ଜାତୀୟ ପିଚ୍ କ୍ୟୁରେଟର ତଥା ପଡିଆ ନିର୍ମାଣକାରୀ ସ୍ପେଶାଲିଷ୍ଟମାନଙ୍କୁ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଏହି କମିଟି ରାଜଗାଙ୍ଗପୁର ଷ୍ଟାଡିୟମ ମଧ୍ୟ ପରିଦର୍ଶନ କରିଥିଲେ। ସେଠାରେ ଏକ କ୍ରିକେଟ ଏକାଡେମୀ ହୋଇପାରିବ ବୋଲି କମିଟି ମତବ୍ୟକ୍ତ କରିଛନ୍ତି। ଏଥିସହିତ ପାନପୋଷସ୍ଥିତ କଲେଜ ପଡିଆ ଠାରେ ଉନ୍ନତିକରଣ କାର୍ଯ୍ୟ କରାଯାଇ କ୍ରିକେଟ ଖେଳାଳି ସୃଷ୍ଟି କରିବା ପାଇଁ ପ୍ରସ୍ତାବ ରଖିଥିଲେ। ଓସିଏ ଟେକ୍‌ନିକାଲ କମିଟିର ଚେୟାରମ୍ୟାନ ଧୀରେନ ପଲେଇଙ୍କ ସମେତ ସଭ୍ୟ ଦେବାଶୀଷ ପାଢୀ, ସୁବାଶୀଷ ସେନାପତି, ସନ୍ତୋଷ ଦାଶ, କୋର୍ଡିନେଟର ଦାନିଏଲ ରାଉତ, ଓସିଏ କ୍ୟୁରେଟର ହୃଷିକେଶ ସିଂ ପ୍ରମୁଖ ପରିଦର୍ଶନ କରିଥିଲେ। ସୁନ୍ଦରଗଡ ଷ୍ଟାଡିୟମ ଠାରେ ପହଞ୍ଚିଲା ପରେ ଜିଲ୍ଲା କ୍ରୀଡା ସଂସଦ ତରଫରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଷ୍ଟାଡିୟମ ପରିଦର୍ଶନ ପରେ ସେଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲା କ୍ରୀଡାସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ, ସହସମ୍ପାଦକ ଜୟଦେବ ପାତ୍ର, ଉପସଭାପତି ପୌଷଚନ୍ଦ୍ର ପଟେଲ, ରାଜେନ୍ଦ୍ର ମହାନ୍ତି, ଅନୀଲ ବହିଦାର, ଶିଶିର ପଟେଲ, ଅଜୟ ବହିଦାର, ନିତ୍ୟକୁମାର ବଳ, ସୁରଜ ଭୈଷାଲ, ଅଶୋକ ବରାଇ, ସଂଗ୍ରାମ କେଶରୀ ଦାଶ, ପୂର୍ବତନ ରଣଜୀ ଖେଳାଳି କୁଳଦୀପ ଶର୍ମା, ରୋମାଞ୍ଚ ଭୈଷାଁଲ, ୱାଲଟର ଟେପ୍ପୋ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଛତୁଚାଷ ପ୍ରଶିକ୍ଷଣ ଶିବିର

**ଲହୁଣୀପଡା, ୨୨।୧୧ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲ୍ଲା ଲହୁଣୀପଡା ପଞ୍ଚାୟତ ସଭା କକ୍ଷରେ ରବିବାର ଏକ ଛତୁ ଚାଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀ କିଷାନ ମୁଖ୍ୟଅତିଥି, ଲହୁଣୀପଡା (କ) ଭାଜପା ମଣ୍ଡଳ ସଭାପତି ନାମିତ ମାହାନ୍ତ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବର୍ତ୍ତମାନ ପରିସ୍ଥିତିରେ ମହିଳାମାନେ ସ୍ୱାବଲମ୍ବୀ ହେବା ପାଇଁ ଅନେକ ଯୋଜନା ପ୍ରଚଳିତ ହୋଇଥିଲେ ମଧ ସେଥି ମଧ୍ୟରୁ ଛତୁ ଚାଷ ଅନ୍ୟତମ। ଛତୁ ଚାଷ ଏକ ଲାଭକାରୀ ବ୍ୟବସାୟ ହୋଇଥିବାରୁ ଏହାକୁ ସହଜରେ ମହିଳାମାନେ କରିପାରିବେ । ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଏହି ଚାଷ କରି ଲାଭବାନ ହୋଇପାରିବେ ଏବଂ ଗ୍ରାମରେ ଥିବା ବେକାରୀ ମହିଳା ଓ ପୁରୁଷମାନଙ୍କୁ ମଧ ସାମିଲ କରି ଆତ୍ମନିଯୁକ୍ତି କରାଇବାରେ ସହାୟକ ହୋଇପାରିବେ ବୋଲି ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ। ଉପସ୍ଥିତ ମହିଳାମାନଙ୍କୁ ସହନେଲ ଲାକ୍ରା ଓ ତାଙ୍କର ସହଯୋଗୀମାନେ ଛତୁ ଚାଷ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ ଭେଷଜ କୁମାର ମାହାନ୍ତ, ଜୟନ୍ତୀ ମାହାନ୍ତଙ୍କ ସମେତ ବହୁମହିଳାପୁରୁଷ ଉପସ୍ଥିତ ଥିଲେ।

## ପୁରୁଷ ବନ୍ଧ୍ୟାକରଣ ସଚେତନତା ସପ୍ତାହ

**ଅମରପାଲି, ୨୨।୧୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ମସିଣାପାଲି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅନ୍ତର୍ଗତ ଜଟିଆପାଲି ଗାଁ କଲ୍ୟାଣ ସମିତି ତରଫରୁ ଗ୍ରାମର ପୁରୁଷମାନଙ୍କୁ ନେଇ ପୁରୁଷ ବନ୍ଧ୍ୟାକରଣ ସଚେତନତା ସପ୍ତାହ ରବିବାର ଅନୁଷ୍ଠିତ ହୋଇଯାଇଛି। ଗାଁ ସ୍ୱାସ୍ଥ୍ୟ ସମୀକ୍ଷା ସଂଯୋଜକ ଅକ୍ରୁର ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଶାକର୍ମୀ ପ୍ରଭାସିନୀ ପଧାନ, ଆବାହିକା ମମତା ସୁନା ଉପସ୍ଥିତ ଥିଲେ। ପରିବାର ନିୟୋଜନର ବିଭିନ୍ନ ମାଧ୍ୟମ ସହ ପୁରୁଷ ବନ୍ଧ୍ୟାକରଣର ଆବଶ୍ୟକତା ଉପରେ ସେମାନେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ପୁରୁଷ ବନ୍ଧ୍ୟାକରଣରେ ସାମିଲ ହେଲେ ସରକାରଙ୍କ ତରଫରୁ ଦୁଇ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଦିଆଯିବ ବୋଲି ସୂଚନା ଦିଆଯାଇଥିଲା। ଶେଷରେ ଲକ୍ଷ୍ମଣ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ସାମିଲ ଜନସାଧାରଣ ଓ ଗାଁ କଲ୍ୟାଣ ସମିତି କର୍ମକର୍ତ୍ତା ।

# ଜୀବିକା ହରାଉଛନ୍ତି ମତ୍ସ୍ୟଜୀବୀ

**ସୋନପୁର,୨୨।୧୧(ନି.ପ୍ର.)**



ମହାନଦୀ ସୁରକ୍ଷା ମଞ୍ଚ କର୍ମକର୍ତ୍ତା ଏସ୍‌ପିଙ୍କୁ ଭେଟିବାକୁ ଯାଉଛନ୍ତି।

**ମହାନଦୀରେ ମାଛ ଧରିବା ପାଇଁ ବ୍ଲାଷ୍ଟିଂ, କୀଟନାଶକ ପ୍ରୟୋଗ**

- ଏସ୍‌ପିଙ୍କୁ ଭେଟିଲେ ମହାନଦୀ ସୁରକ୍ଷା ମଞ୍ଚ କର୍ମକର୍ତ୍ତା

ମହାନଦୀରୁ ମାଛ, ଚିଙ୍ଗୁଡି ଧରିବା ପାଇଁ ଚାଲିଛି ବେଆଇନ ବ୍ଲାଷ୍ଟିଂ ଓ କୀଟନାଶକ ପ୍ରୟୋଗ। ମୁଷ୍ଟିମେୟ ଅଣପାରମ୍ପରିକ ମତ୍ସ୍ୟଜୀବୀ ସୁବିଧାରେ ମାଛ ଧରିବା ପାଇଁ ନଦୀ ଗର୍ଭରେ ଡିନାମାଇଟ୍ ଫୁଟାଉଛନ୍ତି । ବିସ୍ଫୋରଣ ଯୋଗୁ ମାଛ ମରି ପାଣିରେ ଭାସୁଛନ୍ତି। ସେହିପରି ଚିଙ୍ଗୁଡି ଧରିବା ପାଇଁ ବିଷାକ୍ତ କୀଟନାଶକ ପ୍ରୟୋଗ କରାଯାଉଛି। ମାଛ, ଚିଙ୍ଗୁଡି ମରି ପାଣିରେ ଭାସିବା ପରେ ଅଣପାରମ୍ପରିକ ମତ୍ସ୍ୟଜୀବୀ ଏଗୁଡିକୁ ବଜାରରେ ବିକ୍ରି କରୁଛନ୍ତି । ତେବେ ବ୍ଲାଷ୍ଟିଂ ଓ କୀଟନାଶକ ପ୍ରୟୋଗ ଦ୍ୱାରା ମାଛ ବଂଶ ଲୋପ ପାଇ ଯାଉଛନ୍ତି। ଫଳରେ ମହାନଦୀ କୂଳରେ ବସବାସ କରି ପାରମ୍ପରିକ କୌଶଳରେ ମାଛ ମାରୁଥିବା କୈବର୍ତ୍ତ୍ୟମାନେ ଆଗଭଳି ମାଛ ପାଉନାହାନ୍ତି । ସେମାନଙ୍କ ଜୀବିକା ଏବେ ସଙ୍କଟରେ। ମାଛ ଧରି ଜୀବିକା ନିର୍ବାହ କରୁଥିବା ଶହ ଶହ ମତ୍ସ୍ୟଜୀବୀଙ୍କ ଜାଲ ଓ ଡଙ୍ଗା ଏବେ ଅଦରକାରୀ ହୋଇପଡିଛି। ସୋନପୁର ସହରର ଟିକିରିପଡା, ତଳପଡା, ତରିଆପଡା ଓ ସଡକପଡାରେ ବସବାସ କରୁଥିବା ୧୫୦ ମତ୍ସ୍ୟଜୀବୀ ପରିବାର କର୍ମସଂସ୍ଥାନ ହରାଇ ଏବେ ଚିନ୍ତାରେ ଅଛନ୍ତି । ଗତ ୧୯ ତାରିଖ ଠାରୁ ନଦୀ ଗର୍ଭରେ ପୁଣି ବ୍ଲାଷ୍ଟିଂ ଓ କୀଟନାଶକ ପ୍ରୟୋଗ ବୃଦ୍ଧି ପାଇଛି। ଏହାକୁ କେନ୍ଦ୍ର କରି ମତ୍ସ୍ୟଜୀବୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମହାନଦୀ ସୁରକ୍ଷା ମଞ୍ଚ ପକ୍ଷରୁ ଲଙ୍କେଶ୍ୱରୀରେ ଏକ ବୈଠକ ବସି ବେଆଇନ୍ ଭାବେ ମାଛ ମାରିବାକୁ ବିରୋଧ କରାଯାଇଛି। ରବିବାର ମଞ୍ଚର କର୍ମକର୍ତ୍ତାମାନେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଦେବୀପ୍ରସାଦ ଦାଶଙ୍କୁ ଭେଟି ଏ ସମ୍ପର୍କରେ ଏକ ସ୍ମାରକପତ୍ର ପ୍ରଦାନ କରିବା ସହ ବେଆଇନ ଭାବେ ମାଛ ମରା ବନ୍ଦ କରିବା ପାଇଁ ଅନୁରୋଧ କରିଛନ୍ତି । ଏସ୍‌ପି ଦାଶ ନଦୀ କୂଳରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା ସହ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଞ୍ଚର କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ମଞ୍ଚର ଋଷଭ ବୁଡେକ୍, ଗଙ୍ଗା ତରିଆ, ଶ୍ୟାମ ଶତପଥୀ, ବୁଦ୍ଧା ନାଏକ, ସୁରୁବାବୁ ସାହୁ, ବୈଶାଖୁ ବଡେଇ, ବବୁଲୁ ଡନସେନା, ବେଲାଶନ ନାଏକ କୁନମୁନ ମହାଲିକ ପ୍ରମୁଖ ଏସ୍‌ପିଙ୍କୁ ଭେଟିଥିଲେ।

> ଅତିମାନବ ନୁହଁ ଏକ ଉନ୍ନତ ମାନବର ଉଚ୍ଚତମ ନିର୍ଦ୍ଧାରିତ ଶୃଙ୍ଗ ଉପରେ ଆରୋହୀ ମାନବ। ସେ ମଧ୍ୟ ମାନବୀୟ ଜ୍ଞାନ, ଶକ୍ତି, ବୁଦ୍ଧି, ସଂକଳ୍ପ, ଚରିତ୍ର, ପ୍ରତିଭା, ଗତିଶୀଳ ଶକ୍ତି, ସଚ୍ଚତ୍ର, ପ୍ରେମ, ପବିତ୍ରତା କିମ୍ବା ପରିପୂର୍ଣ୍ଣତାର ପ୍ରତୀକ ନୁହେଁ। ... ସେ ମଣିଷ ପ୍ରକୃତିର ଉଚ୍ଚତମ ଚେତନାଠାରୁ ଊର୍ଦ୍ଧ୍ୱରେ ଅତିମାନସ ଚେତନାର ଅଧିକାରୀ। -ଶ୍ରୀଅରବିନ୍ଦ

# ବଦଳି ଦଣ୍ଡ ନୁହେଁ

ପୁରୀ ସହର ଓ ସୁନ୍ଦରଗଡ଼ ଜିଲାର ବୀରମିତ୍ରପୁରରେ ପୋଲିସ ହେପାଜତରେ ଦୁଇ ଜଣଙ୍କ ମୃତ୍ୟୁ ଘଟଣା ସହ ପିପିଲିରେ ୫ ଜଣଙ୍କୁ ଥାର୍ଡ ଡିଗ୍ରୀ ଦିଆଯାଇଥିବା ଅଭିଯୋଗ ହୋଇଛି। ପୋଲିସ ବର୍ବରତାକୁ ନେଇ ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭର ଦୁଇ ଦିନ ହୋହଲ୍ଲାରେ ଯାଇଛି। ହାଜତ ମୃତ୍ୟୁ ହୋଇଥିବା ବିଷୟ ରାଷ୍ଟ୍ର ହେବା ପରେ ସବୁଆଡୁ ପୋଲିସକୁ ସମାଲୋଚନା କରାଯାଉଛି। ଅପରାଧୀ ଯେତେ ଭୟଙ୍କର ହେଲେ ମଧ୍ୟ ତାଙ୍କୁ ପିଟି ମାରିବାର ଅଧିକାର ପୋଲିସର ନାହିଁ। ପୁରୀ ବାସିନ୍ଦା କୁହାକୁହି ହେଉଛନ୍ତି ଯେ, ଥାନା ଭିତରେ ଉଚ୍ଚପାହ୍ୟା ଅଫିସର ଖୋଦ୍ ବାଡ଼େଇଥିବାରୁ ଜଣକ ମୃତ୍ୟୁ ଘଟିଥିଲା। କିନ୍ତୁ ଏହି ଘଟଣାରେ 'ମାର୍ ମାର୍ ଭଣ୍ଡାରିଆକୁ ମାର୍' ନ୍ୟାୟରେ ଜଣେ କନିଷ୍ଠ ଅଧିକାରୀ ଓ ଜଣେ କନଷ୍ଟେବଲଙ୍କୁ ନିଲମ୍ବନ କରାଗଲା। କୌଣସି ଘଟଣାସ୍ଥଳରେ ଜଣେ ବ୍ୟକ୍ତିଙ୍କ ଆପରାଧିକ କାର୍ଯ୍ୟ ଧରାପଡ଼ିଗଲେ ଉତ୍ତ୍ୟକ୍ତ ଜନତା ତାଙ୍କୁ ସେହିଠାରେ ବାଡ଼େଇଥାଆନ୍ତି। ସେତେବେଳେ ପୋଲିସ ହସ୍ତକ୍ଷେପ କରି ଅପରାଧୀଙ୍କୁ ମୁକୁଳେଇ ଆଣେ। ସୁରକ୍ଷା ଦେବା ବଦଳରେ ପୋଲିସ ଯେତେବେଳେ ଅପରାଧୀଙ୍କ ପ୍ରତି ହିଂସ୍ର ହୋଇଯାଇଥାଏ, ସ୍ଥଳବିଶେଷରେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଥାଏ। ଏହିଭଳି ହାଜତ ମୃତ୍ୟୁର ବିଭିନ୍ନ କାରଣ ଥାଇପାରେ ବୋଲି ମନେହେଉଛି।

ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ଉଚ୍ଚପଦସ୍ଥ ଅଫିସରମାନେ ନିଜେ ତଦନ୍ତରେ ବିଶ୍ୱାସ କରୁ ନ ଥିବା ହେତୁ ତଳପାହ୍ୟା ଅଫିସର ସେଥିରେ ପଶୁନାହାନ୍ତି। ଫଳସ୍ୱରୂପ ପିଟାମରା କରି ବୟାନ ଲେଖେଇନେବା ହୋଇଯାଇଛି ପୋଲିସର ଚରିତ୍ର। ଏଭଳି ସ୍ୱଭାବକୁ ସାଧାରଣ ଲୋକଙ୍କ ବିପଜ୍ଜନକ ମତ ପ୍ରୋତ୍ସାହନ ଦେଉଛି। ଆମେ ସମସ୍ତେ ଭାବୁଛେ ଅପରାଧୀକୁ ତତ୍କ୍ଷଣାତ୍ ଦଣ୍ଡ ମିଳିବା ଉଚିତ, ସେଥିପାଇଁ ପୋଲିସ ଯେତେ ବାଡ଼େଇବ ସେତେ ଭଲ। ଏଭଳି ମାନସିକତା ପୋଷଣ କରୁଥିବା ନାଗରିକ ଭୁଲିଯାଆନ୍ତି ଯେ ଅପାରଗତା ଯୋଗୁ ବାଡ଼ଉଥିବା ପୋଲିସ ତା'ର ତଦନ୍ତ ଶକ୍ତି ନ ଥିବା ହେତୁ ଭୁଲ୍ ବ୍ୟକ୍ତି ବିରୋଧରେ ଦୋଷାରୋପ କରି ନିଜ ଦାୟିତ୍ୱ ଖସାଇ ଦେଇଥାଏ। ଆଜି ଅନ୍ୟ କାହାରି ଭାଇ କିମ୍ବା ପୁତ୍ରକୁ ପିଟିକରି ମାରିଦେଇଥିବା ପୋଲିସ ସପକ୍ଷରେ ଯାଉଥିବା ବ୍ୟକ୍ତିମାନେ ଭୁଲିଯାଉଛନ୍ତି ଯେ ଆଗାମୀ ଦିନଗୁଡ଼ିକରେ ସିଏ ନିଜେ କିମ୍ବା ତାଙ୍କରି କୌଣସି ଆତ୍ମୀୟ ପୋଲିସର ଏହି ଅପାରଗତାର ଶିକାର ହୋଇପାରନ୍ତି। ସେଭଳି ସ୍ଥିତି ଉପୁଜିଲେ ତାଙ୍କ ପାଇଁ କହିବାକୁ କେହି ଆସିବେ ନାହିଁ। ଏଭଳି ଘଟଣାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଥିଲା ଗତବର୍ଷ ନଭେମ୍ବରରେ ତେଲଙ୍ଗାନା ରାଜଧାନୀ ହାଇଦ୍ରାବାଦଠାରେ। ଜଣେ ମହିଳା ପ୍ରାଣୀ ଚିକିତ୍ସକଙ୍କୁ ଦୁର୍ବୃତ୍ତମାନେ ଗଣବଳାତ୍କାର କରି ହତ୍ୟା କରିଥିଲେ। ପରେ ଅପରାଧୀଙ୍କୁ ପୋଲିସ ଏନ୍‌କାଉଣ୍ଟର କରି ମାରିଦେଇଥିଲା। ଦେଶବ୍ୟାପୀ ହାଇଦ୍ରାବାଦ ପୋଲିସକୁ ଲୋକେ ପ୍ରଶଂସା କରିଥିଲେ। ବାସ୍ତବରେ ଶିକ୍ଷିତ ସମାଜରେ ପୋଲିସ ଦଣ୍ଡ ଦେବା କେବେହେଲେ ଗ୍ରହଣୀୟ ହେବାକଥା ନୁହେଁ। ହାଇଦ୍ରାବାଦ ଘଟଣାକୁ ଦେଖିଲେ ଆଜି ମଧ୍ୟ କେହି କହିପାରିବେ ନାହିଁ ଯେ, ପୋଲିସ ମାରିଥିବା ସେହି ଚାରିଜଣ ବ୍ୟକ୍ତି ପ୍ରକୃତରେ ବଳାତ୍କାରୀ ଓ ହତ୍ୟାକାରୀ ଥିଲେ ବୋଲି। ପୋଲିସ ଯେକୌଣସି ଚାରିଜଣଙ୍କୁ ଆଣି ଗୁଳିକରି ମାରିଦେବା ଫଳରେ ଲୋକଙ୍କ ପ୍ରଶଂସା ପାଇଲା ଏବଂ ଉତ୍ତେଜନାକୁ ପ୍ରଶମିତ କରିବା ସହିତ ନିଜର ଅପାରଗତାକୁ ଲୁଚାଇ ଦେଇପାରିଲା।

ଏଠାରେ ମନେପଡ଼େ ବମ୍ବେ ଆତଙ୍କବାଦୀ ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ଅଜମଲ୍ କସବଙ୍କ ଭଳି ଆତଙ୍କବାଦୀଙ୍କୁ ଜେଲରେ ସୁରକ୍ଷା ଦିଆଯିବାଠାରୁ ଆରମ୍ଭ କରି ତାଙ୍କ ଲାଗି ଅନେକ ଅର୍ଥ ଖର୍ଚ୍ଚ କରାଗଲା। ଯେହେତୁ ଏହା ଅନ୍ତର୍ଜାତୀୟ ଘଟଣାରେ ପରିଣତ ହୋଇଥିଲା, ସେଥିପାଇଁ ବିଦେଶୀ ତର୍ଜମାକୁ ଆଖିରେ ରଖି ସମ୍ପୂର୍ଣ୍ଣ ତଦନ୍ତ ଏବଂ ନ୍ୟାୟିକ ବ୍ୟବସ୍ଥା ଦେଇ କାର୍ଯ୍ୟ କରାଯାଇଥିଲା। ତାହା ହେଉଛି ଉଚିତ ପନ୍ଥା। ତତ୍କ୍ଷଣାତ୍ ନ୍ୟାୟ ଦେବା ପାଇଁ କୌଣସି ପୋଲିସ ବାହିନୀ ପାଖରେ ସାମର୍ଥ୍ୟ ନାହିଁ। ଭାରତରେ ପୋଲିସରେ ଭର୍ତ୍ତି ହେଉଥିବା ବ୍ୟକ୍ତିମାନେ କ୍ଷମତା ଦେଖାଇବାରେ ମତ୍ତ ହୋଇଯାଉଛନ୍ତି। ଅନେକ ସମୟରେ ନିରୀହଙ୍କୁ ଦଣ୍ଡିତ କରିବା ପୋଲିସର ଚରିତ୍ର ପାଲଟିଯାଇଛି। ଏହାର ଅନେକ ଦୃଷ୍ଟାନ୍ତ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଏବଂ ଆମ ରାଜ୍ୟରେ ଓଡ଼ିଶା ମାନବ ଅଧିକାର କମିଶନ (ଓଏଚ୍‌ଆର୍‌ସି) ପକ୍ଷରୁ ଦିଆଯାଉଥିବା ନିର୍ଦ୍ଦେଶରୁ ବୁଝାପଡ଼ିଯାଉଛି। କିନ୍ତୁ କୌଣସି ପରିବର୍ତ୍ତନ ହୋଇପାରୁ ନାହିଁ। ଏଭଳି ସ୍ଥଳେ ଦୋଷୀ ପୋଲିସଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯିବା ଦରକାର। ମାତ୍ର ବଦଳି ଏକ ଦଣ୍ଡ ନୁହେଁ।

ବହୁବର୍ଷ ଧରି ଭାରତରେ ପୋଲିସ ସଂସ୍କାର ସମ୍ପର୍କରେ ଅନେକ କଥା ଶୁଣିବାକୁ ମିଳୁଛି। ସେହିସଂସ୍କାରସମ୍ବନ୍ଧୀୟଆଲୋଚନାକେଉଁପ୍ରକାରଗାଡ଼ି, ଭିଏଚ୍‌ଏଫ୍‌ଯନ୍ତ୍ରପାତି, ଆଧୁନିକ ବନ୍ଧୁକ ଭଳି ବିଷୟରେ ସୀମିତ ରହିଯାଉଛି। ବାସ୍ତବରେ ଆବଶ୍ୟକତା ହେଉଛି ପୋଲିସ କର୍ମଚାରୀ ବିଶେଷକରି ଭାରତୀୟ ପୋଲିସ ସେବା (ଆଇପିଏସ୍) ସ୍ତରରେ ମାନସିକ ପରିବର୍ତ୍ତନ କରିବା ସକାଶେ ମନସ୍ତାତ୍ତ୍ୱିକ ପ୍ରଶିକ୍ଷଣ ନିତାନ୍ତ ଦରକାର।

## ସାପ୍ତାହିକ ପଞ୍ଜିକା

**ନଭେମ୍ବର ୧୫:** ନୀତୀଶ କୁମାର ଏନ୍‌ଡିଏ ବିଧାୟକ ଦଳର ନେତା ଭାବେ ନିର୍ବାଚିତ।

**ନଭେମ୍ବର ୧୬:** କରୋନା ଭୂତାଣୁ ଦମନ କରିବାରେ ମଡର୍ନା ଟିକା ୯୪.୫ ପ୍ରତିଶତ ଫଳପ୍ରଦ।

➢ ୪ ମହାକାଶଚାରୀଙ୍କୁ ସ୍ପେସ୍ ଷ୍ଟେଶନ ପଠାଇଲା ସ୍ପେସ୍‌ଏକ୍ସ।

**ନଭେମ୍ବର ୧୭:** ଇଥିଓପିଆରେ ଗୃହଯୁଦ୍ଧ ସ୍ଥିତି ଉପୁଜିଛି।

**ନଭେମ୍ବର ୧୮:** ଓଡ଼ିଶାକୁ ଶ୍ରେଷ୍ଠ ମେରାଇନ୍ ଷ୍ଟେଟ୍ ଆୱାର୍ଡ ମିଳିଛି।

➢ ଚୂଡ଼ାନ୍ତ ପରୀକ୍ଷାରେ ଫାଇଜର ଟିକା ୯୫% ଫଳପ୍ରଦ।

**ନଭେମ୍ବର ୧୯:** ପୋଲିସ ହେପାଜରେ ୨ ମୃତ। ପୁରୀ ଓ ବୀରମହାରାଜପୁରରେ ଉତ୍ତେଜନା।

**ନଭେମ୍ବର ୨୦:** ଦେଶର ଆକ୍ରାନ୍ତ ସଂଖ୍ୟା ୯୦ ଲକ୍ଷ ଟପିଥିଲାବେଳେ ମୃତକଙ୍କ ସଂଖ୍ୟା ୧.୩୨ ଲକ୍ଷରେ ପହଞ୍ଚିଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | | | | | D | | | 6 | | 8 | E | 4 | | |
| 6 | 4 | | | | 1 | | | 0 | B | | | | 8 | A |
| | | A | 0 | | | | | 5 | | | | | | C |
| | | | 9 | | 6 | | | 7 | 0 | | D | | | |
| B | | C | 5 | | 3 | | | | | 7 | | | | E |
| | | | | 1 | | | | | | | | A | D | |
| 0 | | | | 3 | | 2 | C | | | 5 | | B | 4 | |
| | 7 | 2 | | | | 4 | | | 1 | A | 9 | | C | |
| | | 9 | | | 5 | | | | | C | | | 2 | 3 |
| 8 | 6 | 3 | | | | | | D | | | | 0 | | 7 |
| | | 4 | | 9 | | | | | | D | | 1 | A | B |
| 2 | | 8 | 4 | | | 0 | 3 | | | | | E | | |
| 7 | | | | | | | | 4 | A | E | | | | |
| | D | | | | | | 7 | E | 9 | 2 | 6 | | | |
| | B | 1 | 7 | 6 | | | 8 | A | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 1 | 0 | 2 | 6 | 3 | D | C | 8 | E | 7 | A | 4 | 9 | B |
| 4 | 7 | D | C | B | 0 | A | 5 | 3 | 6 | 2 | 9 | E | 1 | 8 |
| 2 | C | 9 | A | 4 | D | 1 | E | 6 | 5 | B | 8 | 3 | 0 | 7 |
| 8 | E | 3 | 5 | 7 | 1 | 2 | 9 | B | 4 | 0 | C | A | 6 | D |
| A | 6 | B | 8 | E | 9 | 7 | 4 | 0 | 1 | D | 3 | 5 | C | 2 |
| D | 0 | 8 | 1 | 5 | A | B | 3 | 9 | 2 | E | 6 | C | 7 | 4 |
| C | 4 | A | 9 | D | B | 8 | 1 | 2 | 0 | 5 | 7 | 6 | 3 | E |
| B | 3 | E | 4 | 2 | 7 | C | 6 | 5 | 9 | 8 | 1 | 0 | D | A |
| 7 | 2 | 5 | 6 | 3 | 8 | 0 | A | E | D | C | 4 | 9 | B | 1 |
| 6 | 9 | 1 | E | 0 | C | 4 | D | 7 | 3 | A | B | 8 | 2 | 5 |
| 3 | 8 | 6 | D | 9 | E | 5 | B | A | 7 | 1 | 0 | 2 | 4 | C |
| 1 | A | C | 0 | 8 | 2 | 3 | 7 | 4 | B | 9 | 5 | D | E | 6 |
| 0 | B | 7 | 3 | A | 6 | E | 2 | C | 8 | 4 | D | 1 | 5 | 9 |
| 9 | 5 | 2 | 7 | 1 | 4 | 6 | 8 | D | C | 3 | E | B | A | 0 |
| E | D | 4 | B | C | 5 | 9 | 0 | 1 | A | 6 | 2 | 7 | 8 | 3 |

ଗତକାଲିର ଉତ୍ତର

# ମହାମାରୀ ସମୟରେ 'ଦରିଦ୍ରର ସଞ୍ଚୟ'



ଡ. ଅମରେନ୍ଦ୍ର ଦାସ

ବିପତ୍ତି ସମୟରେ ଆର୍ଥିକ ପରିଚାଳନା ଅତ୍ୟନ୍ତ ଜଟିଳ ହୋଇପଡ଼ି ଥାଏ। କରୋନା ମହାମାରୀ ଭଳି ବିଶ୍ୱ ବିପତ୍ତି ସମୟରେ ଆର୍ଥିକ ପରିଚାଳନା ଆହୁରି ଅଧିକ ଜଟିଳ। ଏହିପରି ବିପତ୍ତି ସମୟରେ ଦୁଇଟି ଦିଗରୁ ସମସ୍ୟା ଆସେ। ଗୋଟିଏ ପଟରେ ରାଜସ୍ୱ ବ୍ୟାପକ ହ୍ରାସ ହୋଇଥାଏ ତ ଆଉ ଗୋଟିଏ ପଟରେ ସବୁ କ୍ଷେତ୍ରରେ ବ୍ୟୟ ବୃଦ୍ଧି ପାଇଁ ଦାବି। କରୋନା ମହାମାରୀଜନିତ ଲକ୍‌ଡାଉନ୍ ଯୋଗୁ ରାଜ୍ୟର ପ୍ରାୟ ସମସ୍ତ କ୍ଷେତ୍ର ଘୋର ପ୍ରଭାବିତ ହୋଇଛି।

ଓଡ଼ିଶା ଅର୍ଥନୀତି ସଂଗଠନ ତରଫରୁ କରାଯାଇଥିବା ଆକଳନରୁ ଅନୁମାନ କରାଯାଏ ଯେ, ରାଜ୍ୟର ଅର୍ଥନୀତି ପ୍ରାୟ ୧୬ ପ୍ରତିଶତରୁ ଅଧିକ ସଙ୍କୁଚିତ ହେବ। କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ତରଫରୁ କରାଯାଇଥିବା ଆଗୁଆ ହିସାବରୁ ଜଣାପଡିଛି ଯେ ଦେଶର ପ୍ରଥମ ତ୍ରୈମାସିକ ଉତ୍ପାଦ ପାଖାପାଖି ୨୪ ପ୍ରତିଶତ ହ୍ରାସ ପାଇଛି। ଦ୍ୱିତୀୟ ତ୍ରୈମାସିକରେ ମଧ୍ୟ ଏହା ଆଠ ପ୍ରତିଶତରୁ ଅଧିକ ହ୍ରାସ ପାଇବ ବୋଲି ରିଜର୍ଭ ବ୍ୟାଙ୍କ ତରଫରୁ ଆକଳନ କରାଯାଉଛି। ଏହି ପରିସ୍ଥିତିରେ ରାଜ୍ୟର ଉତ୍ପାଦନ ମଧ୍ୟ ପ୍ରାୟ ସେଇ ହାରରେ ହ୍ରାସ ପାଇବାର ସମ୍ଭାବନା ରହୁଛି। ବ୍ୟାପକ ମାତ୍ରାରେ ନିଯୁକ୍ତି ଏବଂ ରୋଜଗାର ହ୍ରାସ ଘଟୁ ଥିବାରୁ ତୃତୀୟ ତ୍ରୈମାସିକରେ ଉତ୍ପାଦନ ଅଭିବୃଦ୍ଧି ନେଇ ସଂଶୟ ରହୁଛି। ଏହି ପରିସ୍ଥିତିରେ ୨୦୨୦-୨୧ ଆର୍ଥିକ ବର୍ଷରେ କୌଣସି ପ୍ରକାରେ ରାଜ୍ୟର ମୋଟ ଉତ୍ପାଦନ ଅଭିବୃଦ୍ଧି ହାସଲ କରିବାର ସମ୍ଭାବନା ନାହିଁ ବରଂ ଏହା ୧୦ ପ୍ରତିଶତରୁ ଅଧିକ ସଙ୍କୁଚିତ ହେବା ପ୍ରାୟ ନିଶ୍ଚିତ।

ରାଜ୍ୟର ମୋଟ ଉତ୍ପାଦନ ହ୍ରାସ ପାଇଲେ ରାଜସ୍ୱ ସଂଗ୍ରହ ସିଧାସଳଖ ହ୍ରାସ ପାଇବ। ଏହି ପରିସ୍ଥିତିରେ ଦୁଇ ପ୍ରକାର ପରାମର୍ଶ ଆସିପାରେ। ପ୍ରଥମଟି ହେଲା, ବ୍ୟକ୍ତିଗତ ଆର୍ଥିକ ପରିଚାଳନା ନୀତିକୁ ଆପଣାଇଲେ ରାଜସ୍ୱ ହ୍ରାସ ପାଉଥିବାରୁ ବ୍ୟୟ ହ୍ରାସ କରାଯିବା ଉଚିତ ବୋଲି ଅନେକେ ମତ ପୋଷଣ କରିପାରନ୍ତି। କିନ୍ତୁ ପ୍ରକୃତ ପକ୍ଷେ ସରକାରୀ ଆର୍ଥିକ ପରିଚାଳନା ନୀତି ବ୍ୟକ୍ତିଗତ ଆର୍ଥିକ ପରିଚାଳନା ନୀତିଠାରୁ ଭିନ୍ନ। ଦ୍ୱିତୀୟ ପରାମର୍ଶଟି ହେଲା ଏହି ସମୟରେ ଘରୋଇ ପୁଞ୍ଜି ନିବେଶ ଆସିବା ଅନିଶ୍ଚିତ ବା ହ୍ରାସ ପାଇବ ଏବଂ ଏହି ଧାରା ବିଗତ ନଅବର୍ଷ ହେଲାଣି ଜାରି ରହିଛି। ଦେଶର ମୋଟ ପୁଞ୍ଜି ନିବେଶ ୨୦୧୧ରେ ଜାତୀୟ ଉତ୍ପାଦର ପ୍ରାୟ ୪୦ ପ୍ରତିଶତରୁ ଖସି ଆସି ବର୍ତ୍ତମାନ ୩୦ ପ୍ରତିଶତ ତଳକୁ ଗଲାଣି। ଏହି ପରିସ୍ଥିତିରେ ଅର୍ଥନୀତି ଅଭିବୃଦ୍ଧିକୁ ଉପରକୁ ନେବାକୁ ହେଲେ ସରକାରୀ ବ୍ୟୟ ବା ପୁଞ୍ଜି ନିବେଶ ବୃଦ୍ଧି କରିବାକୁ ହେବ।

ଏହି ପରିପ୍ରେକ୍ଷୀରେ କରୋନାର ପ୍ରାୟ ନଅ ମାସ ପରେ ବା ୨୦୨୦-୨୧ ଆର୍ଥିକବର୍ଷର ଆଠ ମାସ ପରେ ଆମେ ଓଡ଼ିଶାର ଆର୍ଥିକ ପରିଚାଳନାର ଏକ ନିରପେକ୍ଷ ମୂଲ୍ୟାୟନ କରିବା। ରାଜ୍ୟ ସରକାର ବଜେଟରେ ୨୦୨୦-୨୧ ଆର୍ଥିକବର୍ଷ ପାଇଁ ୧, ୨୪, ୩୦୦ କୋଟି ଟଙ୍କା ରାଜସ୍ୱ ସଂଗ୍ରହର ଆକଳନ କରିଥିଲେ। ଚଳିତ ଆର୍ଥିକବର୍ଷର ଛଅ ମାସ ଶେଷରେ ଅର୍ଥାତ୍ ସେପ୍ଟେମ୍ବର ଶେଷ ସୁଦ୍ଧା ପାଖାପାଖି ୩୭ପ୍ରତିଶତ ରାଜସ୍ୱ ସଂଗ୍ରହ କରି ପାରିଛନ୍ତି। ଗତ ମାସ ଏହି ସମୟ ସୁଦ୍ଧା ରାଜ୍ୟ ସରକାର ବଜେଟ ଆକଳନର ପାଖାପାଖି ୪୩ପ୍ରତିଶତ ରାଜସ୍ୱ ସଂଗ୍ରହ କରିପାରିଥିଲେ। ରାଜ୍ୟର ନିଜସ୍ୱ କର ଭିତରେ ଜିଏସ୍‌ଟି, ଭୂ-ରାଜସ୍ୱ, ଷ୍ଟାମ୍ପ ଏବଂ ରେଜିଷ୍ଟ୍ରେଶନ ଫି, ବିକ୍ରି କର, ଅବକାରୀ କର ଆଦି ଥାଏ `ଏଥି ମଧ୍ୟରୁ ଭୂ-ରାଜସ୍ୱ, ଷ୍ଟାମ୍ପ ଏବଂ ରେଜିଷ୍ଟ୍ରେଶନ ଫି ମାଧ୍ୟମରେ ରାଜସ୍ୱ ସଂଗ୍ରହ ଗତବର୍ଷ ତୁଳନାରେ ବୃଦ୍ଧି ପାଇଛି। ସର୍ବାଧିକ ରାଜସ୍ୱ ହାନି ହୋଇଛି ରାଜ୍ୟ ଅବକାରୀ କର ସଂଗ୍ରହରେ। ଗତବର୍ଷ ତୁଳନାରେ ମାତ୍ର ଅଧା ରାଜସ୍ୱ ସଂଗ୍ରହ ହୋଇପାରିଛି। ସେହିପରି ଜିଏସ୍‌ଟି ସଂଗ୍ରହ ଏବଂ ବିକ୍ରି କର ସଂଗ୍ରହ ମଧ୍ୟ ଯଥାକ୍ରମେ ଛଅ ଏବଂ ଦଶ ପ୍ରତିଶତ ହ୍ରାସ ପାଇଛି। ନିଜସ୍ୱ ଅଣ-କର ରାଜସ୍ୱ ମଧ୍ୟ ପାଖାପାଖି ଛଅ ପ୍ରତିଶତ ହ୍ରାସ ପାଇଛି। କେନ୍ଦ୍ରରୁ ଆସୁଥିବା କର-ଭାଗ ଏବଂ ଅନୁଦାନ ଯଥାକ୍ରମେ ତିନି ଓ ପାଞ୍ଚ ପ୍ରତିଶତ ହ୍ରାସ ପାଇଛି । ରାଜ୍ୟ ସରକାର ବିଶେଷ ଋଣ ନ କରି ସଞ୍ଚିତ ଥିବା ବିଭିନ୍ନ ଅର୍ଥକୁ ବିନିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସିଏଜି ୱେବ୍‌ସାଇଟରେ ରାଜ୍ୟ ସରକାର ଦେଉଥିବା ମାସିକ ଆର୍ଥିକ ସ୍ଥିତିକୁ ଆମେ ଟିକେ ପରଖିବା ଉଚିତ। ଏହି ତଥ୍ୟରୁ ଜଣାପଡେ ଯେ, ରାଜସ୍ୱ ତୁଳନାରେ ରାଜ୍ୟର ବ୍ୟୟ ଅଧିକ ମାତ୍ରାରେ ସଙ୍କୁଚିତ ହୋଇଛି। ରାଜସ୍ୱ ସଂଗ୍ରହ ପାଖାପାଖି ଛଅ ପ୍ରତିଶତ ହ୍ରାସପାଇଥିବା ବେଳେ ରାଜ୍ୟର ରାଜସ୍ୱ ବ୍ୟୟ ପାଖାପାଖି ତେର ପ୍ରତିଶତ ହ୍ରାସ ପାଇଛି ଏବଂ ପୁଞ୍ଜି ବ୍ୟୟ ଅଠର ପ୍ରତିଶତ ହ୍ରାସ ପାଇଛି। ଏହିପରି ଭାବରେ ରାଜ୍ୟର ମୋଟ ବ୍ୟୟ ପାଖାପାଖି ୧୪ ପ୍ରତିଶତ ହ୍ରାସ ପାଇଛି। ରାଜସ୍ୱ ବ୍ୟୟ ମଧ୍ୟରେ ଦରମା ଓ ମଜୁରି, ସୁଧ ପରିଶୋଧ ଏବଂ ସବ୍‌ସିଡି ବ୍ୟୟ ଅତି ସ୍ୱଳ୍ପ ମାତ୍ରାରେ ବୃଦ୍ଧି ପାଇଥିବା ବେଳେ ପେନ୍‌ସନ ବ୍ୟୟ ୧୩ ପ୍ରତିଶତ ହ୍ରାସ ପାଇଛି।

ସାମାଜିକ କ୍ଷେତ୍ରରେ ବ୍ୟୟ ସର୍ବାଧିକ ୩୦ ପ୍ରତିଶତ ହ୍ରାସ ପାଇଛି। ବିଗତ ବର୍ଷ ତୁଳନାରେ ରାଜ୍ୟର ବଳକା ରାଜସ୍ୱ (ରେଭିନ୍ୟୁ ସରପ୍ଲସ) ପରିମାଣ ୪,୧୨୬ କୋଟି ଟଙ୍କାରୁ ବୃଦ୍ଧି ପାଇ ୬,୭୯୦ କୋଟିରେ ପହଞ୍ଚିଛି। ସେହିପରି ଗତବର୍ଷ ପ୍ରଥମ ଛଅ ମାସ ସୁଦ୍ଧା ରାଜ୍ୟ ସରକାର ୧୭୮୨ କୋଟି ଟଙ୍କା ଆର୍ଥିକ ନିଅଣ୍ଟ ଦର୍ଶାଇ ଥିବା ସମୟରେ ଏହି ବର୍ଷ ୧୦୩୦ କୋଟି ଟଙ୍କା ଆର୍ଥିକ ବଳକା (ଫିସକାଲ ସରପ୍ଲସ) ଦର୍ଶାଇଛନ୍ତି।

ବ୍ୟକ୍ତିଗତ ଆର୍ଥିକ ପରିଚାଳନା ନୀତିକୁ ନେଇ ଆଲୋଚନା କଲେ ଆମେ ଭାବିପାରିବା ଯେ ଆମ ରାଜ୍ୟ ସରକାର ନିଶ୍ଚିତ ବହୁତ ଧନୀ ହୋଇଥିବେ। ତାଙ୍କ ପାଖରେ ଏତେ ଧନ ସମ୍ପତ୍ତି ଅଛି ଯେ ସେ ନିଜେ ଖର୍ଚ୍ଚ କରି ପାରୁନାହାନ୍ତି। ଅନ୍ୟପ୍ରକାରେ ଆମେ ଭାବି ପାରିବା ଯେ ଆମ ରାଜ୍ୟରେ ସବୁ ଲୋକ ଅତ୍ୟନ୍ତ ଖୁସିରେ ନିଶ୍ଚିତ ଅଛନ୍ତି; ସବୁ ଲୋକ ପାଖରେ ସବୁ କିଛି ଉପଲବ୍ଧ ରହିଛି; ଯାହା ଫଳରେ ରାଜ୍ୟ ସରକାର ଆଉ କାହା ପାଇଁ କିଛି କରିବା ଆବଶ୍ୟକ ନାହିଁ। କିନ୍ତୁ ବାସ୍ତବରେ କ'ଣ ଏହା ସତ ? ନା ଆମ ରାଜ୍ୟ ସରକାର ଜନସାଧାରଣଙ୍କର ସମସ୍ୟା ବିଷୟରେ ଅବଗତ ନୁହନ୍ତି ? ରାଜ୍ୟର ପ୍ରାୟ ୩୩ ପ୍ରତିଶତ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା କଥା ତ ସରକାର ନିଜେ କହୁଛନ୍ତି। ଅର୍ଥ ଆୟୋଗ ବା କେନ୍ଦ୍ର ସରକାରଙ୍କୁ ଅନୁଦାନ ମାଗିବା ବେଳେ ଆମ ରାଜ୍ୟ ସବୁଠାରୁ ଗରିବ ବୋଲି କହୁଛନ୍ତି। ଏସବୁ ଦୁଃଖଠାରୁ ତ କରୋନା ଲକ୍‌ଡାଉନ ସମୟରେ ଯେଉଁ ହୃଦୟ ବିଦାରକ ଦୃଶ୍ୟ ସବୁ ଆମେ ସମସ୍ତେ ଦେଖିଲେ ତାହା କ'ଣ ରାଜ୍ୟ ସରକାର ଦେଖିପାରିଲେନି ? ମୁଠାଏ ଖାଇବା ପାଇଁ ଅନ୍ୟ ରାଜ୍ୟରେ ଖୋଲାଯାଇଥିବା ଅନ୍ନଛତ୍ର ଆଗରେ ଧାଡିରେ ଛିଡା ହୋଇ ଆମ ଭାଇମାନେ ମାଡ଼ ବି ଖାଇଲେ। ଏସବୁ ସମସ୍ୟାରେ ପଡି ରାଜ୍ୟର ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକ ବିଭିନ୍ନ ରାଜ୍ୟରୁ କିଏ ଚାଲିଚାଲି ଆସିଲା ତ ଆଉ କିଏ ସାଇକେଲରେ ଆସିଲା ; କିଏ ନିଜେ ବସ୍ କିମ୍ବା ଟ୍ରକ୍ ଭଡାକରି ଆସିଲା ତ ଆଉ କିଏ ନିଜ ଜୀବନକୁ ବାଜି ଲଗାଇ ଡଙ୍ଗା କିଣି ଆସିଲା।

ପ୍ରବାସୀ ଶ୍ରମିକଙ୍କ ଦୁଃଖ ଦେଖି ରାଜ୍ୟର ବୁଦ୍ଧିଜୀବୀ ପ୍ରବାସୀ ଶ୍ରମିକମାନଙ୍କ କୌଶଳ ତାଲିକା ପ୍ରସ୍ତୁତ କରିବା ସହ ସେମାନଙ୍କୁ ନିଜ ଅଞ୍ଚଳରେ ଯୋଗ୍ୟତା ହିସାବରେ ନିଯୁକ୍ତି ଦେବା ପାଇଁ ଅନେକ ପରାମର୍ଶ ଦେଲେ। କିନ୍ତୁ ଏସବୁ ବୋଧେ କାହାର କର୍ଣ୍ଣ ଭେଦ୍ୟ ହେଲା ନାହିଁ। ଅନେକ ଯୁବତୀ ଯୁବକ ନିଯୁକ୍ତି ପାଇଁ ବେଶ୍ କିଛିଦିନ ଅପେକ୍ଷା କରି ପୁଣି ସେମାନଙ୍କର କାର୍ଯ୍ୟସ୍ଥଳକୁ ଫେରି ଗଲେଣି। ଅନେକେ ମଧ୍ୟ ଏବେ ବି ବିଦେଶରୁ ଓ ବାହାର ରାଜ୍ୟରୁ ଜୀବିକା ହରାଇ ରାଜ୍ୟକୁ ଫେରୁଛନ୍ତି। ମହାମାରୀ ଭୟରେ ସ୍କୁଲ କଲେଜ ସବୁ ବନ୍ଦ। ଛାତ୍ରୀଛାତ୍ରମାନଙ୍କୁ ଅନ୍‌ଲାଇନରେ ପାଠପଢ଼ା ଯାଉଥିବାର ରାଜ୍ୟ ସରକାର କହୁଛନ୍ତି। ଗ୍ରାମାଞ୍ଚଳରେ ଏବଂ ଦୁର୍ଗମ ଅଞ୍ଚଳରେ ଲକ୍ଷ ଲକ୍ଷ ଛାତ୍ରୀଛାତ୍ର ମୋବାଇଲ, କମ୍ପ୍ୟୁଟର, ଇଣ୍ଟରନେଟ୍ ଅଭାବରୁ ପାଠ ପଢିପାରୁ ନାହାନ୍ତି। ନିକଟରେ ରାଜ୍ୟ ସରକାର ଦୁର୍ଗମ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ମୋବାଇଲ ଫୋନ ଯୋଗାଇ ଦେବେ ବୋଲି ଘୋଷଣା କରିଛନ୍ତି। ଦେଖିବାର ଅଛି କେତେ ଜଣ ଛାତ୍ରୀଛାତ୍ର ଏହି ସୁବିଧା ପାଉଛନ୍ତି।

ମନରେ ପ୍ରଶ୍ନ ଆସେ ରାଜ୍ୟର ପ୍ରତ୍ୟେକ ବ୍ୟକ୍ତି ଦୁର୍ଗତିର ସମ୍ମୁଖୀନ ହେଉଥିଲା ବେଳେ ସରକାର ବଳକା ରାଜସ୍ୱ କାହା ପାଇଁ ରଖିଛନ୍ତି ? ଆର୍ଥିକ ଶୃଙ୍ଖଳାର ଦ୍ୱାହି ଦେଇ ରାଜ୍ୟର ଯୁବତୀଯୁବକମାନଙ୍କୁ ପାଠପଢ଼ାରୁ ବଞ୍ଚିତ କରି ଏବଂ ବାହାର ରାଜ୍ୟରେ ଅମାନୁଷିକ ସ୍ଥିତିରେ କାମ କରିବାକୁ ଘରୁ ତଡି ଦେଇ ସରକାର କାହା ପାଇଁ ଟଙ୍କା ସଞ୍ଚୟ କରୁଛନ୍ତି ? ସରକାର 'ଦରିଦ୍ରର ସଞ୍ଚୟ' ଯଶ ବାନା ଉଡାଇବେକି ?

ଅର୍ଥନୀତି ପ୍ରାଧ୍ୟାପକ
ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା
ପ୍ରତିଷ୍ଠାନ, ଭୁବନେଶ୍ୱର

# ପେନ୍‌ସନ ପ୍ରଦାନରେ ଅସଙ୍ଗତି ଓ ସରକାରଙ୍କ କ୍ଷତି



ହରିଶଙ୍କର ମିଶ୍ର

୨୦୦୫ ମସିହା ଓ ପରେ ନିଯୁକ୍ତ ସରକାରୀ କର୍ମଚାରୀଙ୍କ ପାଇଁ ନୂତନ ପେନ୍‌ସନ ନୀତି ହୋଇଥିଲେ ହେଁ ଏବେ ରାଜ୍ୟରେ ପୂର୍ବ ପ୍ରଚଳିତ ନିୟମରେ ପ୍ରାୟ ଚାରି ଲକ୍ଷ ପେନ୍‌ସନ ଭୋଗୀ ରହିଛନ୍ତି। ପେନ୍‌ସନଭୋଗୀଙ୍କ ବୟସ ୮୦, ୮୫, ୯୦, ୯୫, ୧୦୦ ବର୍ଷ ହେଲେ ଯଥାକ୍ରମେ ୨୦, ୩୦, ୪୦, ୫୦ ଓ ୧୦୦ ଶତାଂଶ ଅଧିକ ପ୍ରାପ୍ୟ ମିଳିବାର ନିୟମ କରାଯାଇଛି। ପେନ୍‌ସନଭୋଗୀଙ୍କ ମୃତ୍ୟୁ ପରେ ଜୀବିତ ପତି ବା ପତ୍ନୀଙ୍କୁ ଓ ତାଙ୍କ ଅନ୍ତେ ବେରୋଜଗାରୀ ପୁଅକୁ ୨୫ ବର୍ଷ ହେବାଯାଏ ଓ ଅବିବାହିତ ଝିଅକୁ ବିବାହ ପର୍ଯ୍ୟନ୍ତ ପରିବାର ପେନ୍‌ସନ ମିଳିଥାଏ। ସ୍ୱାମୀ ପରିତ୍ୟକ୍ତା ଝିଅକୁ ବା ମାନସିକ ଅନଗ୍ରସର ପୁଅ ବା ଝିଅଙ୍କୁ ମଧ୍ୟ ଆଜୀବନ ପେନ୍‌ସନ ବ୍ୟବସ୍ଥା ରହିଛି। ଆଗେ ପ୍ରାୟତଃ ପୁରୁଷମାନେ ସରକାରୀ ଚାକିରି କରୁଥିଲେ। ସେମାନଙ୍କର ପତ୍ନୀଙ୍କ ପ୍ରତିପୋଷଣ ଉଦ୍ଦେଶ୍ୟରେ ଏହି ବ୍ୟବସ୍ଥା କରାଯାଇ ଥିଲା। ଏବେ ଅନେକ ସ୍ଥଳରେ ପତିପତ୍ନୀ ସରକାରୀ କର୍ମଚାରୀ ଏବଂ ସ୍ଥଳ ବିଶେଷରେ ଉଚ୍ଚ ବେତନଭୋଗୀ ରହୁଥିବା ବେଳେ କେତେକ ସ୍ଥଳରେ ଜଣେ ସରକାରୀ ଓ ଅନ୍ୟ ଜଣେ ବେସରକାରୀ କର୍ମଚାରୀ ହୋଇଥାନ୍ତି। ସେଭଳି କ୍ଷେତ୍ରରେ ଜଣଙ୍କର ମୃତ୍ୟୁରେ ଜୀବିତ ପତି ବା ପତ୍ନୀ ଆୟକରଦାତା ହୋଇଥିଲେ ବି ତେଲିଆ ମୁଣ୍ଡରେ ତେଲ ସଦୃଶ ତାଙ୍କୁ ପରିବାର ପେନ୍‌ସନ ଦିଆଯାଇ ଥାଏ। ସରକାରଙ୍କର ଅନେକ କର୍ମଚାରୀ କଲ୍ୟାଣ ନିୟମ କିଛି ବ୍ୟକ୍ତିଙ୍କ ପାଇଁ ଅହେତୁକ ବରଦାନ ହେଉଛି। ଚାକିରିରେ ଥାଇ ମୃତ୍ୟୁ ହେଲେ ପରିବାରର ଜଣକୁ ପୁନର୍ବାସ ଯୋଜନାରେ ଚାକିରି ସହ ଜୀବିତ ପତି ବା ପତ୍ନୀକୁ ପେନ୍‌ସନ ଦେବାର ନିୟମ ରହିଛି। ନିକଟ ଅତୀତରେ କେବଳ ୪ର୍ଥ ଶ୍ରେଣୀ ପଦବୀରେ ଏହି ନିଯୁକ୍ତିକୁ ସୀମିତ କରାଯାଇଛି। ଏହା ପୂର୍ବରୁ ପିତାଙ୍କ ମୂଳ ପଦବୀ ବା ରାଜ୍ୟ ଅଧସ୍ତନ ସେବାରେ ପୁଅ ବା ଝିଅଙ୍କୁ ନିଯୁକ୍ତି ସହ ମାଆଙ୍କୁ ଦୀର୍ଘଦିନ ପୂର୍ଣ୍ଣ ଓ ପରେ ପରିବାର ପେନ୍‌ସନ ଦିଆଯାଇଛି। ଏହାଦ୍ୱାରା ମୃତକ କର୍ମଚାରୀଙ୍କ ଦାୟାଦ ଦ୍ୱୈତ ସୁଯୋଗ ପାଉଛନ୍ତି। ଗତ ଶତାବ୍ଦୀର ଶେଷ ଦଶନ୍ଧିରେ ଅନେକ କର୍ମଚାରୀ ନିଜକୁ ରୁଗ୍ଣ ଓ ଅକ୍ଷମ କରାଇ ପୁଅମାନଙ୍କୁ ତାଙ୍କ ମୂଳ ବା ରାଜ୍ୟ ଅଧସ୍ତନ ସେବାରେ ନିଯୁକ୍ତ କରାଇଛନ୍ତି। ସେମାନେ ଏବେ ପଦୋନ୍ନତିଭିତ୍ତିକ ବେତନ ସହ ପୂର୍ବ ରୁଗ୍ଣ କର୍ମଚାରୀ ବୟସଭିତ୍ତିକ ବର୍ଦ୍ଧିତ ପେନ୍‌ସନ ବି ପାଉଛନ୍ତି।

ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ୨୦୦୮ରୁ ମାସ ଶେଷରେ ବ୍ୟାଙ୍କ ଖାତାରେ ପେନ୍‌ସନ ଟଙ୍କା ଜମାହୋଇ ଯାଉଛି। ପୂର୍ବରୁ ପେନ୍‌ସନଭୋଗୀମାନେ ଟ୍ରେଜେରିରୁ ଟୋକନ ନେଇ ବ୍ୟାଙ୍କରୁ ଟଙ୍କା ନେଉଥିବାରୁ ସେମାନଙ୍କୁ ବର୍ଗୀକରଣ କରାଯାଇ ବିଭିନ୍ନ ତାରିଖ ନିର୍ଦ୍ଧାରିତ ହେଉଥିଲା ସେତେବେଳେ ସମ୍ପୃକ୍ତ ବ୍ୟାଙ୍କ ପେନ୍‌ସନଭୋଗୀଙ୍କୁ ଋଣ ଦେବା ପାଇଁ ସେମାନଙ୍କ ପେନ୍‌ସନ ବ୍ୟାଙ୍କ ଅଧୀନକୁ ନେବାରେ ସକ୍ଷମ ହେଲେ। ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଋଣ ଦେଉଥିବାରୁ ଅନ୍ୟ ବ୍ୟାଙ୍କ ମଧ୍ୟ ସରକାରଙ୍କ ଉପରେ ଚାପ ପକାଇ ପ୍ରାୟ ଦେଢଲକ୍ଷ ପେନ୍‌ସନ ଦେଉ ଥିବାରୁ ସରକାରଙ୍କଠାରୁ ବାର୍ଷିକ ୩୦କୋଟିରୁ ଅଧିକ କମିଶନ ନେଉଛନ୍ତି। ମାତ୍ର ବ୍ୟାଙ୍କ ଦେଉଥିବା ଅର୍ଥର ଅଡିଟ୍ ସରକାରୀ ନିୟନ୍ତ୍ରଣାଧୀନ ହୋଇ ନ ଥିବାରୁ ବ୍ୟାଙ୍କର ଦାବି ସରକାର ମାନିବାକୁ ବାଧ୍ୟ ହେଉଛନ୍ତି। ଅବଶ୍ୟ ଟ୍ରେଜେରି ନିର୍ଦ୍ଦେଶକଙ୍କ ବଳିଷ୍ଠ ପଦକ୍ଷେପ ଯୋଗୁ ୨୦୧୯ରୁ ବ୍ୟାଙ୍କକୁ ପେନ୍‌ସନ ସ୍ଥାନାନ୍ତରଣ ବନ୍ଦ ରହିଛି।

ପୂର୍ବରୁ ପେନ୍‌ସନଭୋଗୀ ପ୍ରତିବର୍ଷ ମେ ଓ ନଭେମ୍ବର ମାସରେ ବ୍ୟକ୍ତିଗତ ହାଜିରା ଦେଇ ଜୀବିତ ପ୍ରମାଣ ପତ୍ର ଦେଉଥିଲେ। ପରେ କେବଳ ନଭେମ୍ବର ମାସରେ ଏହା ଦେବାସହ ୨୦୧୫ରୁ ଡିଜିଟାଲ ପଦ୍ଧତିରେ ଦିଆଯାଉଥିବାରୁ ଭାରତର ଯେକୌଣସି ସ୍ଥାନରୁ ଏହା ଦିଆଯାଇପାରିବ। ରାଜ୍ୟ ସରକାର କରୋନା ମହାମାରୀ ଯୋଗୁ ଏବର୍ଷ ସମୟସୀମା ଆଗାମୀ ମେ ମାସ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ପ୍ରତ୍ୟେକ ଟ୍ରେଜେରି ଓ ସବ୍‌ଟ୍ରେଜେରି ନଭେମ୍ବର ୨୦୧୯ରେ ଜୀବିତ ପ୍ରମାଣପତ୍ର ଦାଖଲ କରିଥିବା ପେନ୍‌ସନଭୋଗୀଙ୍କୁ ଏପ୍ରିଲ ୨୦୨୧ ପର୍ଯ୍ୟନ୍ତ ବିନା ବାଧାରେ ପେନ୍‌ସନ ଦେବାକୁ ବାଧ୍ୟ ହେବେ। ଏହା ମଧ୍ୟରେ କୌଣସି ପରିବାର ପେନ୍‌ସନଭୋଗୀ ବା ପରିବାର ପେନ୍‌ସନ ନ ଥିବା ପେନ୍‌ସନଭୋଗୀଙ୍କ ମୃତ୍ୟୁ ହେଲେ ତାହା ସରକାରଙ୍କର କ୍ଷତି ହିଁ ହେବ।

ଏ ସମ୍ପର୍କରେ ବ୍ୟାଙ୍କର ଗୋଟିଏ ୱେବ୍‌ସାଇଟ ରହିଛି। ସେଥିରେ ଆଧାର ଓ ମୋବାଇଲ ଫୋନ ନମ୍ବର ଦେଲେ ଓଟିପି ମିଳିବ। ତାହାକୁ ଦର୍ଶାଇଦେଲେ ଜୀବିତ ପ୍ରମାଣପତ୍ର ଗୃହୀତ ହୋଇଯିବ। ଉପକୋଷାଗାର ଅଧିକାରୀଙ୍କ ଅଭିଜ୍ଞତା ଓ ସାଧାରଣ ଚଳଣିରୁ ଲେଖକ ନିଶ୍ଚିତ ଯେ ଅନ୍ୟୁନ ୫୦ ଶତାଂଶ ପେନ୍‌ସନଭୋଗୀଙ୍କର ଏଟିଏମ୍ କାର୍ଡ ଅନ୍ୟଦ୍ୱାରା ପରିଚାଳିତ ହୁଏ। ତେଣୁ ପେନ୍‌ସନଭୋଗୀଙ୍କ ମୃତ୍ୟୁ ସତ୍ତ୍ୱେ ଆଧାର ଓ ମୋବାଇଲ ନମ୍ବର ବ୍ୟବହାର କରାଯାଇ ବର୍ଷ ବର୍ଷ ଧରି ପେନ୍‌ସନ ଅର୍ଥ ବାଟମାରଣା ହୋଇଚାଲିଥିବ। ସରକାର ବୟସ୍କ ନାଗରିକଙ୍କ ପ୍ରତି ସମ୍ବେଦନଶୀଳ ହେବା ସ୍ୱାଗତ ଯୋଗ୍ୟ। ୪/୫ ବର୍ଷ ପୂର୍ବରୁ ପୁରୀ ଜିଲାର ଗୋଟିଏ ଉପକୋଷାଗାରରେ ମତଲବୀ ବା ଅପାରଗ କର୍ମଚାରୀଙ୍କ ଯୋଗୁ ୪୦ ଲକ୍ଷରୁ ଅଧିକ ଅର୍ଥ କେତେକ ଅସାଧୁ ପେନ୍‌ସନ ଭୋଗୀ ନେଇଯାଇଥିଲେ ; ଯାହା କି ଏଜିଙ୍କ ଅଡିଟର୍ ବି ଧରାପଡି ନ ଥିଲା। ତେଣୁ ପେନ୍‌ସନଭୋଗୀ ରହୁଥିବା ଅଞ୍ଚଳର ଯେକୌଣସି ସରକାରୀ କାର୍ଯ୍ୟାଳୟରେ ଜୀବିତ ପ୍ରମାଣପତ୍ର ଦାଖଲ କରିବେ ଏବଂ ତାହା ସେହି କାର୍ଯ୍ୟାଳୟ ମାଧ୍ୟମରେ ସମ୍ପୃକ୍ତ ଟ୍ରେଜେରିକୁ ପଠାଗଲେ ସରକାରୀ ଅର୍ଥର କ୍ଷତି ହେବନାହିଁ। ଏବେ କରୋନା ମହାମାରୀ ଯୋଗୁ ରାଜ୍ୟର ଆର୍ଥିକ ସ୍ଥିତି ଭଲ ନାହିଁ। ସରକାର ଏହାକୁ ଗୁରୁତ୍ୱ ଦେବାସହ ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ଗତ ଅନ୍ୟୁନ ପାଞ୍ଚ ବର୍ଷର ପ୍ରଦତ୍ତ ପେନ୍‌ସନର ସ୍ୱତନ୍ତ୍ର ଅଡିଟ କଲେ ବହୁ ଅନିୟମିତତା ପର୍ଦ୍ଦାଫାଶର ଶତପ୍ରତିଶତ ନିଶ୍ଚିତତା ରହିଛି। ଏଥିସହ କଠୋର ନିଷ୍ପତ୍ତି ନେଇପାରିଲେ ଆଲୋଚିତ ଅସଂଗତି ମଧ୍ୟ ଦୂରସହ ସରକାରଙ୍କ ଆର୍ଥିକ କ୍ଷତି ରକ୍ଷା ପାଇପାରିବ।

୧୧୩, ଗୁଣ୍ଡିଚା ବିହାର, ପୁରୀ,
ମୋ-୭୯୭୮୭୮୫୪୭୮

## ଏଇ ଭାରତରେ

କିଛି ହରାଇବା ପରେ ଖୁବ୍ କମ ଲୋକ ତା'ର ଗୁରୁତ୍ୱ ଉପଲବ୍ଧିକରିଥାନ୍ତିଯାହା କରୁଛନ୍ତିକେରଳର ଏର୍ନାକୁଲମ ଜିଲାର ରାଜକୁମାର ଏମ୍। ସେ ୨୮ ବର୍ଷ ପୂର୍ବେ ଦୃଷ୍ଟି ହରାଇ ଏବେ ଆଇ ଡୋନର ଯୋଗାଡ କରିବାରେ ଲାଗିଛନ୍ତି। ୧୦ ବର୍ଷ ମଧ୍ୟରେ ସେ ୨୫ ଲକ୍ଷ ଡୋନର ଯୋଗାଡ କରିବାର ଲକ୍ଷ୍ୟ ରଖିଛନ୍ତି। ପିଲା ବେଳୁ ରାଜକୁମାର ସବୁ ଦେଖି ପାରୁଥିଲେ। କିନ୍ତୁ ୧୯୯୨ରେ ହଠାତ୍ ସେ ଦୃଷ୍ଟିଶକ୍ତି ହରାଇଥିଲେ। ପରେ ତାଙ୍କ ଜୀବନରେ ଅବସାଦ ଘୋଟି ଆସିଲା। ସେ ୩ ଥର ଆତ୍ମହତ୍ୟା କରିବାକୁ ମଧ୍ୟ ଉଦ୍ୟମ କରିଥିଲେ। କିନ୍ତୁ ବିଧିର ବିଧାନ ଥିଲା ଭିନ୍ନ। ତାଙ୍କୁ ମୋଲି କୋଶି ନାମ୍ନୀ ଜଣେ ସମାଜସେବୀ ସାହାଯ୍ୟ କଲେ। ତାଙ୍କ ଜୀବନରେ ବି ଏକ ପରିବର୍ତ୍ତନ ଆଣିପାରିଲେ। ତାପରେ ରାଜକୁମାର ତାଙ୍କ ସହାୟତାରେ ଆଇ ଡୋନରଙ୍କୁ ଖୋଜିବାରେ ଲାଗିଛନ୍ତି। ଆଇଟିଆଇ ଶେଷ କରି ବିପିସିଏଲ୍‌ରେ ଚାକିରି ମଧ୍ୟ କରିଥିଲେ। ପରେ ଚାକିରି ଛାଡି ଆଇ ଡୋନର ତାଲିକା ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ। ୨୫ ଲକ୍ଷ ଡୋନର ପାଇଲେ ୫୦ ହଜାର ଲୋକ ନୂଆ ଦୁନିଆ ଦେଖିପାରିବେ ବୋଲି କହନ୍ତି ରାଜକୁମାର। ଏତେ ସଂଖ୍ୟକ ଡୋନରଙ୍କୁ ୧୦ ବର୍ଷ ମଧ୍ୟରେ ଖୋଜି ବାହାର କରିବା ଲକ୍ଷ୍ୟ ନେଇ ଏବେ ସୁଦ୍ଧା ସେ ୭୦୦୦ ପରିବାର ସହ ଯୋଗାଯୋଗ କରି ୩.୫ ଲକ୍ଷ ଡୋନରଙ୍କଠାରୁ ସେମାନଙ୍କ ସହମତ ପାଇପାରିଛନ୍ତି। ତାଙ୍କର ଏଭଳି କାର୍ଯ୍ୟରେ ପ୍ରଭାବିତ ହୋଇ ୪ର୍ଥ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀ ମଧ୍ୟ ଚକ୍ଷୁଦାନ କରିଛନ୍ତି। ବ୍ୟକ୍ତିଗତ ସ୍ତରରେ ଅନେକଙ୍କୁ ଚକ୍ଷୁଦାନ ଲାଗି ଚୁକ୍ତିବଦ୍ଧ କରାଇଥିଲେ ମଧ୍ୟ ମୃତ୍ୟୁ ପରେ ସେମାନଙ୍କ ପରିବାର ତାହା କରାଇ ଦେଇ ନଥିଲେ। ଏଣୁ ରାଜକୁମାର ପରିବାରକୁ ସାକ୍ଷାତ କରିବ ସମସ୍ତଙ୍କ ଉପସ୍ଥିତିରେଚକ୍ଷୁଦାନଲାଗିସେମାନଙ୍କରସହମତିନେଉଛନ୍ତି। ଏଥିରେ ସେ ସଫଳତା ମଧ୍ୟ ପାଉଛନ୍ତି। ରାଜକୁମାରଙ୍କୁ ଏବେ ବୟସ ୫୨। ତାଙ୍କ ଲକ୍ଷ୍ୟରେ ପହଞ୍ଚିବା ଲାଗି ସେ ଡୋନର ଖୋଜିବାରେ ଦିନ ରାତି ଏକା କରି ଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ନଭେମ୍ବର ୧୯୯୫

- ଶ୍ରୀଲଙ୍କା ବିମାନ ବାହିନୀର ଏକ ବିମାନ ସମୁଦ୍ର ଗର୍ଭରେ ଖସିପଡ଼ିବା ଫଳରେ ୬୦ ଜଣ ଯାତ୍ରୀଙ୍କ ମୃତ୍ୟୁ।
- ଚାନ୍ଦିପୁରସ୍ଥିତ ଇଣ୍ଟରିମ ଟେଷ୍ଟରେଞ୍ଜଠାରେ ବହୁକ୍ଷମତା ବିଶିଷ୍ଟ ରକେଟ୍ ଲଞ୍ଚର 'ପିନାକା'ର ସଫଳ ପରୀକ୍ଷା।
- ଗ୍ରାମାଞ୍ଚଳ ହିତାଧିକାରୀଙ୍କ ପାଇଁ କେନ୍ଦ୍ର ସରକାର ୨୦୦ କୋଟିର ଟେଲି ଯୋଗାଯୋଗ ପ୍ୟାକେଜ ଘୋଷଣା କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### କୋଭିଡ୍ ଯୋଦ୍ଧାଙ୍କୁ ଉପହାସ

ମହାଶୟ,

ମହାମାରୀ କରୋନାରେ ଆଜି ସାରା ବିଶ୍ୱ ପ୍ରଭାବିତ। ଏହାର କାୟା ବିସ୍ତାର ପରଠୁ ଡବ୍ଲ୍ୟୁଏଚ୍‌ଓ ଡାଟା ଅନୁସାରେ ନଭେମ୍ବର ୧୯ ତାରିଖ ସୁଦ୍ଧା ୫୫, ୬୫୯, ୭୮୫ ଜଣ କରୋନା ଆକ୍ରାନ୍ତ ଏବଂ ୧୩, ୩୮, ୭୬୯ ଜଣଙ୍କ ମୃତ୍ୟୁ ହୋଇସାରିଛି। ଏହା ମଧ୍ୟରୁ ୭,୦୦୦ ସ୍ୱାସ୍ଥ୍ୟକର୍ମୀଙ୍କର ମୃତ୍ୟୁ ହୋଇସାରିଛି। ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବର୍ତ୍ତମାନ ସୁଦ୍ଧା ୩, ୧୧, ୭୮୮ ହୋଇଥିବା ବେଳେ ମୃତ୍ୟୁ ସଂଖ୍ୟା ୧୫୯୨। ନିଜ ଜୀବନକୁ ଜଳାଞ୍ଜଳି ଦେଇ ପରିବାରକୁ ଉପେକ୍ଷା କରି କରୋନା ରୋଗୀଙ୍କ ଜୀବନକୁ ବଞ୍ଚାଇବାରେ ଆୟୁଷ ଡାକ୍ତରଙ୍କ କୋଭିଡ୍-୧୯ ସମୟର ସେବାକୁ କର୍ତ୍ତୃପକ୍ଷ ଆଜି ଉପେକ୍ଷା କରିଛନ୍ତି। ଓଡ଼ିଶାରେ ମେ' ୨୦୨୦ ପରଠାରୁ ସେବାରତ କୋଭିଡ୍ ଯୋଦ୍ଧା (ଆୟୁଷ ଡାକ୍ତର)ଙ୍କୁ ୩୧ ଅକ୍ଟୋବର ୨୦୨୦ଠାରୁ ସେବା ନିବୃତ୍ତ କରାଯାଇଛି। ଆଶା ଓ ଭରସାରେ କାମ କରୁଥିବା ଆୟୁଷ ଡାକ୍ତର ଆଜି ବେକାର ହୋଇ ବସିଲେଣି। ସେମାନଙ୍କ ପୁନଃ ଥଇଥାନ ପାଇଁ ସରକାର ଚିନ୍ତା କରନ୍ତୁ।

-ଅଶୋକ କୁମାର ଆଢ୍ୟ, ମରାଚିକୋଟ ଗଳି, ପୁରୀ

## ଚିରନ୍ତନୀ

ପକ୍ଷୀ ଡାକେ ମୋତେ ବନେ
କେତେ ଡାକରା ଆସେ ପବନେ
କେତେ ଆବାହନ ଭୁବନୁ ଆସିଛି
ମେଣ୍ଟାଇବି ପ୍ରାଣ କ୍ଷୁଧା।
ମୁଁ ତ ପିଇଛି ସ୍ୱପନ ସୁଧା। -(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ହେପାଜତ ମୃତ୍ୟୁର ନ୍ୟାୟିକ ତଦନ୍ତ ଦାବି**

ପୁରୀ ଅଫିସ: ପୁରୀ ପୋଲିସ ହେପାଜତ ମୃତ୍ୟୁର ତାତି ଏ ପର୍ଯ୍ୟନ୍ତ ଥମିନାହିଁ। ଏହି ପ୍ରସଙ୍ଗକୁ ନେଇ ବିରୋଧୀମାନେ ସରକାରଙ୍କୁ ଘେରିଥିବାବେଳେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ କେ. ରମେଶଙ୍କ ଘରକୁ ଯାଇ ସମ୍ପର୍କୀୟଙ୍କୁ ସମବେଦନା ଜଣାଉଛନ୍ତି। ରବିବାର ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତା ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଘଟଣାର ନ୍ୟାୟିକ ତଦନ୍ତ ଦାବି, ମୃତକଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ କରିବାକୁ ମଞ୍ଚ ସଭାପତି ଆଇନଜୀବୀ ପ୍ରସନ୍ନ ଦାଶ ଦାବି କରିଛନ୍ତି।

**ସଂକ୍ଷେପରେ**

## ପରିତ୍ୟକ୍ତ ଘରୁ ବୃଦ୍ଧଙ୍କ କଙ୍କାଳ ଉଦ୍ଧାର

ଏରସମା,୨୨।୧୧(ସ୍ୱ.ପ୍ର.): ଏରସମା ଥାନା ଅନ୍ତର୍ଗତ କିଆଡ଼ିଙ୍ଗ୍ରା ଗ୍ରାମର ଏକ ପରିତ୍ୟକ୍ତ ଘରୁ ଜଣେ ବୃଦ୍ଧଙ୍କ କଙ୍କାଳ ଉଦ୍ଧାର ହୋଇଛି। ସେ ହେଲେ ତିର୍ତ୍ତୋଲ ଥାନା ବାଇଲ ଗ୍ରାମର ଶଙ୍କର ସ୍ୱାଇଁ(୬୫)। ଘର ଗ୍ରାମର ସରୋଜ ମିଶ୍ରଙ୍କ ହୋଇଥିବା ବେଳେ ସେ ଦୀର୍ଘ ଦିନ ହେବ ବାହାରେ ରହୁଥିଲେ। ସେ ଶନିବାର ଗାଁକୁ ବୁଲିବାକୁ ଆସିଥିଲେ। ଘର କବାଟ ଖୋଲିବା ସମୟରେ ଉପର ମହଲାରୁ ଗନ୍ଧ ଆସିଥିଲା । ସେ ଘରର କବାଟ ଖୋଲି ଦେଖିବା ବେଳକୁ ଏକ ନର କଙ୍କାଳ ପଡ଼ିଥିବା ଦେଖି ଏରସମା ଥାନାରେ ଖବର ଦେଇଥିଲେ । ରବିବାର ଥାନା ପକ୍ଷରୁ କଙ୍କାଳ ଜବତ କରାଯାଇଥିଲା। ସାଇଣ୍ଟିଫିକ୍ ଦଳ ପହଞ୍ଚି ତଦନ୍ତ କରିଥିଲା। ଖବରପାଇ ବାଇଲ ଗ୍ରାମରୁ ଶଙ୍କରଙ୍କ ପରିବାର ଲୋକେ ଆସି ଉକ୍ତ ନରକଙ୍କାଳର ପୋଷାକକୁ ଚିହ୍ନଟ କରିଥିଲେ।

# ଜିଲାସ୍ତରରେ କଡ଼ାକଡ଼ି ହେବ ଗାଡ଼ି ଚେକିଂ

- ଆଜି ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ
- ଯୋଗଦେବେ ସମସ୍ତ ଜିଲାପାଳ, ଏସ୍‌ପି

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)

ରାଜ୍ୟରେ ଗତ କିଛି ମାସ ହେଲା ସଡ଼କ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଏହା ଉପରେ ରାଜ୍ୟ ସରକାର ଆହୁରି କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ମୁଖ୍ୟତଃ ହେଲ୍‌ମେଟ ଚେକିଂ ପ୍ରକ୍ରିୟା ଏବଂ ମଦ ପିଇ ଗାଡ଼ି ଚଳାଉଥିବା ଚାଳକଙ୍କ ବିରୋଧରେ ଆହୁରି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଖୁବ୍‌ଶୀଘ୍ର ଜିଲାସ୍ତରରେ ଏନେଇ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଏହାକୁ କମାଇବା ଲାଗି ସବୁ ଜିଲାପାଳ ଏବଂ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି ଜଣାପଡ଼ିଛି। ଏହା ଉପରେ ସୋମବାର ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବାକୁ ଯାଉଛି। ବୈଠକରେ ଜିଲାପାଳ ଏବଂ ଏସ୍‌ପିମାନେ ଉପସ୍ଥିତ ରହିବେ।

ଏହାକୁ ନେଇ ପରିବହନ ସଚିବ ମଧୁସୂଦନ ପାଢ଼ୀ କହିଛନ୍ତି, ରାଜ୍ୟ ସରକାର ବର୍ତ୍ତମାନ ସଡ଼କ ଦୁର୍ଘଟଣା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାକୁ କମାଯିବା ଲାଗି ଯୋଜନା କରୁଛନ୍ତି। ହାଇୱେରେ ମଦ ପିଇ ଏବଂ ହେଲ୍‌ମେଟ ନ ପିନ୍ଧି ଗାଡ଼ି ଚଳାଉଥିବା ବ୍ୟକ୍ତି ଅଧିକ ଦୁର୍ଘଟଣାର ଶିକାର ହୋଇ ଗୁରୁତର ହେବା ସାଙ୍ଗକୁ ମୃତ୍ୟୁମୁଖରେ ପଡୁଛନ୍ତି। ତେଣୁ ଜିଲାସ୍ତରରେ ଚେକିଂ କଡ଼ାକଡ଼ି ହେବ। ଏହାସହ ଦ୍ରୁତଗତିରେ ଗାଡ଼ି ଚଲାଉଥିବା ବ୍ୟକ୍ତିଙ୍କ ନିକଟରୁ ଫାଇନ ଆଦାୟ କରାଯିବ। ଡିଜିଟାଲ ବ୍ୟବସ୍ଥା ଏବେ ସବୁଆଡେ ଚାଲିଲାଣି। ତେଣୁ ଏସବୁ କରିବା ଉପରେ ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି।

ଅନ୍ୟପଟେ ସରକାରୀ ତଥ୍ୟ ମୁତାବକ, ୨୦୧୯ରେ ରାଜ୍ୟରେ ମୋଟ ୧୧,୦୬୪ ସଡ଼କ ଦୁର୍ଘଟଣା ଘଟିଛି। ସେଥିରୁ ମୋଟ ୪,୬୮୮ଟି ବାଇକରେ ଯାଉଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଦୁର୍ଘଟଣା ହୋଇଛି। ସେଥିରୁ ମୋଟ ୫,୩୩୩ ଜଣଙ୍କ ମୃତ୍ୟୁ ଘଟିଥିଲା ବେଳେ ବାଇକ ଦ୍ୱାରା ଦୁର୍ଘଟଣାର ଶିକାର ହୋଇଥିବା ୨୩୧୮ଜଣ ମୃତ୍ୟୁବରଣ କରିଛନ୍ତି। ଅନ୍ୟପକ୍ଷରେ ଏହି ବାଇକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୨୧୫୬ଜଣ ଦୁର୍ଘଟଣା ସମୟରେ ହେଲମେଟ ନ ପିନ୍ଧିବା କାରଣରୁ ମୃତ୍ୟୁବରଣ କରିଛନ୍ତି। ଫଳରେ ରାଜ୍ୟ ସରକାର ଏହାକୁ ଗୁରୁତର ସହ ନେଇ ମୋଟର ଭେଇକିଲ ଆକ୍ଟକୁ କଡ଼ାକଡ଼ି କରିବା ଲାଗି ଯୋଜନା କରିଛନ୍ତି। ଏଥିଲାଗି ଗତ ୧୭ ତାରିଖରେ ପରିବହନ ବିଭାଗର ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀ ଓ ଡିଜିପିଙ୍କୁ ଚିଠି ଲେଖି ନିୟମ ଖିଲାପ କରୁଥିବା ଗାଡ଼ି ଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି। ଅର୍ଥାତ୍ ହେଲ୍‌ମେଟ ନ ପିନ୍ଧି ବାଇକ ଚଳାଉଥିବା ଆରୋହୀଙ୍କ ଲାଇସେନ୍ସ ୩ ମାସ ଲାଗି ବାତିଲ କରିବା ସହିତ ହଜାରେ ଟଙ୍କା ଜରିମାନା ଆଦାୟ ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ନିକଟରେ ସଡ଼କ ସୁରକ୍ଷା ନେଇ ସୁପ୍ରିମକୋର୍ଟ କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାରେ ବଢୁଥିବା ଦୁର୍ଘଟଣା ସମ୍ପର୍କିତ ତଥ୍ୟ ଦେଖି ସୁପ୍ରିମକୋର୍ଟ କମିଟି ବିରକ୍ତି ହେବା ପରେ ସରକାର ଏହି ନିୟମ କଡ଼ାକଡ଼ି କରିବା ଉପରେ ବିଶେଷ ଧ୍ୟାନ ଦେଇଛନ୍ତି।



ସମ୍ବଲପୁର ଆରୋଗ୍ୟମ ମେଡିକାଲରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ।

## ଆରୋଗ୍ୟମରେ କାଞ୍ଚନ ରାୟଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର,୨୨।୧୧(ବ୍ୟୁରୋ)

ସମ୍ବଲପୁର ଘରୋଇ ମେଡିକାଲ ଆରୋଗ୍ୟମରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡାକ୍ତର କାଞ୍ଚନ ରାୟଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହ ସମସ୍ତ ଡାକ୍ତର, କର୍ମଚାରୀ, ନର୍ସ, ସଫେଇ କର୍ମଚାରୀଙ୍କୁ ଆରୋଗ୍ୟମ ପରିଚାଳନ ବୋର୍ଡ ପକ୍ଷରୁ ସମ୍ମାନିତ କରାହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ କୋଭିଡ ପରିଚାଳନା ପାଇଁ ଆରୋଗ୍ୟମକୁ ଅନୁମୋଦନ କରିଥିଲେ। ପ୍ରଥମ ଦିନରୁ କୋଭିଡ ପରିଚାଳନାରେ ଡାକ୍ତର କାଞ୍ଚନ ରାୟ ଦାୟିତ୍ୱ ନେଇଥିଲେ। ଏଠାରେ ୮ ଶହରୁ ଅଧିକ କୋଭିଡ ରୋଗୀ ଚିକିତ୍ସା ହୋଇ ଭଲ ହୋଇଛନ୍ତି । ମାତ୍ର ୬ ଜଣଙ୍କ ମୃତ୍ୟୁ ଘଟିଛି। ତେଣୁ ଡାକ୍ତର ରାୟ ଓ ଅନ୍ୟ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଆରୋଗ୍ୟମ ନିର୍ଦ୍ଦେଶକ ଡାକ୍ତର ପୁରୋଷତ୍ତମ ଅଗ୍ରୱାଲ, ଅରୁଣ ପଟୱାରୀ, ପ୍ରମୋଦ ଅଗ୍ରୱାଲ, ଆଭାଷ ବଟହ୍ୱାଲ ଉପସ୍ଥିତ ଥିଲେ ।



## ଗୋବର୍ଦ୍ଧନ ମଠରେ ଗୋଷ୍ଠାଷ୍ଟମୀ

ପୁରୀ ଅଫିସ,୨୨।୧୧

କାର୍ତ୍ତିକ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ରବିବାର ପୁରୀ ଗୋବର୍ଦ୍ଧନ ପୀଠରେ ଗୋଷ୍ଠାଷ୍ଟମୀ ପାଳିତ ହୋଇଛି। ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଗୋଶାଳା ପରିଦର୍ଶନ କରି ଗୋମାତାଙ୍କ ପୂଜା କରି ଖାଇବାକୁ ଦେଇଥିଲେ। ପରେ ମଠ ସଭାଗୃହରେ ଗୋ ମାତାଙ୍କ ସୁରକ୍ଷା ଓ ମହନୀୟତା ସମ୍ପର୍କରେ ଆଲୋଚନାଚକ୍ର ହୋଇଥିଲା। ଗୋ ମାତାଙ୍କ ସୁରକ୍ଷା ପାଇଁ ମଠ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ମୁଖପାତ୍ର ମନୋଜ ରଥ ସୂଚନା ଦେଇଥିଲେ। ଗୋ ମାତାଙ୍କ ସୁରକ୍ଷା ନେଇ ପୀଠର ଶଙ୍କରାଚାର୍ଯ୍ୟମାନଙ୍କ ଅବଦାନ ସମ୍ପର୍କରେ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଆଦିତ୍ୟ ବାହିନୀର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜିତେନ୍ଦ୍ର ମହାପାତ୍ର, ବିଜୟକୃଷ୍ଣ ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ସ୍ଥାନରେ ହରିହର

**ଉଇକିପିଡିଆ ଭାଷା ପ୍ରତିଯୋଗିତା**

ରାୟଗଡ଼ା ଅଫିସ, ୨୨।୧୧

ଉଇକିପିଡିଆ ଫାଉଣ୍ଡେଶନ ପକ୍ଷରୁ ପ୍ରାୟୋଜିତ ଏକ ସର୍ବଭାରତୀୟ ଭାଷା ପ୍ରତିଯୋଗିତା (ଇଣ୍ଡିକ୍ ୱିକିସୋର୍ସ ପ୍ରୁଫ୍ ଫେଡେରେଶନ- ୨୦୨୦)ରେ ରାୟଗଡ଼ାର ହରିହର ପ୍ରସାଦ ଶତପଥୀ ରାଜ୍ୟ ସ୍ତରରେ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଲୁପ୍ତପ୍ରାୟ ଓଡ଼ିଆ ଭାଷାର ଅନେକ ବହିକୁ ଉଇକି ପାଠାଗାର ମାଧ୍ୟମରେ ଅନ୍‌ଲାଇନ୍‌ରେ ଉପଲବ୍ଧ କରାଇବାରେ ଏହା ଏକ ବଳିଷ୍ଠ ପଦକ୍ଷେପ। ସେ ଓଡ଼ିଆ ଉଇକିପିଡିଆ ସାଙ୍ଗକୁ ଇଂଲିଶ ଉଇକିପିଡିଆରେ ଲେଖୁଥିବା ରାୟଗଡ଼ା ଜିଲାର ଏକମାତ୍ର ବ୍ୟକ୍ତି। ସେ ଅନେକ ବିଶିଷ୍ଟ ବ୍ୟକ୍ତି, ପର୍ଯ୍ୟଟନକ୍ଷେତ୍ର ବିଷୟରେ ଓଡ଼ିଆ ଏବଂ ଇଂଲିଶ ଉଇକିପିଡିଆରେ ୧୦୦ରୁ ଅଧିକ ଲେଖା ସମେତ ମୋଟ ୩୫୦ରୁ ଊର୍ଦ୍ଧ୍ୱ ଓଡ଼ିଆ ଲେଖା ସୃଷ୍ଟି କରିପାରିଛନ୍ତି।



# ନାମକୁ ମାତ୍ର ଜରିମାନା ଆଦାୟ

- ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି
- କୁଆଁରମୁଣ୍ଡା ରେଞ୍ଜରେ ଚୋରା କାଠ କାରବାର

କୁଆଁରମୁଣ୍ଡା,୨୨।୧୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ରାଉରକେଲା ବନଖଣ୍ଡ ଅଧୀନ କୁଆଁରମୁଣ୍ଡା ରେଞ୍ଜରେ ଚୋରା କାଠ ବେପାରୀମାନେ ସକ୍ରିୟ ହୋଇଛନ୍ତି। ସେମାନେ ସଂରକ୍ଷିତ ଜଙ୍ଗଲରୁ ଶାଳ, ଶାଗୁଆନ, ବିଜା ଆଦି ବହୁ ମୂଲ୍ୟବାନ ଗଛ କାଟି ପଲଙ୍କ, ସୋଫା ତିଆରି କରି ବିକ୍ରି କରୁଛନ୍ତି। ଏଥିପାଇଁ କୌଣସି ଅଙ୍କୁଶ ନ ଥିବାରୁ ସଂରକ୍ଷିତ ଜଙ୍ଗଲରୁ ମୂଲ୍ୟବାନ ଗଛ ହ୍ରାସ ପାଇବାରେ ଲାଗିଛି। ଏସବୁ ଅସାଧୁ କାର୍ଯ୍ୟ ଅନାୟାସରେ ଚାଲୁଥିବା ବେଳେ ବନ କର୍ମଚାରୀ ଚୁପ୍ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରି ଘଟଣା ବାରମ୍ବାର ଘଟୁଛି। ହେଲେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଯଦି ବନ କର୍ମଚାରୀଙ୍କ ଉପରେ ଚାପ ସୃଷ୍ଟି ହେଉଛି ସେମାନେ ଉପର ଠାଉରିଆଭାବେ କେବଳ ଜରିମାନା ଆଦାୟ କରୁଛନ୍ତି। ହେଲେ ଚାଲାଣ ହେଉଥିବା ଗାଡି ଓ ଚୋରା କାଠକୁ ଛାଡି ଦେଉଥିବା ଅଭିଯୋଗ ହୋଇଛି। ଉଦାହରଣ ସ୍ୱରୁପ, ଗତ ଅକ୍ଟୋବର ୧୦ରେ କୁଆଁରମୁଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଦେଇ ଏକ ଅଟୋରିକ୍ସାରେ ଶାଗୁଆନ କାଠ ଚାଲାଣ ହେଉଥିଲା। ବନ ବିଭାଗ କର୍ମଚାରୀମାନେ ଚାଲାଣକାରୀଙ୍କଠାରୁ ୮ ହଜାର ଟଙ୍କା ବିନା ରସିଦ୍‌ରେ ଆଦାୟ କରି ଛାଡି ଦେଇଥିଲେ। ଏ କଥା ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଚାପ ସୃଷ୍ଟି ହୋଇଥିଲା। ଫଳରେ ବନବିଭାଗ ପକ୍ଷରୁ ଘଟଣା ପରଦିନ ସକାଳୁ ଜରିମାନା ଆଦାୟର ରସିଦ୍ କଟାଯାଇଥିଲା। ହେଲେ ଏହି ଘଟଣାରେ ଚୋରା କାଠ ବୋଝେଇ ଅଟୋରିକ୍ସା, ଚୋରା କାଠ ଓ କାଠ ବେପାରୀମାନଙ୍କୁ ବନ ବିଭାଗ ଛାଡି ଦେଇଥିଲା। ସେହିପରି ଚଳିତ ମାସ ୧ ତାରିଖ କୁଆଁରମୁଣ୍ଡା-ହାତୀବାରି ରୋଡର ଏକ ଘରୋଇ ରିଫ୍ରାକ୍ଟୋରିଜ୍ ପାଚେରୀ ପାର୍ଶ୍ୱରେ ବନ ବିଭାଗ ପକ୍ଷରୁ ଲଗାଯାଇଥିବା ପ୍ରାୟ ୮ରୁ ଊର୍ଦ୍ଧ୍ୱ ଶାଗୁଆନ ଗଛକୁ ଉକ୍ତ କମ୍ପାନୀ ପକ୍ଷରୁ କାଟି ଦିଆଯାଇଥିଲା। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିବାରୁ ଗତ ୨ ତାରିଖ ବନବିଭାଗ ପକ୍ଷରୁ ଉକ୍ତ କମ୍ପାନୀ ମାଲିକଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ହେଲେ ସମ୍ପୃକ୍ତ କମ୍ପାନୀ ମାଲିକଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏବାବଦରେ ରାଉରକେଲା ଡ଼ି.ଏଫ୍.ଓ. ସଞ୍ଜୟ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି, ସବୁ କେଶ୍‌ରେ ଚୋରା ଚାଲାଣକାରୀଙ୍କୁ ଗିରଫ ଓ କାଠକୁ ସିଜ୍ କରି ନ ପାରିଲେ ମଧ୍ୟ କମ୍ପାଉଣ୍ଡିଂ ଫାଇନ ଆଦାୟ କରାଯାଇପାରିବ। ତଥାପି ଏ ବାବଦରେ ସମ୍ପୃକ୍ତ ରେଞ୍ଜରଙ୍କୁ ପଚାରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା

- ଟଙ୍କା ହଡ଼ପ ଅଭିଯୋଗ କଲା ଭାଜପା
- କାର୍ଯ୍ୟାନୁଷ୍ଠାନ ନ ହେଲେ ଧାରଣା ଦେବାକୁ ଚେତାବନୀ

ବୌଦ୍ଧ,୨୨।୧୧(ସ୍ୱ.ପ୍ର.): ବୌଦ୍ଧ ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଛି । ଜିଲାର ଗରିବ ଲୋକଙ୍କ ସରଳତାର ସୁଯୋଗ ନେଇ ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ଅସାଧୁ ସରକାରୀ କର୍ମଚାରୀ ଏହାର ଫାଇଦା ନେଉଥିବା ଜଣାପଡିଛି। ବୌଦ୍ଧ ବ୍ଲକ ମୁଣ୍ଡାପଡା ପଞ୍ଚାୟତ ବଡମାଳ ଗ୍ରାମର କାର୍ତ୍ତିକ ନାୟକଙ୍କ ମୃତ୍ୟୁ ପରେ ତାଙ୍କ ନାମରେ ୭୦ ହଜାର ବିଲ୍ କରାଯାଇ ଅର୍ଥ ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି । ଏହି ଦୁର୍ନୀତିର ତଦନ୍ତ ଆରମ୍ଭ ହୋଇ ନ ଥିବା ବେଳେ ଶନିବାର ବୌଦ୍ଧ ଭାଜପା ପକ୍ଷରୁ ହରଭଙ୍ଗା ବ୍ଲକ ତଳଗାଁ ପଞ୍ଚାୟତରେ ଯୋଜନାରେ ଅନିୟମିତତା ହୋଇଥିବାର ଅଭିଯୋଗ ହୋଇ ତଦନ୍ତ ଦାବି କରାଯାଇଛି । ଦଳର ଜିଲା ସଭାପତି ବିପ୍ରଚରଣ ମହାନ୍ତିଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ତଳଗାଁ ପଞ୍ଚାୟତର ସାନଖଜୁରି ଓ ବଡଖଜୁରି ଗ୍ରାମର ୧୮ ଜଣ ହିତାଧିକାରୀଙ୍କ ଗୃହ ନିର୍ମାଣ ନ ହୋଇ ଟଙ୍କା ଉଠାଯାଇଥିବା ଦର୍ଶାଯାଇଛି। ସୂଚନା ମୁତାବକ ବଡଖଜୁରି ଗ୍ରାମର ସୁରେନ୍ଦ୍ର କହଁର, ଭାଗବତ କହଁର, କେଶବ କହଁର, ସାଧୁ ଚରଣ କହଁର, ହାରାବତୀ କହଁର, ସତ୍ୟଭାମା କହଁର, ଲକ୍ଷ୍ମୀ କହଁର, ଉପେନ୍ଦ୍ର କହଁର, ନର୍ମଦା କହଁର, ପବିତ୍ର କହଁର ଓ ଶ୍ରୀକର ଜାନୀଙ୍କ ନାମରେ ଗୃହ ନିର୍ମାଣ ନ ହୋଇ ଟଙ୍କା ଉଠାଯାଇଛି । ସେହିପରି ସାନଖଜୁରି ଗ୍ରାମର ଅନନ୍ତା ମାଝି , ସତ୍ୟବାଦୀ ମାଝି , ସୁବାସ ବେହେରା, ବଳଭଦ୍ର ବେହେରା, ଲକ୍ଷ୍ମୀ କହଁର, ବିନୋଦିନୀ ମାଝି ଓ ସୁଶାନ୍ତ କହଁରଙ୍କ ନାମରେ ମଧ୍ୟ ଟଙ୍କା ଉଠାଯାଇଛି। ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତରେ ଏହିପରି ଟଙ୍କା ହଡ଼ପ କରାଯାଇଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ହିତାଧିକାରୀମାନେ ଗୃହ ନିର୍ମାଣ କରି ନ ଥିବା ବେଳେ ସେମାନଙ୍କ ଗୃହ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ଦର୍ଶାଇ ସରକାର ପ୍ରଦାନ କରୁଥିବା ବୋନସ୍ ଟଙ୍କା ମଧ ଆତ୍ମସାତ କରାଯାଇଛି। ଆଗାମୀ ୭ ଦିନ ମଧରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତିର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।


No.-S-20:-

**ବିଜ୍ଞାପନ**

ଓଡିଶା ସରକାରଙ୍କ ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଏକ୍ୟୁ "AQ" ସିରିଜ୍‌ର ଉଠାଣ ଆସନ୍ତା ତା ୨୪.୧୧.୨୦୨୦ ରିଖ ମଙ୍ଗଳବାର ଅପରାହ୍ନ ୨.୩୦ ଘଟିକା ସମୟରେ ଅନୁଷ୍ଠିତ ହେବ । ଜନସାଧାରଣ ଏହି ଉଠାଣ ପକ୍ରିୟାର ସିଧା ପ୍ରସାରଣ You Tube (URL:- https://bit.ly/38B5Hzl) ଏବଂ ଅର୍ଥ ବିଭାଗର Face Book (URL: https://www.facebook.com/Odisha-Small-Savings-Incentive-Scheme-100968628513153) ରେ ଦେଖିପାରିବେ।

ଅଧିକ ବିବରଣୀ ପାଇଁ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ ।

ଏହା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ
ଅର୍ଥ ବିଭାଗ, ଓଡିଶା ସରକାର

OIPR-05001/11/0005/2021



GOVT. OF ODISHA
**OFFICE OF THE PANCHAYAT SAMITI, PATNA**
At/P.O.- Patna, Dist.- Keonjhar, PIN - 758 030 (Odisha)
E-mail: oripatna@nic.in

No. 2277 Dt.19.11.2020

**TENDER CALL NOTICE No. 01/pat/2020-21**

The Block Development Officer, Patna invites sealed percentage rate bid tender on behalf of Governor of Odisha from registered and eligible Civil Contractors of the State P.W.D. (R&B)/ Water Resources/Rural Works/M.I./C.P.W.D. for the following work eventually to be drawn up in the P.W.D. P1 form in conformity with the Detailed Tender Call Notice.

| Sl. No. | Name of the Work | Amount put tender in Rupees | Cost of Tender Paper (in Rs.) | E.M.D. in Rupees (1%) | Time for completion of the work in months | Class of Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of PHC Building & Multiutility room at Khireitangiri PHC(N) | 43,72,095.00 | 6000.00 | 43,721.00 | 6 Months | B & A |

**SALE OF TENDER PAPER**

1. The tender papers (including Tender Call Notice, Approved Tender Schedule & DTCN) will be available in the official website **http://www.kendujhar.nic.in** from Dt.23.11.2020 to 07.12.2020 upto 1.00 P.M. and can be downloaded from the website.
2. Date of Sale of Tender Paper : Dt.23.11.2020 to 07.12.2020 upto 1.00 P.M.
3. Last date of receipt of Tender Paper : 07.12.2020 till 5.30 P.M. through Registered Post/ Speed Post only in working days.
4. Date and time of opening of Tender Paper : 08.12.2020 at 03.00 P.M.
5. The authority reserves the right to reject any/all tenders without assigning any reason thereof.

**Sd./- Block Development Officer, Patna**


# ଦୌଡ଼ିବାବେଳେ ପଡ଼ିଯାଇ ଯୁବକ ମୃତ

**କାଳହେଲା କ୍ରିକେଟ ଖେଳ**

ଖଲ୍ଲିକୋଟ,୨୨।୧୧(ଡି.ଏନ୍.ଏ.)

**୧୦ମାସ ତଳେ ହୋଇଥିଲା ବିବାହ**



ନାରାୟଣ ଗୌଡ଼

ଗଞ୍ଜାମ ଜିଲା ବେଗୁନିଆପଡ଼ା ଫାଣ୍ଡି ବୁରୁଝରୀଠାରେ ରବିବାର କ୍ରିକେଟ ଖେଳ ଚାଲିଥିବାବେଳେ ଏକ ଦୁର୍ଘଟଣା ଘଟିଛି। ରନ୍‌ସଂଗ୍ରହ ପାଇଁ ଦୌଡ଼ିବାବେଳେ ପଡିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚିଙ୍ଗୁଡ଼ିଖୋଲ ଗ୍ରାମର ନାରାୟଣ ଗୌଡ଼ (୨୮)।

ନାରାୟଣ ରବିବାର ଅପରାହ୍ନରେ ବୁରୁଝରୀସ୍ଥିତ ପଡିଆରେ ପିଲାଙ୍କ ସହ କ୍ରିକେଟ ଖେଳୁଥିଲେ। ରନ୍ ସଂଗ୍ରହ ପାଇଁ ଦୌଡୁଥିବାବେଳେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ସେ ଧରିଥିବା ବ୍ୟାଟର ହ୍ୟାଣ୍ଡେଲଟି ତାଙ୍କ ଛାତିତଳେ ଚାପି ହୋଇଯାଇଥିଲା। ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ସୁମଣ୍ଡଳ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଖଲ୍ଲିକୋଟ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ନାରାୟଣଙ୍କୁ ମୃତ ଘୋଷଣା କରିଥିଲେ। ୧୦ମାସ ତଳେ ନାରାୟଣଙ୍କର ବିବାହ ହୋଇଥିବାବେଳେ ମା' ବାପାଙ୍କର ଏକମାତ୍ର ପୁଅ। ଏନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
ବାବା ଅଘୋରୀ ତାନ୍ତ୍ରିକ
(ତନ୍ତ୍ର ମନ୍ତ୍ର ର ସମ୍ରାଟ୍)
ଯାହାର ଥିବ ଜ୍ଞାନ ସେହି କରିବ ସମାଧାନ
ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି ।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତି ପତ୍ନୀ ମଧରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ ।
8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ । ଘରେବସି କାମକରିଥିବା କଥାଗୁପ୍ତ ରହିବ ।

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ ।
ପ୍ରତ୍ୟେକ ମେସିନ ସହ RAW MATERIAL FREE
Mob.-9078729199, 8018493464

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

JANODAYA Finance
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ ।
ମାତ୍ର ୨% ସୁଧ ହାରରେ
Bharatpur, Badahkole, Sambalpur
9438082179
8480403308

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

## ବାଲି ଚୋରାଚାଲାଣ, ୫୦ ହଜାର ଜରିମାନା

ଡୁଙ୍ଗୁରିପାଲି: ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସୁଖା ଆର୍‌ଆଇ ସର୍କଲ ଅଧୀନ ଅଙ୍ଗନଦୀ ପଠାରୁ ରବିବାର ପୂର୍ବାହ୍ନ ୧୧ଟା ସମୟରେ ବାଲି ଚୋରାଚାଲାଣ ବେଳେ ରାଜସ୍ୱ ବିଭାଗ ଅଧିକାରୀ ଚଢ଼ାଉ କରିଛନ୍ତି । ଚଢ଼ାଉ ବେଳେ ୫ଟି ଟ୍ରାକ୍ଟରରୁ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ରାମପୁର ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ସୁଖା ଆର୍‌ଆଇ ବିଷ୍ଣୁପ୍ରସାଦ ପାଲିତ ଚଢ଼ାଉରେ ସାମିଲ ହୋଇଥିଲେ ।

**ସଂକ୍ଷେପରେ**

### ବେଆଇନ ବାଲିଚାଲାଣ ବେଳେ ଟ୍ରାକ୍ଟର ଜବତ

**ଖପ୍ରାଖୋଲ, ୨୨।୧୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ତଥା ବେଲପଡା ବ୍ଲକ କଂସାପଲାଠାରେ ରବିବାର ସ୍ଥାନୀୟ ପାଟ୍ରୋଲିଂ ପୋଲିସ ଚଢ଼ାଉ କରି ବେଆଇନ ବାଲିଚାଲାଣ ବେଳେ ଏକ ଟ୍ରାକ୍ଟରକୁ ଜବତ କରିଛି। ଧରିବା ପରେ ଟ୍ରାକ୍ଟର (ନଂ. ଓଡି ୧୭ଏଫ ୯୪୭୮)କୁ ଖପ୍ରାଖୋଲ ଥାନାକୁ ଆଣିଛି। ଡ୍ରାଇଭର କଂସାପଲାର ରମେଶ ଭୁଏଁଙ୍କୁ ଥାନାରେ ଅଟକ ରଖାଯାଇଛି। ଏ ନେଇ ଖପ୍ରାଖୋଲ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି।

### ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

**ସମ୍ବଲପୁର,୨୨।୧୧(ବ୍ୟୁରୋ):** ସମ୍ବଲପୁର ଜିଲା ବୁର୍ଲା ଥାନା ମିର୍ଦ୍ଧାପଡାର ଅନିରୁଦ୍ଧ ପଞ୍ଚବିହାର(୩୬)ଙ୍କ ମୃତଦେହ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ପୋଲିସ ଉଦ୍ଧାର କରିଛି। ହତ୍ୟା କରି ଗଛରେ ଝୁଲାଇ ଦିଆଯାଇଥିବା ଅନିରୁଦ୍ଧଙ୍କ ସ୍ତ୍ରୀ ଭୁମୀ ଅଭଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ ଯେ, ଅନିରୁଦ୍ଧ ନଭେମ୍ବର ୨୦ତାରିଖଠାରୁ ନିଖୋଜ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ନ ପାଇବା ପରେ ଥାନାରେ ଅଭିଯୋଗ କରିଥିଲେ । ରବିବାର ସକାଳେ ମିର୍ଦ୍ଧାପଡାର ଅନତି ଦୂରରେ ଥିବା ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଖବର ମିଳିଥିଲା।

### ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ବୈଠକ

**ଦେଓଗାଁ,୨୨।୧୧ (ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ବାଳିକା ହାଇସ୍କୁଲ ପରିସରରେ ରବିବାର ଗ୍ରାମ୍ୟ ଉନ୍ନୟନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟି ସଭାପତି ଡା. ଶଶୀଭୂଷଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ କରୋନା କଟକଣାକୁ ଦୃଷ୍ଟିରେ ରଖି ଗାଁର ଦୁର୍ଗାମଣ୍ଡପ ଛକ, ରଣାପଡା, କଛାରପାଲି ଓ କନ୍ଧପାଲିରେ ପୃଥକ ଭାବେ ବୈଠକ କରି ସକ୍ରିୟ କର୍ମକର୍ତ୍ତା ଚୟନ ପରେ ନୂତନ କମିଟି ଗଠନ ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ଏହି ଅବସରରେ ଦେଓଗାଁର ମୁଖ୍ୟ ଦାବି ରେଳଷ୍ଟେଶନଠାରେ ଏକ୍ସପ୍ରେସ ଟ୍ରେନ ରହଣି ଉପରେ ଆଲୋଚନା କରାଯାଇଥିଲା। ଗତ ୮ ବର୍ଷ ହେଲା ବନ୍ଦ ହୋଇ ପଡିଥିବା ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ ବିଜୟାନନ୍ଦ ସମବାୟ ଚିନିକଳକୁ ପୁନଃଚାଲୁ କରିବା ଓ ଦେଓଗାଁ ଥାନା କିପରି ଅନ୍ୟତ୍ର ସ୍ଥାନାନ୍ତର ନହେବ ସେନେଇ ଆଲୋଚନା କରାଯାଇଥିଲା। ଆଗକୁ ସ୍ଥାନୀୟ ଥାନାଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ ସମ୍ମତି ପ୍ରକାଶ ପାଇଥିଲା ।

### ବିଶ୍ୱଶାନ୍ତି ପାଇଁ ଗୀତାଯଜ୍ଞ

**ସରଣ୍ଡା, ୨୨।୧୧ (ଡି.ଏନ.ଏ):** କରୋନା ପ୍ରକୋପରୁ ବିଶ୍ୱ ସମୁଦାୟକୁ ମୁକ୍ତି ଦେବା ପାଇଁ ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ପୁଆଲପୁଡା ଗ୍ରାମରେ ରବିବାର ବିଶ୍ୱଶାନ୍ତି ଗୀତାଯଜ୍ଞ ହୋଇଛି। ପଣ୍ଡିତ ରାକେଶ ମିଶ୍ରଙ୍କ ତତ୍ତ୍ୱାବଧାନରେ ଦେବେନ୍ଦ୍ର ନାୟକ, ଲଳିତ କୁମାର ତ୍ରିପାଠୀ, ପୁରନ୍ଦର ପାଣିଗ୍ରାହୀ, କାହ୍ନା ପାଣିଗ୍ରାହୀ ପ୍ରମୁଖ ହୋମଯଜ୍ଞ କରିଥିଲେ। ଗ୍ରାମର ରାଜେନ୍ଦ୍ର ଭୋଇ ପୂଜାକାର୍ଯ୍ୟ ଓ ତାଙ୍କ ସ୍ତ୍ରୀ ଛାୟାବତୀ ଭୋଇ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଏଥିରେ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ।

### ଦୟାନନ୍ଦ ସ୍କୁଲ ପରିସରରେ ବୃକ୍ଷରୋପଣ

**ସମ୍ବଲପୁର, ୨୨।୧୧ (ବ୍ୟୁରୋ):** ରୋଟାରୀ କ୍ଲବ ଅଫ୍ ଗ୍ରେଟର୍ ପକ୍ଷରୁ ବୃକ୍ଷରୋପଣ ପଡିଆବାହାଲସ୍ଥିତ ଦୟାନନ୍ଦ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଘନଶ୍ୟାମ ମେହେର ଓ ସୁମିତ ନାୟକଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମ୍ପାଦକ ଡ. ମନୋରଞ୍ଜନ ସାହୁ, ପ୍ରଶାନ୍ତ ରଥ, ଭଗତ ସିଂ, ବିଶାଳ ମଲ୍ଲିକ, ସମିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଦୟାନନ୍ଦ ସ୍କୁଲ ସମୂହ ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀ ବୃକ୍ଷରୋପଣ ବିଷୟରେ ବକ୍ତବ୍ୟ ରଖିଥିଲେ । ସଂଯୁକ୍ତା ପାଣିଗ୍ରାହୀ ସୂଚନା ପ୍ରଦାନ କରିଥିବା ବେଳେ ପ୍ରଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଗଣା ଚାଉଳ ବଣ୍ଟନରେ ଦୁର୍ନୀତି

**ସମ୍ବଲପୁର,୨୨।୧୧(ବ୍ୟୁରୋ)**

- ଦେଢ଼ ଲକ୍ଷ କୁଇଣ୍ଟାଲ ଚାଉଳ ବଣ୍ଟନକୁ ନେଇ ସନ୍ଦେହ
- ନିୟମିତ କୋଟା, ମାଗଣା ଚାଉଳର ହିସାବ ନାହିଁ
- ବିଭାଗୀୟ ଅଧିକାରୀ, ଡିଲରଙ୍କ ମଧ୍ୟରେ ସଲାସୁତୁରା

କରୋନା ମହାମାରୀ ସମୟରେ କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ହିତାଧିକାରୀମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଆଗୁଆ ୫ ମାସର ଚାଉଳ ପ୍ରଦାନ କରିଥିଲେ । ସେହିଭଳି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ମଧ୍ୟ ଆଗୁଆ ମାଗଣା ଚାଉଳ ବଣ୍ଟନ କରାଯାଇଥିଲା। ସମ୍ବଲପୁର ଜିଲାରେ ମଧ ଏହି ଯୋଜନାରେ ହିତାଧିକାରୀମାନଙ୍କୁ ଚାଉଳ, କିରୋସିନ, ଡାଲି, ଚଣା ଭଳି ସାମଗ୍ରୀ ବଣ୍ଟନ କରାଯିବାର ବ୍ୟବସ୍ଥା ହୋଇଥିଲା। ହେଲେ ଉପରୋକ୍ତ ଯୋଜନାରେ ଆସିଥିବା ଚାଉଳ ଓ ଗହମ ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଉପରୋକ୍ତ ସାମଗ୍ରୀ ହିତାଧିକାରୀମାନଙ୍କ ପାଖରେ ନ ପହଞ୍ଚି ଖୋଲା ବଜାରରେ ବିକ୍ରି ହୋଇଥିବା ଜଣାପଡିଛି ।

ଯୋଗାଣ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ଜିଲାରେ ହିତାଧିକାରୀମାନଙ୍କୁ ମାଗଣା ବଣ୍ଟନ ପାଇଁ ପ୍ରତି ମାସରେ ପ୍ରାୟ ୩୨ ହଜାର ୫ ଶହ କୁଇଣ୍ଟାଲ ଚାଉଳ ଆସିଥିଲା। କେନ୍ଦ୍ର ସରକାର ୫ମାସ ପାଇଁ ମୋଟ୍ ୧ ଲକ୍ଷ ୬୦ ହଜାର କୁଇଣ୍ଟାଲ ଚାଉଳ ପ୍ରଦାନ କରିଥିଲେ। ସେହିପରି ନିୟମିତ କୋଟାରେ ମଧ ଅନୁରୂପ ଭାବେ ପ୍ରାୟ ଦେଢ଼ ଲକ୍ଷ କୁଇଣ୍ଟାଲ ଚାଉଳ ଆସିଥିଲା। ହେଲେ ମାଗଣା ଚାଉଳ ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଆସିଥିବା ଚାଉଳ ପ୍ରକୃତ ହିତାଧିକାରୀମାନଙ୍କୁ ଦିଆ ନ ଯାଉ ଖୋଲା ବଜାରରେ କେଜି ପ୍ରତି ୨୦ରୁ ୨୨ ଟଙ୍କା ଦରରେ ବିକ୍ରି ହୋଇଥିବା ଅଭିଯୋଗ ହୋଇଛି । ଯଦି ଏପରି ଅଭିଯୋଗ ସତ ହୋଇଥାଏ ତେବେ ଜିଲାକୁ ଆସିଥିବା ମାଗଣା ଚାଉଳର ଖୋଲା ବଜାର ମୂଲ୍ୟ ପ୍ରାୟ ୩୨ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଇଛି। ଏତେ ବଡ ଦୁର୍ନୀତିରେ ଯୋଗାଣ ବିଭାଗ ଅଧିକାରୀ, ପଞ୍ଚାୟତ ଓ ୱାର୍ଡସ୍ତରରେ ବଣ୍ଟନ କରୁଥିବା ଯୋଗାଣ ସହାୟକ ଓ ସେମାନଙ୍କୁ ସାମଗ୍ରୀ ଯୋଗାଉ ଥିବା ଡିଲରମାନଙ୍କ ସମ୍ପୃକ୍ତି ରହିଛି ବୋଲି ଅଭିଯୋଗ ହୋଇଛି।

ପିଡିଏସ୍ ସାମଗ୍ରୀ ବଣ୍ଟନରେ ସ୍ୱଚ୍ଛତା ଆଣିବା ପାଇଁ ବାଇମେଟ୍ରିକ ମେଶିନ ବ୍ୟବହାର କରିବାର ନିୟମ ରହିଛି। ହେଲେ କରୋନା କଟକଣା ଯୋଗୁ ଏହି ନିୟମ କୋହଳ କରାଯିବା ଏପରି ଦୁର୍ନୀତିକୁ ସୁହାଇଛି । ହିତାଧିକାରୀମାନଙ୍କ ଜାଣିବା ପାଇଁ ଏକ ମାନୁଏଲ ରସିଦ୍ ଦେବା ପାଇଁ ନିୟମ କରାଯାଇଥିଲେ ମଧ୍ୟ ଅଧିକାଂଶ ଯୋଗାଣ ସହାୟକ ରସିଦ୍ ଦେଇ ନ ଥିଲେ। ଫଳରେ ହିତାଧିକାରୀମାନେ ଆବଶ୍ୟକ ସୂଚନାରୁ ବଞ୍ଚିତ ହୋଇଥିଲେ। ପ୍ରତି ମାସରେ ଜଣେ ହିତାଧିକାରୀ ୨ଥର ଚାଉଳ ପାଇବା କଥା । ଗୋଟିଏ ନିୟମିତ କୋଟା ଓ ଆଉ ଥରେ ମାଗଣା ଚାଉଳ। ହେଲେ ଜଣେ ହିତାଧିକାରୀଙ୍କୁ ଗୋଟିଏ ଥର ଚାଉଳ ଦିଆଯାଇଛି । କେତେଜଣ ହିତାଧିକାରୀଙ୍କ ରିସିଭିଂ ଖାତା ରହିଛି । ସେଥିରେ ଯୋଗାଣ ସହାୟକମାନେ ଚାଉଳର ପରିମାଣ, ତାରିଖ, ମାସ ଭଳି ସୂଚନା ଲେଖି ଦସ୍ତଖତ କରିଛନ୍ତି । ମହାନଗର ନିଗମ ହେଉ କି ଗ୍ରାମାଞ୍ଚଳ ସବୁଠାରେ ଏଭଳି ଅବ୍ୟବସ୍ଥା ହୋଇଥିବା ଅଭିଯୋଗ ହୋଇଛି ।

ଝୁଝୁମୁରା ବ୍ଲକ୍ ଛାମୁଣ୍ଡା ପଞ୍ଚାୟତର ଜଣେ ହିତାଧିକାରୀଙ୍କ ଖାତାରେ ୩ ମାସର ଚାଉଳ ୭୫ କେଜି ଉଲ୍ଲେଖ ରହିଛି। ହେଲେ ତାଙ୍କୁ ୫୦ କେଜି ଚାଉଳ ଦିଆଯାଇଥିବା ସେ କହିଛନ୍ତି। ସେହି ପଞ୍ଚାୟତର ଜଣେ ହିତାଧିକାରୀ କହିଛନ୍ତି, ଯୋଗାଣ ସହାୟକମାନେ ଏକ ମାନୁଆଲ ରସିଦ ଦେବା ନିୟମ ରହିଛି। ହେଲେ ରସିଦ୍ ଦିଆଯାଇନାହିଁ। ସେହିପରି ମାନେଶ୍ୱର ବ୍ଲକ୍‌ର ବରଗାଁ, ସାହାସପୁର,ବଡମୁରା,ବଦୁଆପାଲି ଆଦି ପଞ୍ଚାୟତର ହିତାଧିକାରୀମାନେ ଏପରି ଅଭିଯୋଗ କରିଛନ୍ତି। ଜିଲାର କେବଳ ମାନେଶ୍ୱର ଓ ଝୁଝୁମୁରା ବ୍ଲକ୍ ନୁହେଁ ସମସ୍ତ ବ୍ଲକ୍, ଏନଏସି, ମହାନଗର ନିଗମ ଅଞ୍ଚଳର ହିତାଧିକାରୀମାନଙ୍କ ପାଖକୁ ଯାଇ ଯାଞ୍ଚ କଲେ ଏପରି ଦୁର୍ନୀତିର ପର୍ଦ୍ଦାଫାସ ହୋଇ ପାରିବ ବୋଲି ଦାବି ହେଉଛି ।

ଏ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ମଲ୍ଲିକ କହିଛନ୍ତି, ଦୁର୍ନୀତି ରୋକିବା ପାଇଁ ପସ ମେଶିନ ବ୍ୟବସ୍ଥା କରାଯାଇଥିଲା । କୋଭିଡ୍ ପାଇଁ ସେ ବ୍ୟବସ୍ଥାକୁ କୋହଳ କରାଯାଇଥିଲା। ହେଲେ ମାଗଣା ଚାଉଳ ଓ ନିୟମିତ କୋଟା ଚାଉଳ ବଣ୍ଟନ କରିବା ପାଇଁ ପ୍ରତି ମାସରେ ଦିନ ଧାର୍ଯ୍ୟ କରାଯାଇଥିଲା। ରିସିଭିଂ କାଉଣ୍ଟରୁ ସାମଗ୍ରୀ ଗଲାପରେ ଯୋଗାଣ ସହାୟକମାନେ ବିକ୍ରି କରି ପାରିବେ। ଯଦି ବାଟ ମାରଣା କରାଯାଇଥିବା ତାହା ତଳସ୍ତରରେ ହୋଇଥାଇପାରେ। ଏହାର ତଦନ୍ତ କରାଯିବ। ପ୍ରମାଣ ମିଳିଲେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

### ୫ ବର୍ଷର ଅପହୃତ ଝିଅ ୩ ଦିନ ପରେ ଉଦ୍ଧାର

**ବୌଦ୍ଧ,୨୨।୧୧(ସ୍ୱ.ପ୍ର.)**

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅନ୍ତର୍ଗତ ବାଦିକଟା ଗ୍ରାମରେ ଜଣେ ବ୍ୟକ୍ତି ତାଙ୍କ ସାଙ୍ଗଙ୍କ ୫ ବର୍ଷର ଝିଅକୁ ଅପହରଣ କରିଥିବା ନେଇ ଅଭିଯୋଗ ହୋଇଥିଲା । ଅପହରଣର ତିନିଦିନ ପରେ ନାବାଳିକାକୁ ପୋଲିସ ରବିବାର ଉଦ୍ଧାର କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ବାଦିକଟା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ବିଛକା ଗ୍ରାମର ତାଙ୍କ ସାଙ୍ଗ ଗତ ଏକ ମାସ ହେବ ରହି ଆସୁଥିଲେ । କିନ୍ତୁ କୌଣସି କାରଣରୁ ଦୁଇ ସାଙ୍ଗଙ୍କ ମଧରେ କଳି ହୋଇଥିଲା । ଏହାପରେ ସାଙ୍ଗଙ୍କ ଝିଅକୁ ଗତ ୨୦ ତାରିଖରେ ଅପହରଣ କରି ନେଇଥିଲେ। ଏନେଇ ନିକଟସ୍ଥ ବାଉଁଶୁଣୀ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା । ରବିବାର ନାବାଳିକା ଜଣକ ମନମୁଣ୍ଡା ଥାନା ପୁରୁଣାପାଣି ଗ୍ରାମରେ ଥିବା ଜାଣିବା ପରେ ଉଦ୍ଧାର କରିବା ସହ ମାତାପିତାଙ୍କୁ ହସ୍ତାନ୍ତର କରିଛି । ଅଭିଯୁକ୍ତ ଜଣକ ଫେରାର ଅଛନ୍ତି । କେସ ନଂ ୧୨୮/୨୦।

## ପୀତାମ୍ବର ହତ୍ୟା ମାମଲା: ଜଣେ କୋର୍ଟ ଚାଲାଣ

**ତରଭା,୨୨।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅଧୀନ ଦଇତପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଗତ ଶୁକ୍ରବାର ରାତିରେ ଘଟିଥିବା ପୀତାମ୍ବର ମହାକୁର (୪୬) ହତ୍ୟା ମାମଲାରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି । ଗିରଫ ବ୍ୟକ୍ତି ହେଲେ ଯୁଧିଷ୍ଠିର ନାଗ (୫୫) । ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କ ଟେର୍ ପୋଲିସ ଏଯାଏ ପାଇନାହିଁ । ପ୍ରକାଶ ଯେ, ଘଟଣା ଦିନ ରାତିରେ କଟାପାଲି ପଞ୍ଚାୟତ ଅରଖପଦର ଗାଁର ପୀତାମ୍ବରଙ୍କୁ ଝାରତରଭା ଗ୍ରାମ ପଞ୍ଚାୟତ ଦଇତପୁର ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ପଛପଟେ ଥିବା ଜମିରେ କେତେକ ବ୍ୟକ୍ତି ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ । ତାଙ୍କୁ ପିଟି ପିଟି ହତ୍ୟା କରାଯିବା ସହ ଦୁଇ ହାତ ପାପୁଲିକୁ କାଟି ଦିଆଯାଇଥିଲା । ଏ ନେଇ କେସ ନଂ ୨୦୦/୨୦୨୦ରେ ମାମଲା ରୁଜୁ ହୋଇଛି । ଏହି ଘଟଣାରେ କଟାପାଲି ପଞ୍ଚାୟତ ଅରଖପଦର ଗ୍ରାମର ଯୁଧିଷ୍ଠିରଙ୍କୁ ପୋଲିସ ଗିରଫ କରଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ଆଇଆଇସି ଡୋଳାମଣି ଭୋଇ ପ୍ରକାଶ କରିଛନ୍ତି ।



ଟାଉନ ହଲ୍ ପାଇଁ ଶିଳାନ୍ୟାସ କରାଯାଉଛି ।

## ବରପାଲିରେ ଫଳକ ରାଜନୀତି

**ବରପାଲି, ୨୨।୧୧ (ଡି.ଏନ.ଏ)**

ବରପାଲି ସହର ସମେତ ବିଭିନ୍ନ ଅଞ୍ଚଳରେ ଫଳକ ରାଜନୀତି ଚାଲିଛି। ଗତ ୧୮ ତାରିଖରେ ଟାଉନ ହଲ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଥିବା ଏହାର ଏକ ଉଦାହରଣ। ୨୦୧୭ ମସିହା ଅକ୍ଟୋବର ୩୦ରେ ତତ୍କାଳୀନ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ସ୍ଥାନୀୟ ଗଙ୍ଗାଧର କ୍ଲବ ପରିସରରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଏବେବି ଏହାର ଫଳକ ରହିଛି। ଏବେ ସେହି ପ୍ରକଳ୍ପକୁ ସହରଠାରୁ ୩ କି.ମି ଦୂରକୁ ସ୍ଥାନାନ୍ତର କରି ପୁଣି ଶିଳାନ୍ୟାସ କରାଯାଇଛି। ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଜେପୁର ବିଧାୟିକା ରୀତା ସାହୁ ଏବଂ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଗୋଟିଏ ପ୍ରକଳ୍ପକୁ ୨ଟି ସ୍ଥାନରେ ଶିଳାନ୍ୟାସ କରାଯିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଟାଉନ ହଲ୍ ଟାଉନ ଭିତରେ ଏବଂ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ହେଉ ବୋଲି ଭାଜପା ମଣ୍ଡଳ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ମେହେରଙ୍କ ମତାମତ ମିଳିପାରିନାହିଁ ।

## ଫ୍ଲଡଲାଇଟ୍ ଭଲିବଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ, ୨୨।୧୧**

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ ପରିସରରେ ଫ୍ଲଡ ଲାଇଟ ଭଲିବଲ ଚାମ୍ପିୟନ୍‌ଶିପ୍ ରବିବାର ଅପରାହ୍ଣରେ ଜିଲା କ୍ରୀଡା ସମ୍ପାଦକ ହରିନାରାୟଣ ପୂଜାରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ଜିଲା ତଥା ଜିଲା ବାହାରର ୬ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚରେ ବଲାଙ୍ଗୀର ଦଳ ଲୁକାପଡା ଦଳକୁ ୨-୦ ସେଟ୍‌ରେ ହରାଇ ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ୍‌ରେ ପାଟଣାଗଡ ଦଳ ଶିବତଲାକୁ ୨-୦ ସେଟ୍‌ରେ ହରାଇ ଥିଲା । ତୃତୀୟ ମ୍ୟାଚରେ ବଲାଙ୍ଗୀର ଦଳ ସୋନପୁର ଦଳକୁ ୨-୦ ସେଟ୍‌ରେ ହରାଇ ଫାଇନାଲକୁ ଉନ୍ନୀତ ହୋଇଥିଲା । ଚତୁର୍ଥ ମ୍ୟାଚରେ ଶିକ୍ସର କ୍ଲବ ବଲାଙ୍ଗୀର ଶିବତଲାଠାରୁ ୨-୦ ସେଟ୍‌ରେ ଏବଂ ପଞ୍ଚମ ମ୍ୟାଚରେ ସୋନପୁର ଦଳ ଲୁକାପଡା ଦଳକୁ ୨-୦ ସେଟ୍‌ରେ ହରାଇ ବିଜୟୀ ହୋଇଥିଲା । ଷଷ୍ଠ ମ୍ୟାଚ୍‌ରେ ଶିକ୍ସର କ୍ଲବ ପାଟଣାଗଡକୁ ୨-୦ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା । ବଲାଙ୍ଗୀର ଏବଂ ଶିକ୍ସର କ୍ଲବ ମଧ୍ୟରେ ଫାଇନାଲ ଖେଳ ହେବ। ସମ୍ମାନିତ ଅତିଥିଭାବେ ପୂର୍ବତନ ଭଲିବଲ ଖେଳାଳି ପଦ୍ମଚରଣ ଦାସ, ପ୍ରଶାନ୍ତ ପଟ୍ଟନାୟକ, ନୂଆପଡା ଜିଲା କ୍ରୀଡା ଅଧିକାରୀ ଅଜୟ ପଟ୍ଟନାୟକ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଦଧିବାବନ ଟାଲି, ପାଟଣାଗଡ କ୍ରୀଡା ଶିକ୍ଷକ ବସନ୍ତ କୁମାର ମେହେର, ସିଲନ ମିଶ୍ର, ବିପିନ ବିହାରୀ ସାହୁ, ଜଗଦାନନ୍ଦ ମିଶ୍ର, ରଞ୍ଜିତ ବେହେରା ଯୋଗଦେଇଥିଲେ। ଖେଳକୁ ରାଜୀବ ଲୋଚନ ବେହେରା, ମନୋଜ ସାହୁ, ଜିତେନ୍ଦ୍ର ବାରିକ, ହୃଦୟ ଶବର, ସ୍ୱାଗତ ଶୁଭଙ୍କର ତ୍ରିପାଠୀ ପରିଚାଳନା କରିଥିଲେ।



ଫ୍ଲଡ ଲାଇଟ ଭଲିବଲ ଚାମ୍ପିୟନଶିପ୍ ଉଦ୍‌ଘାଟନ ଅବସରରେ ଖେଳାଳିମାନେ।

### ସିନାପାଲିରେ ଖୋଲିଲା ଧାନମଣ୍ଡି

**ସିନାପାଲି, ୨୨।୧୧ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲିଠାରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସିନାପାଲି ତହସିଲଦାର ଲୋକନାଥ ଶବର ମୁଖ୍ୟଅତିଥି ଭାବେରେୟୟ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ଥାନୀୟ ଶତାଧିକ ଚାଷୀଙ୍କ ସମେତ ସମବାୟ ସେବା ସମିତି ଅଧକ୍ଷ ତ୍ରିନାଥ ମେହେର, ସମ୍ପାଦକ ତୁଳାରାମ ମେହେର, ବରିଷ୍ଠ ଚାଷୀ ଗଳାମଣି ସା, ନାରାୟଣ ପାତ୍ର, ଲଛମନ ରଣା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୧୮ ଜଣ ଚାଷୀଙ୍କ ପ୍ରାୟ ୧୨ ଶହ କୁଇଣ୍ଟାଲ ଧାନ ମଣ୍ଡିକୁ ଆସିଥିବା ଜଣାପଡିଛି। ଏହି ମଣ୍ଡିରେ ମୋଟ ୮ ଶହ ୩୪ଜଣ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଥିବା ବେଳେ ଏବର୍ଷ ୩୦ ହଜାର କୁଇଣ୍ଟାଲ ଧାନ କିଣିବା ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଚାଷୀମାନଙ୍କୁ କୋଭିଡ ନିୟମ ପାଳନ କରି ଶାନ୍ତିଶୃଙ୍ଖଳାର ସହିତ ଧାନ ବିକ୍ରୟ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷେ ଚାଷୀଙ୍କୁ ହଇରାଣ ନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ତାଗିଦ୍ କରିଥିଲେ।

### ଘର ପୋଡ଼ି ଅଭିଯୋଗରେ ଯୁବକ ଗିରଫ

**ସମ୍ବଲପୁର,୨୨।୧୧(ବ୍ୟୁରୋ)**

ସମ୍ବଲପୁର ଜିଲା ଝୁଝୁମୁରା ଥାନା ସିତଲେନପାଲି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଶନିବାର ଭୋର ସମୟରେ ଭାଗିରଥୀ ମଲ୍ଲିକଙ୍କ ଘରକୁ ଜଣେ ଯୁବକ ନିଆଁ ଲଗାଇ ପୋଡି ଦେଇଛନ୍ତି। ଏହି ଘଟଣାରେ ପୋଲିସ ଗ୍ରାମର ରମଣୀ ମିର୍ଦ୍ଧାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଏନେଇ ଥାନାରେ ଏକ ମାମଲା(ନଂ.୧୫୫/୨୦) ରୁଜୁ ହୋଇଛି। ଶନିବାର ରାତିରେ ଭାଗିରଥୀ ପରିବାର ସଦସ୍ୟଙ୍କ ସହ ଶୋଇଥିବା ବେଳେ ରମଣୀ ତାଙ୍କ ଘରେ ନିଆଁ ଲଗାଇ ଦେଇଥିଲେ ।



ଫାର୍ମାସିଷ୍ଟ ସେବା ସଂଘର ସାଧାରଣ ପରିଷଦ ବୈଠକରେ ମଞ୍ଚାସୀନ ଅତିଥିମାନେ।

## ଓଡ଼ିଶା ଫାର୍ମାସିଷ୍ଟ ସେବା ସଂଘ ସାଧାରଣ ପରିଷଦ ବୈଠକ

**ବଲାଙ୍ଗୀର ଅଫିସ,୨୨।୧୧**

ଓଡିଶା ଫାର୍ମାସିଷ୍ଟ ସେବା ସଂଘ ବଲାଙ୍ଗୀର ଶାଖାର ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଏନ୍‌ଏଚ୍‌ଏମ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ରାଧାମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସିଡିଏମ୍‌ଓ ଡା. ଭୀମ ସାହୁ ଅତିଥି, ପରିଷଦ ଉପସଭାପତି ସେଶ୍ରମ କେଶରୀ ପ୍ରଧାନ ଏବଂ ଜୋନାଲ ସମ୍ପାଦକ ପ୍ରଦୀପ ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ୫୯ତମ ବିଶ୍ୱ ଫର୍ମାସିଷ୍ଟ ସପ୍ତାହ ପାଳନ ଅବସରରେ ଜୀବନ ହରାଇଥିବା ଫାର୍ମାଶିଷ୍ଟ କୋଭିଡ ଯୋଦ୍ଧାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହି ଅବସରରେ ଫାର୍ମାଶିଷ୍ଟମାନଙ୍କ ବିଭିନ୍ନ ସମସ୍ୟା ଓ ଦାବିଗୁଡିକ ଉପରେ ଆଲୋଚନା କରାଯାଇଥିଲା । ସାଧାରଣ ସମ୍ପାଦକ ଚିଦାନନ୍ଦ ବେହେରା ବୈଠକ ପରିଚାଳନା କରିଥିଲେ। ସଭାରେ ହୃଦାନନ୍ଦ ମେହେର, ସରୋଜ ସାହୁ, ମୋତିଲାଲ ସାହୁ, ଜୟକୃଷ୍ଣ ମିଶ୍ର, ବିଦ୍ୟୁତ୍ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ । ଶେଷରେ କୋଷାଧକ୍ଷ ବିକାଶ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ

**ବରଗଡ଼ ଅଫିସ୍/ଅତାବିରା,୨୨।୧୧**

**ଧାନ ଚୋରାଚାଲାଣ ଘଟଣା**

ବରଗଡ଼ ଜିଲାକୁ ବୌଦ ଜିଲାରୁ ଧାନ ଚୋରାଚାଲାଣ ଘଟଣାର ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ଭେଡ଼େନ ବ୍ଲକ ଦାୟିତ୍ୱରେ ଥିବା ଅତାବିରା ଯୋଗାଣ ନିରୀକ୍ଷକ ବିଶ୍ୱରଞ୍ଜନ ସାହୁ ରବିବାର ଉକ୍ତ ଘଟଣା ଉପରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଲେଖି ଜଣାଇବା ସହିତ ତଦନ୍ତ ରିପୋର୍ଟ ତଥା ଏଫ୍‌ଆଇଆର୍ ଦାଖଲ କରିଛନ୍ତି । ସମ୍ପୃକ୍ତ ଧାନ ବୋଝେଇ ୨ଟି ଟ୍ରକ୍, ଗୋଟିଏ ଟ୍ରାକ୍ଟର, ଏବଂ ୧୮୬ କୁଇଣ୍ଟାଲ ଧାନକୁ ଜବତ କରାଯାଇଛି । ଧାନ ଚୋରାଚାଲାଣ ନେଇ ପ୍ରଶାସନର ଏଭଳି କାର୍ଯ୍ୟାନୁଷ୍ଠାନ ପରେ ବେପାରୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି ।

ବରଗଡ଼ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ରବିବାର ଦୁଇ ସପ୍ତାହ ପୂରିଛି। କିନ୍ତୁ ଟୋକନ ସମସ୍ୟା ଯୋଗୁ ଏଥର ଅନ୍ୟ ବର୍ଷ ତୁଳନାରେ ଧାନ କିଣାବିକା ମନ୍ଥର ଗତିରେ ଚାଲିଛି । ଅପରପକ୍ଷେ ଏହାର ସୁଯୋଗ ନେଇ ବେପାରୀମାନେ ସର୍ବନିମ୍ନ ସହାୟକ ମୂଲ୍ୟଠାରୁ କମ୍ ଦରରେ ଧାନକ୍ରୟ କରୁଥିବା ଅଭିଯୋଗ ହେଉଛି। ଏପରିକି ବାହ୍ୟ ଜିଲା ତଥା ଛତିଶଗଡ଼ରୁ ମଧ୍ୟ ବହୁ ପରିମାଣର ଧାନ ବରଗଡ଼ ଜିଲାକୁ ଆସି କେତେକ ରାଇସ୍ ମିଲରେ ଗଚ୍ଛିତ ରହିଥିବା ଆଲୋଚନା ହେଉଛି। ଶନିବାର ଜିଲାର ଭେଡ଼େନ ବ୍ଲକ ଅନ୍ତର୍ଗତ ତୁରୁମକୁ ବୌଦ୍ଧ ଜିଲାରୁ ଆସିଥିବା ୨ଟି ଧାନ ବୋଝେଇ ଟ୍ରକ୍ (ନଂ.ସିଜି୦୪ଜେଡ୍‌ସି/୫୬୫୪ ଏବଂ ନଂ.ଓଆର୧୯ବି/୮୪୨୩) ବିଭାଗୀୟ ଅଧିକାରୀଙ୍କ ହାତରେ ଧରାପଡ଼ିଥିଲା। ଚଢ଼ାଉ ବେଳେ ସେହି ଧାନକୁ ଅନ୍ୟ ଏକ ଟ୍ରାକ୍ଟର (ନଂ.ଓଡି୧୭କେ/୭୯୪୩)ରେ ଲୋଡ୍ କରାଯାଉଥିଲା। ଫଳରେ ବିଭାଗୀୟ ଅଧିକାରୀମାନେ ସମ୍ପୃକ୍ତ ଧାନ ବୋଝେଇ, ଟ୍ରକ, ଟ୍ରାକ୍ଟରକୁ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଥିଲେ ।

## ଜିଏସ୍‌ଟି ଠକେଇ: ଭୁବନେଶ୍ୱରକୁ ଲମ୍ବିଛି ଚେର

**ବିନିକା,୨୧।୧୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲାରେ ଜିଏସଟି ଠକେଇ ଘଟଣା ଗୋଟିଏ ପରେ ଗୋଟିଏ ନଜରକୁ ଆସିବାରେ ଲାଗିଛି । ଗରିବ ଲୋକଙ୍କ ଡକ୍ୟୁମେଣ୍ଟ କୌଶଳକ୍ରମେ ହାତେଇ ନେଇ ଜିଏସଟି ଠକିବାକୁ ଉଦ୍ୟମ କରାଯାଉଛି । ଫଳରେ ଏହି ଜାଲରେ ବହୁ ନିରୀହ ଲୋକ ଛନ୍ଦି ହୋଇ ହନ୍ତସନ୍ତ ହେଉଛନ୍ତି। ଅପରପକ୍ଷେ ବିଭାଗ ପକ୍ଷରୁ ଯେଉଁମାନଙ୍କ ନାଁରେ ଜିଏସଟି ଠକେଇ ନୋଟିସ ଆସୁଛି , ସେମାନେ ଏ ବାବଦରେ କିଛି ଜାଣି ନ ଥିବା କହୁଛନ୍ତି। ଖୋଳତାଡ ପରେ ତାଙ୍କ ଠାରୁ କେହି ଡକ୍ୟୁମେଣ୍ଟ ନେଇ ଏପରି କାରବାର ଚଳାଇଥିବା ପ୍ରାଥମିକ ତଦନ୍ତରୁ ଜାଣିବାକୁ ମିଳିଛି । ଏହାର ଚେର ଭୁବନେଶ୍ୱର ଯାଏ ଲମ୍ବିଛି । ଏଠାକାର ଲୋକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଏହି କାରବାର ଅବାଧରେ ଚାଲିଥିବା ସୂଚନା ମିଳିଛି । ନିକଟରେ ବିନିକା ବ୍ଲକ ଅଞ୍ଚଳର ଜଣେ ଗରିବ ଆଦିବାସୀ ବୃଦ୍ଧଙ୍କ ନାମରେ ସାଢେ ୧୦ କୋଟି ଟଙ୍କାର ଜିଏସ୍‌ଟି ଫାଙ୍କିଥିବା ନେଇ ଅଭିଯୋଗ ହୋଇଛି। ଉକ୍ତ ବ୍ୟକ୍ତି ଜଣକ ହେଲେ ସିଂଘିଯୁବା ଗ୍ରାମ ଇନ୍ଦ୍ରା କଲୋନୀପଡାର ବାସିନ୍ଦା ଭଗବାନ ଧରୁଆ (୬୮) । ଜିଏସ୍‌ଟି ଫାଙ୍କିବା ନେଇ ସିଟି ଆଣ୍ଡ ଜିଏସ୍‌ଟି ଏନଫୋର୍ସମେଣ୍ଟ ୟୁନିଟ୍ ,ବଲାଙ୍ଗୀର ପକ୍ଷରୁ ଭଗବାନଙ୍କୁ (ନଂ-୨୯୭/ସିଟି ଓ ଜିଏସ୍‌ଟି ତା୧୮।୧୧।୨୦ରିଖ) ନୋଟିସ ଦିଆଯାଇଛି । ସେହିପରି ଡୁଙ୍ଗୁରିପାଲି ବ୍ଲକ ଧାନବସା ଗ୍ରାମ ମେହେରପଡାର ଦିଲିପ କୁମାର ମେହେର(୩୫)ଙ୍କ ନାମରେ ଗତ ୧୨ ତାରିଖରେ ୧୦ କୋଟି ଟଙ୍କା ଜିଏସଟି ଫାଙ୍କିବା ନେଇ ନୋଟିସ ଆସିଛି।

ସିଟି ଏବଂ ଜିଏସଟି ଏନଫୋର୍ସମେଣ୍ଟ ୟୁନିଟ୍ , ଭବାନୀପାଟଣା, କଳାହାଣ୍ଡି ପକ୍ଷରୁ ଏହା ପ୍ରଦାନ କରାଯାଇଛି । ଦିଲୀପଙ୍କ କହିବା ମୁତାବକ ବରଗଡ ଜିଲା ସତଲମା ଗ୍ରାମର ତାଙ୍କ ଭଉଣୀ ଜ୍ୱାଇଁ ତାଙ୍କୁ ଋଣ କରି ଦେବାକୁ କହି ବହୁ ଦିନ ତଳେ ତାଙ୍କ ପାଖରୁ ତାଙ୍କର ଆଧାର କାର୍ଡ ,ପାନ କାର୍ଡ ଓ ଜମି ପଟ୍ଟା ନେଇଥିଲେ । କିନ୍ତୁ ଅଦ୍ୟାବଧି ଆଦିବାସୀ ସମ୍ପ୍ରଦାୟର ଦିଲୀପଙ୍କୁ ଏଯାଏ ଋଣ ମିଳି ନ ଥିବା ବେଳେ ୧୦କୋଟି ଟଙ୍କାର ଜିଏସ୍‌ଟି ଫାଙ୍କିବା ନୋଟିସ୍ ତାଙ୍କ ଚିନ୍ତା ବଢାଇଛି ବୋଲି ପ୍ରକାଶ କରିଛନ୍ତି । ଉଭୟ ଘଟଣାରେ ଜଣେ ବ୍ୟକ୍ତି ସମ୍ପୃକ୍ତ ଥିବା କୁହାଯାଉଛି । କାରଣ ଭଗବାନଙ୍କ ମାମଲାରେ ତାଙ୍କ ସାନପୁଅ ସଦାନନ୍ଦ ଧରୁଆ(୨୬) ଦେଣ୍ଡୁପଦର ଗାଁର ଜଣେ ସ୍କୁଲ ସାଙ୍ଗଙ୍କୁ ତାଙ୍କ ବାପାଙ୍କ ଡକ୍ୟୁମେଣ୍ଟ ଦେଇଥିବା କହିଥିଲେ । ସାଙ୍ଗ ଜଣକ ବାପାଙ୍କ ବ୍ୟାଙ୍କ ଖାତାରେ କୌଣସି ବାବଦରେ ୩ ହଜାର ଟଙ୍କା ଜମା ହେବ କହି ବାପାଙ୍କର ଆଧାର କାର୍ଡ ,ପ୍ୟାନ୍‌କାର୍ଡ ଏବଂ ୨ ପାସ୍‌ପୋର୍ଟ ସାଇଜ୍ ଫଟୋ ନେଇଥିଲେ । ସଦାନନ୍ଦଙ୍କ ସାଙ୍ଗ ପ୍ରମାଣପତ୍ର ସବୁ ଭୁବନେଶ୍ୱରସ୍ଥିତ ଜଣେ ବ୍ୟକ୍ତିଙ୍କ ନିକଟକୁ ପଠାଇଥିବା ପ୍ରକାଶ କରିଥିବା ବେଳେ ଧାନବସା ଗ୍ରାମର ଦିଲୀପଙ୍କ ଭଉଣୀ ଜ୍ୱାଇଁ ମଧ୍ୟ ସେହି ବ୍ୟକ୍ତିଙ୍କ ନାମ କହିଛନ୍ତି । ସମ୍ପୃକ୍ତ ବ୍ୟକ୍ତିଙ୍କୁ ଫୋନରେ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିଲେ ହେଁ ସମ୍ଭବ ହୋଇନାହିଁ । ବିଭାଗ ପକ୍ଷରୁ ଏହାର ଧରପଗଡ କରାଗଲେ ଜିଏସଟି ଫାଙ୍କିବା ପଛର ଗୁମର ଖୋଲିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

ଏନେଇ ବଲାଙ୍ଗୀର ଜିଏସ୍‌ଟି ବିଭାଗରେ କାର୍ଯ୍ୟରତ ଅଧିକାରୀ ଫକୀର ମୋହନ ଶତପଥୀଙ୍କୁ ପଚାରିବାରେ ଉଭୟ ଘଟଣାରେ ଭୁବନେଶ୍ୱରର ଜଣେ ବ୍ୟକ୍ତି ଜଡିତ ଥିବା ସୂଚନା ମିଳିଛି । ଡକ୍ୟୁମେଣ୍ଟଗୁଡିକର ଅସଦ୍ ବ୍ୟବହାର କରି ଜିଏସ୍‌ଟି ଠକେଇ କରାଯାଇଥିବା ଅନୁମାନ କରାଯାଉଛି। ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହେଲେ ୫ବର୍ଷ ଜେଲଦଣ୍ଡ ଭୋଗିବେ ବୋଲି ସେ କହିଥିଲେ ।

## କିଛି ବ୍ୟାଙ୍କ କାର୍ଯ୍ୟରେ ବାଧା

ଏଚ୍‌ଡିଏଫ୍‌ସି ସମେତ ଅନ୍ୟ କିଛି ବ୍ୟାଙ୍କର କାର୍ଯ୍ୟରେ ରବିବାର ବାଧା ଉପୁଜିଛି। ନଭି ମୁମ୍ବାଇସ୍ଥିତ ଧୀରୁ ଭାଇ ଅମ୍ବାନୀ ନଲେଜ ସିଟିରେ ବିଭିନ୍ନ ସଂସ୍ଥାଗୁଡ଼ିକର ଡାଟା ସେଣ୍ଟର ପାୱାର ସମସ୍ୟା ଯୋଗୁ ଏଭଳି ସମସ୍ୟା ଉପୁଜିଥିଲା। ସମସ୍ୟାକୁ କିଛି ସମୟ ପରେ ସମାଧାନ କରିବା ପରେ ବ୍ୟାଙ୍କଗୁଡ଼ିକର ଅପରେଶନ ସ୍ୱାଭାବିକ ହୋଇଥିଲା। ଏହା ପରଠାରୁ ବ୍ୟାଙ୍କ ସେବାରେ କୌଣସି ସମସ୍ୟା ଦେଖାଯାଇ ନାହିଁ ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି।



**ସଂକ୍ଷେପରେ**

### ଜିଏସ୍‌ଟି ପଞ୍ଜୀକରଣ ଧାରା କଡ଼ାକଡ଼ି କରିବାକୁ ପ୍ରସ୍ତାବ

**ନୂଆଦିଲ୍ଲୀ,୨୨।୧୧:** ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ପଞ୍ଜୀକରଣ ଧାରାକୁ କଡ଼ାକଡ଼ି କରିବାକୁ ଜିଏସ୍‌ଟି ପରିଷଦର ଆଇନ ସଂକ୍ରାନ୍ତ କମିଟି ପ୍ରସ୍ତାବ ଦେଇଛି। ଜାଲ୍ ଇନଭଏସ୍ ଦ୍ୱାରା ଠକେଇ ହେଉଥିବାରୁ ଏହାକୁ ରୋକିବା ଲାଗି ଏଭଳି ପଦକ୍ଷେପ ନେବାକୁ କମିଟି ପ୍ରସ୍ତାବ ଦେଇଥିବା ଜଣାପଡିଛି। ଏ ନେଇ କମିଟିର ୨ ଦିନିଆ ବୈଠକ ନିକଟରେ ଅନୁଷ୍ଠିତ ହୋଇଥିଲା। ଜିଏସ୍‌ଟିରେ ଆଧାର ଭିତ୍ତିକ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ କରିବା ସପକ୍ଷରେ କମିଟି ମତ ରଖିଛି। ଏହା ଅଧୀନରେ ନୂଆ ଅନ୍‌ଲାଇନରେ ନୂଆ ପଞ୍ଜୀକରଣ କରିବାକୁ ମଧ୍ୟ ଜୋର ଦିଆଯାଇଛି। ଏହାବାଦ ଲାଇଭ ଫଟୋ, ବାୟୋମେଟ୍ରିକ ବ୍ୟବହାର ଦ୍ୱାରା ଦସ୍ତାବିଜର ଯାଞ୍ଚ କରାଇବା ଭଳି ବିଭିନ୍ନ ଦିଗକୁ ଧ୍ୟାନ ଦେବା ଉପରେ କମିଟି ଏହାର ରିପୋର୍ଟରେ ପ୍ରକାଶ କରିଛି। ରାଜସ୍ୱ ବିଭାଗର ଜଣେ ଅଧିକାରୀ ନାମ ଗୋପନ ରଖି କହିଛନ୍ତି ଯେ, ଯଦି ଏଭଳି ସୁବିଧା ଲାଗୁ ହୁଏ ତେବେ ବ୍ୟାଙ୍କ,ଡାକଘର ଏବଂ ଆଧାର ସେବା କେନ୍ଦ୍ରଗୁଡିକରେ ଏହା ଉପଲବ୍ଧ ହେବ। ଜାଲ୍ ପଞ୍ଜୀକରଣକୁ ରୋକିବା ଦିଗରେ ଏହା ସହାୟକ ହେବ ବୋଲି କମିଟି ରିପୋର୍ଟରେ ପ୍ରକାଶ କରିଛି।

### ୫୦ ହଜାର କୋଟି ନିବେଶ କଲେଣି ବିଦେଶୀ ନିବେଶକ

**ନୂଆଦିଲ୍ଲୀ,୨୨।୧୧:** କରୋନା ଟିକା ସଫଳ ହେଉଥିବା ଖବର ଭାରତୀୟ ପୁଞ୍ଜି ବଜାର ଉପରେ ଭଲ ପ୍ରଭାବ ପକାଇଛି। ଫଳରେ ନଭେମ୍ବର ମାସ ଅଦ୍ୟାବଧି ଦେଶର ପୁଞ୍ଜି ବଜାରରେ ବିଦେଶୀ ନିବେଶକମାନେ ପ୍ରାୟ ୫୦ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରିଛନ୍ତି। ଗତ ୮ ମାସରେ ଶେୟାର ବଜାରରେ ଫରେନ୍ ପୋର୍ଟଫୋଲିଓ ଇନଭେଷ୍ଟର(ଏଫ୍‌ପିଆଇ) ବା ବିଦେଶୀ ସଂସ୍ଥାଗତ ନିବେଶକମାନେ ୧.୪ ଲକ୍ଷ କୋଟି ଟଙ୍କା ପୁଞ୍ଜି ଲଗାଇଛନ୍ତି। ଏହା ମଧ୍ୟରେ ବିଦେଶୀ ବ୍ୟକ୍ତିଗତ ନିବେଶକ ନିବେଶକ ମଧ୍ୟ ସାମିଲ ରହିଛନ୍ତି। ୩ରୁ ୨୦ ନଭେମ୍ବର ମଧ୍ୟରେ ବିଦେଶୀ ନିବେଶକମାନେ ୪୯,୫୫୩ କୋଟି ଟଙ୍କା ନିବେଶ କରିଛନ୍ତି।

# ମିଧାନୀରୁ ୧୦% ଅଂଶଧନ ବିକ୍ରି ଯୋଜନା

**ନୂଆଦିଲ୍ଲୀ,୨୨।୧୧**




କେନ୍ଦ୍ର ସରକାର ଆଉ ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ଅଂଶଧନ ବିକ୍ରି କରିବାକୁ ଯୋଜନା ରଖିଛନ୍ତି। ପ୍ରତିରକ୍ଷା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମିଶ୍ର ଧାତୁ ନିଗମ ଲିମିଟେଡ(ମିଧାନୀ)ରୁ ୧୦% ଅଂଶଧନ ସରକାର ବିକ୍ରି କରିପାରନ୍ତି। ଏ ନେଇ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ପିଟିଆଇକୁ ସୂଚନା ଦେଇଛନ୍ତି। ୨୦୧୮ ଏପ୍ରିଲରେ ଏହି କମ୍ପାନୀକୁ ଶେୟାର ବଜାରରେ ସୂଚୀଭୁକ୍ତ କରାଯାଇଥିଲା। ଏଥିରେ ୨୬% ଅଂଶଧନ ବିକ୍ରି ଲାଗି ସରକାର ଏକ ଇନିସିଆଲ ପବ୍ଲିକ ଅଫରିଂ(ଆଇପିଓ) ଆଣିଥିଲେ। ଏଥିରୁ ୪୩୮ କୋଟି ଟଙ୍କା ସଂଗ୍ରହ କରାଯାଇଥିଲା। ବିଗତ ଦିନଗୁଡିକରେ ପ୍ରତିରକ୍ଷା କ୍ଷେତ୍ରରେ ସରକାର ଅଟୋମେଟିକ ରୁଟ୍ ବା ପ୍ରତ୍ୟକ୍ଷ ଭାବେ ୭୪% ଏଫ୍‌ଡିଆଇକୁ ମଞ୍ଜୁରୀ ଦେଇଛନ୍ତି। ଏଭଳି ସ୍ଥିତିରେ ମିଧାନୀର ଶେୟାର ନିବେଶକଙ୍କୁ ସୁହାଇବ ବୋଲି ଅଧିକାରୀ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ମିଧାନୀ ସ୍ୱତନ୍ତ୍ର ଷ୍ଟିଲ୍ ପ୍ରସ୍ତୁତ କରୁଛି। ପ୍ରତିରକ୍ଷା, ଆଣବିକ ଏବଂ ମହାକାଶ ଗବେଷଣା ଭଳି କ୍ଷେତ୍ରରେ ଏହା ବ୍ୟବହାର ହେଉଛି। ଉକ୍ତ କମ୍ପାନୀରୁ ଆଉ ୧୦% ଅଂଶଧନ ବିକ୍ରି କରିବା ନେଇ ସରକାର ଯୋଜନା ରଖିଛନ୍ତି। ଚଳିତ ସପ୍ତାହରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ସେନସେକ୍ସରେ ଏହି କମ୍ପାନୀର ଶେୟାର ମୂଲ୍ୟ ୧୯୩.୫୦ ଟଙ୍କାରେ ବନ୍ଦ ହୋଇଥିବା ନଜରକୁ ଆସିଥିଲା। ଏହି ମୂଲ୍ୟରେ ସରକାର ଯଦି ଆଉ ୧୦% ଅଂଶଧନ ବିକ୍ରି କରନ୍ତି ତେବେ ୩୬୦ କୋଟି ଟଙ୍କା ଲାଭ କରିବେ।

# ଓଡ଼ିଶା ଏଫ୍‌ସି-ଖିମ୍‌ଜୀ ସହଭାଗିତା

**ଭୁବନେଶ୍ୱର,୨୨।୧୧**

ଭାରତର ସବୁଠାରୁ ବଡ଼ ଫୁଟ୍‌ବଲ ଲିଗ୍ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ସପ୍ତମ ସଂସ୍କରଣ ଆରମ୍ଭ ହୋଇଯାଇଛି। ପ୍ରମୁଖ ଜୁଏଲେରି ବ୍ରାଣ୍ଡ ଖିମ୍‌ଜୀ ଏଥିଲାଗି ଓଡ଼ିଶାର ନିଜସ୍ୱ ଦଳ ଓଡ଼ିଶା ଏଫ୍‌ସି ସହ ସହଭାଗିତା ସ୍ଥାପନ କରିଛି। କ୍ରୀଡ଼ାବିତ ଏବଂ କ୍ରୀଡ଼ାପ୍ରେମୀଙ୍କୁ ଉତ୍ସାହିତ କରିବା ଲାଗି ଖିମ୍‌ଜୀ ପକ୍ଷରୁ ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଥିବା କୁହାଯାଇଛି। ଏହି ଲିଗ୍ ନଭେମ୍ବର ୨୦ରୁ ଗୋଆରେ ଆରମ୍ଭ ହୋଇଛି। ଓଡ଼ିଶା ଏଫ୍‌ସି ଦଳର କଳା ଓ ଧଳା ଜର୍ସିରେ ଅନ୍ୟ ପ୍ରାୟୋଜକଙ୍କ ସହ ଖିମ୍‌ଜୀ ଲୋଗୋ ମଧ୍ୟ ସ୍ଥାନିତ ହେବ। ଓଡ଼ିଶା ଏଫ୍‌ସିର ପାର୍ଟନର ହୋଇଥିବାରୁ ଅତ୍ୟନ୍ତ ଖୁସି ବୋଲି ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପ୍ରଥମ ସିଜନରେ ଓଡ଼ିଶା ଏଫ୍‌ସିର ପ୍ରଦର୍ଶନ ଅତ୍ୟନ୍ତ ଉନ୍ନତ ରହିଥିଲା। ଚଳିତ ସିଜନରେ ଏହି ଦଳ ଅଧିକ ଶକ୍ତିଶାଳୀ ପ୍ରଦର୍ଶନ କରିବା ନେଇ ଆଶା ରହିଛି। ଏଭଳି ସହଭାଗିତାକୁ ଆମେ ଦାୟିତ୍ୱ ମନେ କରୁଛୁ। ଆଗାମୀ ଦିନଗୁଡ଼ିକରେ ମଧ୍ୟ ଏଭଳି ବିଭିନ୍ନ ଯୋଜନା ହାତକୁ ନିଆଯିବ।




# ନେକ୍ସଟ ଜେନ୍ ଏର୍ଟିଗାର ବିକ୍ରି ରେକର୍ଡ




**ନୂଆଦିଲ୍ଲୀ,୨୨।୧୧**

ଅତ୍ୟାଧୁନିକ ଷ୍ଟାଇଲ, ଆରାମ ଏବଂ ବିଭିନ୍ନ ପ୍ରଯୁକ୍ତିରେ ସୁସଜ୍ଜିତ ମାରୁତି ସୁଜୁକିର ନେକ୍ସଟ ଜେନ୍ ଏର୍ଟିଗା ଭାରତର ନିୟୁତାଧିକ ଗ୍ରାହକଙ୍କ ହୃଦୟ ଜୟ କରିବାକୁ ସକ୍ଷମ ହୋଇଛି। ଦେଶର ୧ ନମ୍ବର ବିକ୍ରି ହେଉଥିବା ବହୁମୁଖୀ ଯାନ(ଏମ୍‌ପିଭି)ରେ ପରିଣତ ହୋଇଛି। ୫.୫ ଲକ୍ଷରୁ ଊର୍ଦ୍ଧ୍ୱ ଗ୍ରାହକଙ୍କୁ ନେଇ ବିଗତ ୨ବର୍ଷରେ ଏହା ବଜାରରେ ଅଗ୍ରଣୀ ସ୍ଥାନ ବଜାୟ ରଖିଛି। ଏମ୍‌ପିଭି କ୍ଷେତ୍ରରେ ଏର୍ଟିଗାର ଦୃଢ଼ ଉପସ୍ଥିତି ରହିଛି। ୨୦୨୦-୨୧ ଆର୍ଥିକ ବର୍ଷର ସେପ୍ଟେମ୍ବର ୨୦ ସୁଦ୍ଧା ଏହାର ବଜାର ଅଂଶ ପ୍ରାୟ ୪୭% ରହିଛି। ଦମ୍‌ଦାର ଡିଜାଇନ, ସମ୍ବେଦନଶୀଳତା ଏବଂ ପ୍ରଯୁକ୍ତି ଦକ୍ଷତାର ପ୍ରମାଣ ଏର୍ଟିଗା ବୋଲି ମାରୁତି ସୁଜୁକି ପକ୍ଷରୁ ସୂଚନା ରହିଛି। ଏହା ପରିବାର ସମେତ ବ୍ୟବସାୟ କ୍ଷେତ୍ରର ଆବଶ୍ୟକତା ସହ ଦୃଢ ଭାବେ ଯୋଡ଼ି ହୋଇପାରିଛି। ଏହାର ସଫଳତା ସମ୍ପର୍କରେ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲ୍‌ସ) ଶଶାଙ୍କ ଶ୍ରୀବାସ୍ତବ କହିଛନ୍ତି , ଭାରତର ପ୍ରଥମ କମ୍ପାକ୍ଟ ଏମ୍‌ଭିପି ଭାବେ ଏର୍ଟିଗା ନବସୃଜନର ଏକ ପରମ୍ପରା ଗଠନ କରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଣ୍ଟ ହେଉଛି ଏହାର ସଫଳତାର ପ୍ରତିଫଳନ ବୋଲି ସେ ମତ ପ୍ରକାଶ କରିଥିଲେ।

# ମୋବାଇଲ୍ ଟାରିଫ ବୃଦ୍ଧିର ଆବଶ୍ୟକତା ରହିଛି: ସୁନୀଲ ମିତ୍ତଲ

**ନୂଆଦିଲ୍ଲୀ,୨୨।୧୧:** ବର୍ତ୍ତମାନ ଦେଶ ମଧ୍ୟରେ ଲାଗୁ ହେଉଥିବା ମୋବାଇଲ୍ ଟାରିଫ ଯୁକ୍ତିଯୁକ୍ତ ନୁହେଁ ବୋଲି ଭାରତୀ ଏୟାରଟେଲର ଅଧ୍ୟକ୍ଷ ସୁନୀଲ ଭାରତୀ ମିତ୍ତଲ ରବିବାର କହିଛନ୍ତି। ମୋବାଇଲ ସେବା ଯୋଗାଇ ଦେବା ଲାଗି ବର୍ତ୍ତମାନ ଯେଉଁ ଦର ଲାଗୁ ହେଉଛି ସେଥିରେ ବଜାରରେ ତିଷ୍ଠି ରହିବା ମୁସ୍କିଲ। ଏଭଳି ବିଭିନ୍ନ ପ୍ରସଙ୍ଗକୁ ଦେଖିଲେ ସେବା ଯୋଗାଣ ଲାଗି ମୋବାଇଲ ଟାରିଫ ବୃଦ୍ଧି ହେବାର ଆବଶ୍ୟକତା ରହିଛି ବୋଲି ସେ ମତ ରଖିଛନ୍ତି। ସେ ପୁଣି କହିଛନ୍ତି ଯେ, ଚଳିତ ଥର କୌଣସି ନିଷ୍ପତ୍ତି ନେବା ବେଳେ ବଜାରର ସ୍ଥିତିକୁ ଦେଖାଯିବ। ୫ଜି ସେବା ଲାଗି ଚାଇନା ମାନୁଫାକଚରଙ୍କ ଉପକରଣ ଭାରତରେ ବ୍ୟବହାର ହେବା ନେଇ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଦେଶରେ ଯାହା ନିୟମ କରାଯିବ, ସମସ୍ତ ସେବା ଯୋଗାଣକାରୀ ଏହାକୁ ମାନିବେ। ବର୍ତ୍ତମାନ ଲାଗୁ ହେଉଥିବା ମୋବାଇଲ ଟାରିଫ ଆଗାମୀ ଦିନରେ ବଜାୟ ରଖିବା କଷ୍ଟକର।

# ଆର୍‌ବିଆଇ ଟୁଇଟରରେ ୧୦ ଲକ୍ଷ ଫଲୋଅର

**ନୂଆଦିଲ୍ଲୀ,୨୨।୧୧**




ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ଟୁଇଟର ହ୍ୟାଣ୍ଡେଲରେ ଫଲୋଅରଙ୍କ ସଂଖ୍ୟା ଏବେ ୧୦ ଲକ୍ଷ ଟପିଛି। ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ରବିବାର ଏ ନେଇ ସୂଚନା ଦେଇଛନ୍ତି। ଏହି ଅବସରରେ ସେ କେନ୍ଦ୍ରୀୟ ବ୍ୟାଙ୍କର ସମସ୍ତ କର୍ମକର୍ତ୍ତା ଏବଂ ସହଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦୁନିଆର ସବୁଠୁ ଶକ୍ତିଶାଳୀ କେନ୍ଦ୍ରୀୟ ବ୍ୟାଙ୍କ କୁହାଯାଉଥିବା ଫେଡରାଲ ରିଜର୍ଭର ଟୁଇଟର ହ୍ୟାଣ୍ଡେଲରେ ଫଲୋଅର ସଂଖ୍ୟା ୬.୬୭ଲକ୍ଷ ରହିଛି। କୌଣସି କେନ୍ଦ୍ରୀୟ ବ୍ୟାଙ୍କରେ ଏତେ ସଂଖ୍ୟକ ଫଲୋଅର ରହିବା କ୍ଷେତ୍ରରେ ରିଜର୍ଭ ବ୍ୟାଙ୍କ ପ୍ରଥମ ସ୍ଥାନରେ ରହିଛି। ସେହିଭଳି ୟୁରୋପୀୟ କେନ୍ଦ୍ରୀୟ ବ୍ୟାଙ୍କରେ ଫଲୋଅର ସଂଖ୍ୟା ୫.୯୧ ଲକ୍ଷ ରହିଛି। ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ୨୦୦୯ ମାର୍ଚ୍ଚରେ ଟୁଇଟର ସହ ଯୋଡ଼ି ହୋଇଥିଲା। ସେହିଭଳି ୟୁରୋପୀୟ କେନ୍ଦ୍ରୀୟ ବ୍ୟାଙ୍କ ୨୦୦୯ ଅକ୍ଟୋବରରେ ଟୁଇଟର ସହ ଯୋଡ଼ି ହୋଇଥିଲା। ୮୫ ବର୍ଷ ପୁରୁଣା ରିଜର୍ଭ ବ୍ୟାଙ୍କ ୨୦୧୨ ଜାନୁୟାରୀରେ ଟୁଇଟରରେ ନୂଆ କରି ଆସିଥିଲା। ସୂଚନା ଯୋଗ୍ୟ, ଗଭର୍ନର ଶକ୍ତିକାନ୍ତ ଦାସଙ୍କର ଅନ୍ୟ ଏକ ଟୁଇଟର ଆକାଉଣ୍ଟ ରହିଛି। ସେଥିରେ ୧.୩୫ ଲକ୍ଷ ଫଲୋଅର ରହିଛନ୍ତି। ୨୦୧୯ ମାର୍ଚ୍ଚରେ ଆରବିଆଇ ଟୁଇଟର ହ୍ୟାଣ୍ଡେଲରେ ଫଲୋଅରଙ୍କ ସଂଖ୍ୟା ୩.୪୨ ଲକ୍ଷ ରହିଥିଲା। ଏହା ୨୦୨୦ ମାର୍ଚ୍ଚରେ ୨ ଗୁଣ ବଢି ୭.୫୦ ଲକ୍ଷରେ ପହଞ୍ଚିଥିଲା। ଜଣେ ଅଧିକାରୀଙ୍କ କହିବା ମୁତାବକ ଲକ୍‌ଡାଉନରେ ଆର୍‌ବିଆଇ ଫଲୋଅରଙ୍କ ସଂଖ୍ୟା ୧.୫ ଲକ୍ଷରୁ ଅଧିକ ବଢିଛି। ଚଳିତ ଆର୍ଥିକ ବର୍ଷରେ ୨.୫ ଲକ୍ଷ ଫଲୋଅର ରିଜର୍ଭ ବ୍ୟାଙ୍କ ସହ ଯୋଡ଼ି ହୋଇଛନ୍ତି।

## ଖେଳ ଖବର

### ସିଡ୍‌ନୀ ସିକ୍ସର୍ସଙ୍କୁ ୨୫ହଜାର ଡଲାର ଜରିମାନା

**ସିଡ୍‌ନୀ, ୨୨।୧୧ (ପି.ଟି.):** କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ରବିବାର ମହିଳା ବିଗ୍ ବାଶ୍ ଟିମ୍ ସିଡ୍‌ନୀ ସିକ୍ସର୍ସଙ୍କୁ ୨୫,୦୦୦ ଆମେରିକୀୟ ଡଲାର ଜରିମାନା କରିଛି। ଏହି ଟିମ୍ ଟୁର୍ନାମେଣ୍ଟ ନିୟମ ଉଲ୍ଲଂଘନ କରି ଏହାର ଅଫିସିଆଲ ତାଲିକାଭୁକ୍ତ ନ ଥିବା ଜଣେ ଖେଳାଳିଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ଦେଇଥିଲା। ସିଡ୍‌ନୀ ସିକ୍ସର୍ସ ଶନିବାର ମେଲବୋର୍ନ ରେନିଗେଡ୍ସ ବିପକ୍ଷ ସେମାନଙ୍କ ମ୍ୟାଚରେ ଫାଷ୍ଟ ବୋଲର ହେଲି ସିଲ୍‌ଭର ହୋମ୍ସଙ୍କୁ ଖେଳାଇଥିଲା। ଏହି ଖେଳାଳି ନିକଟରେ ପାଦ ଇଞ୍ଜୁରିରୁ ଆରୋଗ୍ୟ ଲାଭ କରିଥିଲେ। ସେ ଦଳକୁ ଫେରିଥିଲେ ମଧ୍ୟ ବିଗ୍‌ବାଶ ଟେକ୍‌ନିକାଲ କମିଟି ଦ୍ୱାରା ଅନୁମୋଦନ ଲାଭ କରି ନ ଥିଲା। ବିନା ଅନୁମୋଦନରେ ସିଲ୍‌ଭର ହୋମ୍ସ ବୈଷୟିକ ଦୃଷ୍ଟିକୋଣରୁ ସିଲେକ୍ସନ ପାଇଁ ଅଯୋଗ୍ୟ। ସିକ୍ସର୍ସ ଇନିଂସରେ ସିଲ୍‌ଭର ହୋମ୍ସ ବ୍ୟାଟିଂ କରିବାକୁ ଆସି ନ ଥିଲେ। ମାତ୍ର ଦ୍ୱିତୀୟ ଇନିଂସରେ ଫିଲ୍ଡକୁ ଯିବା ବେଳେ ତ୍ରୁଟି ନଜରକୁ ଆସିଥିଲା। ସିକ୍ସର୍ସ ଏହାର ତ୍ରୁଟି ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ ମଧ୍ୟ ଦଳକୁ ଦଣ୍ଡବିଧାନ କରାଯାଇଥିଲା।

# ଥିମ୍-ମେଡ୍‌ଭେଡେଭ ଫାଇନାଲ ମୁକାବିଲା

**ଲଣ୍ଡନ,୨୨।୧୧(ଏପି)**

ବର୍ଷ ଶେଷରେ ଏଠାରେ ଚାଲିଥିବା ହାଇପ୍ରୋଫାଇଲ ଏଟିପି ଫାଇନାଲ୍ସ ଟୁର୍ନାମେଣ୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ଏହି ଇନ୍‌ଡୋର ହାର୍ଡକୋର୍ଟ ଟୁର୍ନାମେଣ୍ଟ ଫାଇନାଲରେ ଏଥର ବିଶ୍ୱର ୩ ନମ୍ବର ଖେଳାଳି ଅଷ୍ଟ୍ରିଆର ଡୋମିନିକ୍ ଥିମ୍ ଓ ୪ ନମ୍ବର ଖେଳାଳି ରୁଷିଆର ଡାନିଲ ମେଡ୍‌ଭେଡେଭ ପରସ୍ପରକୁ ଭେଟିବେ।

ପ୍ରଥମ ସେମିଫାଇନାଲରେ ଥିମ୍ ୭-୫, ୬-୭, ୭-୬ ସେଟ୍‌ରେ ସର୍ବିୟାର ନୋଭାକ ଜୋଭୋଭିଚ୍‌ଙ୍କୁ ହରାଇ ଫାଇନାଲକୁ ଉଠିଥିଲେ। ସେହିପରି ଶନିବାର ଦ୍ୱିତୀୟ ସେମିଫାଇନାଲରେ ମେଡ୍‌ଭେଡେଭ ୩-୬, ୭-୬, ୬-୩ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ତେଣୁ ଜୋକୋଭିଚ୍-ନାଡାଲଙ୍କ ବଦଳରେ ଥିମ୍-ମେଡ୍‌ଭେଡେଭଙ୍କ ମଧ୍ୟରେ ଏଥର ଏହି ନିର୍ଣ୍ଣାୟକ ମୁକାବିଲା ହେବ। ସେମିରେ ନାଡାଲ ପ୍ରଥମ ସେଟ୍ ଜିତି ଭଲ ଆରମ୍ଭ କରିଥିଲେ। ତେବେ ପରେ ସେ ଏହାକୁ ବଜାୟ ରଖିପାରି ନ ଥିଲେ। ପ୍ରଥମ ସେଟ୍ ଜିତିବା ପୂର୍ବରୁ ନାଡାଲ କ୍ରମାଗତ ୭୧ ମ୍ୟାଚ୍ ଜିତି ଜବରଦସ୍ତ ଫର୍ମରେ ଥିଲେ। କିନ୍ତୁ ବାକି ଦୁଇଟି ସେଟ୍‌ରେ ମେଡ୍‌ଭେଡେଭ ଦମ୍‌ଦାର ପ୍ରଦର୍ଶନ କରି ବିଜୟୀ ହେବା ସହ ନାଡାଲଙ୍କୁ ନିରାଶ କରିଥିଲେ। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ନାଡାଲ ଟାଇଟଲ ଜିତି ପାରି ନାହାନ୍ତି। ଫଳରେ ତାଙ୍କର ଏହି ଆଶା ଏବେ ଅପୂରଣୀୟ ରହିବ। ଏହାପୂର୍ବରୁ ମେଡ୍‌ଭେଡେଭ ଓ ନାଡାଲ ୩ଟି ମ୍ୟାଚ୍‌ରେ ପରସ୍ପରକୁ ଭେଟିଥିଲେ ଓ ସବୁଥିରେ ପରାସ୍ତ ହୋଇଥିଲେ। ୨୪ ବର୍ଷୀୟ ମେଡଭେଡେଭ ୨୦୧୯ ୟୁଏସ୍ ଓପନ୍ ଫାଇନାଲରେ ନାଡାଲଙ୍କଠାରୁ ୫ ସେଟ୍‌ରେ ପରାସ୍ତ ହୋଇଥିଲେ।



ଡାନିଲ ମେଡ୍‌ଭେଡେଭ ଓ ଡୋମିନିକ୍ ଥିମ୍।

**ଏଟିପି ଫାଇନାଲ୍ସ**

# ତୁଷାର, ସାର୍ଥକ, ରିଆନ ଚାମ୍ପିୟନ





ଚାମ୍ପିୟନ ଖେଳାଳିମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୨।୧୧ (କ୍ରୀଡ଼ା ପ୍ରତିନିଧି)**

ନୂଆଦିଲ୍ଲୀର ପିତାମପୁରାସ୍ଥିତ ବାଲ ଭାରତୀ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ଜନ୍ମେଜୟ ଦାଶ ମେମୋରିଆଲ ଟେନିସ ଚାମ୍ପିୟନଶିପ୍‌ର ୩ ବିଭାଗରେ ତୁଷାର ମିତ୍ତଲ, ସାର୍ଥକ ଶର୍ମା ଓ ରିଆନ ଶର୍ମା ଚାମ୍ପିୟନ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସ ଫାଇନାଲରେ ତୁଷାର ୬-୨, ୬-୨ ସେଟ୍‌ରେ ସାର୍ଥକଙ୍କୁ ହରାଇଥିବାବେଳେ ୧୮ ବର୍ଷରୁ କମ୍ ସିଙ୍ଗଲ୍ସ ଫାଇନାଲରେ ସାର୍ଥକ ୩-୬, ୬-୪, ୬-୪ ସେଟ୍‌ରେ ତୁଷାରଙ୍କୁ ହରାଇ ପରାଜୟର ମଧୁର ପ୍ରତିଶୋଧ ନେଇଥିଲେ। ୧୪ ବର୍ଷରୁ କମ୍ ବାଳକ ଫାଇନାଲରେ ରିଆନ ସିଧାସଳଖ ୬-୦, ୬-୦ ସେଟ୍‌ରେ ଅଧିବନ ଦେଶୱାଲଙ୍କୁ ହରାଇ ଟାଇଟଲ ଜିତିଥିଲେ। ସ୍ୱର୍ଗତ ଜନ୍ମେଜୟଙ୍କ ସ୍ତ୍ରୀ ସୁନୀତା ଦାଶ ଓ ବାଲ ଭାରତୀ ପବ୍ଲିକ୍ ସ୍କୁଲର ନିର୍ଦ୍ଦେଶକ ବିଜୟ କୁମାର ଜୈନ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

# କ୍ରୀଡ଼ା ସଙ୍ଗଠକ, କ୍ରୀଡ଼ାବିତ୍‌ଙ୍କ ଦ୍ୱାରା ଅଚ୍ୟୁତ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୨୨।୧୧(କ୍ରୀଡ଼ା ପ୍ରତିନିଧି)**



ସମ୍ବର୍ଦ୍ଧିତ ହେବା ଅବସରରେ କ୍ରୀଡ଼ା ସଙ୍ଗଠକ ଓ କ୍ରୀଡାବିତ୍‌ଙ୍କ ସହ ଅଚ୍ୟୁତ ସାମନ୍ତ।

ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫଆଇ)ର ନୂଆ ସଭାପତିଭାବେ ନିର୍ବାଚିତ ହୋଇଥିବା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କୁ ରବିବାର ଓଡ଼ିଶାର ବିଭିନ୍ନ କ୍ରୀଡ଼ା ଅନୁଷ୍ଠାନ, କ୍ରୀଡ଼ାବିତ୍ ଓ କ୍ରୀଡ଼ା ସଙ୍ଗଠକଙ୍କ ଦ୍ୱାରା ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଦୂରଦର୍ଶୀ ପତ୍ରିକାର ସମ୍ପାଦକ ଦୁର୍ଗା ପ୍ରସାଦ ସାମନ୍ତରାୟ, ଅନୁଗୋଳ-ସୁକିନ୍ଦା ରେଲୱେର ଏମ୍‌ଡି ଦିଲୀପ ସାମନ୍ତରାୟ, ରାଜ୍ୟ କରାଟେ ଆସୋସିଏଶନ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ଭାରତୀୟ ସଫ୍ଟ ଟେନିସ ଫେଡେରେଶନର ଯୁଗ୍ମ ସମ୍ପାଦକ ବିକାଶ ପଟ୍ଟନାୟକ, ଓଡ଼ିଶା ଓମେନ ଆଡ୍‌ଭେଞ୍ଚର କ୍ଲବର ନିବେଦିତା ଆଚାର୍ଯ୍ୟ, ମହର୍ଷି ଡେୟାରଡେଭିଲ ଟିମ୍‌ର ପ୍ରତିଷ୍ଠାତା ମିହିର ଶରଣ, ମହର୍ଷି କଲେଜ କ୍ରୀଡ଼ା ଶିକ୍ଷକ ମନୋଜ କୁମାର ମାନସିଂ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନର ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଡ଼ା, ଅନ୍ତର୍ଜାତୀୟ ଭଲିବଲ ରେଫରି ସୁଦର୍ଶନ ପଟ୍ଟନାୟକ, ଓଡ଼ିଶା ହର୍ଷ ରାଇଡିଂ ଆସୋସିଏଶନ ସଭାପତି ଜୟ ଜଗନ୍ନାଥ ପଟ୍ଟନାୟକ, ସ୍କୁବା ଡାଇଭର ସବିର ବକ୍ସ, ଯାଜପୁର ଜିଲା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସସ୍ମିତ ମହାନ୍ତି, ଭାରତୀୟ ଟେନିସ କ୍ରିକେଟ ଫେଡେରେଶନର ସାଧାରଣ ସମ୍ପାଦକ ରିଣ୍ଟୁ ମିତ୍ର, ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ ବୈଷୟିକ ମୁଖ୍ୟ ବାସୁଦେବ ଓଝା, କୋଷାଧ୍ୟକ୍ଷ ରାଗିଣୀ ମିତ୍ର, ଉପସଭାପତି ବଦ୍ରିନାରାୟଣ ପାତ୍ର, କ୍ରୀଡ଼ା ସଙ୍ଗଠକ ଯଶବନ୍ତ ଜୈନ, ଦିଲୀପ ସେନାପତି, ମଳୟ ବେହେରା, ରଜତ ପାତ୍ର, ଦୂରଦର୍ଶୀର ପ୍ରସନ୍ନ ବିଷୋୟୀ, ପୂର୍ବତନ ଜାତୀୟ ଭଲିବଲ ଖେଳାଳି ରାଜେଶ ସାହୁ, ସହିଦ ସ୍ପୋର୍ଟିଂର ଉମାନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଓଡ଼ିଶା କ୍ରୀଡ଼ାର ପ୍ରଚାର ଓ ପ୍ରସାର ଦିଗରେ ଅଧିକ ଧ୍ୟାନ ଦିଆଯିବ ବୋଲି ଅଚ୍ୟୁତ ପ୍ରକାଶ କରିଥିଲେ।

# ହାଇ ପରଫର୍ମାନ୍ସ ନିର୍ଦ୍ଦେଶକ ହରମାନଙ୍କ ଇସ୍ତଫା

**ନୂଆଦିଲ୍ଲୀ, ୨୨।୧୧(ପି.ଟି.)**



ଭୋଲକର ହରମାନ

ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ହାଇ ପରଫର୍ମାନ୍ସ ନିର୍ଦ୍ଦେଶକ ଭୋଲକର ହରମାନ ଇସ୍ତଫା ଦେଇଛନ୍ତି। ୨୦୨୪ ଅଲିମ୍ପିକ୍ସ ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟକାଳକୁ କ୍ରୀଡ଼ା ମନ୍ତ୍ରଣାଳୟ ବୃଦ୍ଧି କରିଥିଲେ ମଧ୍ୟ ସେ ଏହି ପଦରୁ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଭୂମିକାରେ ସେ ଆଗକୁ ଆଶା ପୂରଣ କରିପାରିବେ ନାହିଁ ବୋଲି କହିଛନ୍ତି। କିଛି ସପ୍ତାହ ତଳେ ହରମାନ ଇସ୍ତଫା ଦେଇ ସାରିଥିଲେ। ତେବେ ସେ ଏ ନେଇ କୌଣସି କାରଣ ଦର୍ଶାଇ ନ ଥିଲେ ବୋଲି ଏଏଫ୍‌ଆଇ ସୂତ୍ରରୁ ଜଣାଯାଇଛି।

ଜର୍ମାନୀର ହରମାନ ୨୦୧୯ ଜୁନ୍‌ରେ ଏହି ହାଇପ୍ରୋଫାଇଲ ପଦରେ ନିଯୁକ୍ତି ପାଇଥିଲେ। ୨୦୨୧ ଟୋକିଓ ଅଲିମ୍ପିକ୍ସ ପର୍ଯ୍ୟନ୍ତ ସେ ଦାୟିତ୍ୱ ସମ୍ଭାଳିଆନ୍ତେ। ଗତ ସେପ୍ଟେମ୍ବରରେ ମନ୍ତ୍ରଣାଳୟ ତାଙ୍କ କାର୍ଯ୍ୟକାଳକୁ ୨୦୨୪ ପର୍ଯ୍ୟନ୍ତ ବୃଦ୍ଧି କରିଥିଲା। ତେବେ ସେ ନୂଆ ଚୁକ୍ତିରେ ସ୍ୱାକ୍ଷର କରି ନ ଥିଲେ ବୋଲି ଏଏଫ୍‌ଆଇ ତରଫରୁ କୁହାଯାଇଛି। ଦେଢ଼ ବର୍ଷ ହେବ ସଫଳତାର ସହ କାର୍ଯ୍ୟକରିବା ପରେ ସେ ନିଜେ ଧାର୍ଯ୍ୟ କରିଥିବା ଲକ୍ଷ୍ୟର ପୂରଣ କରିପାରିବେ ନାହିଁ ବୋଲି ହୃଦୟଙ୍ଗମ କରିଛନ୍ତି। ଫଳରେ ୩ ସପ୍ତାହ ତଳେ ଇସ୍ତଫା ଦେଇଛନ୍ତି ବୋଲି ନିଜ ଫେସ୍‌ବୁକ୍ ପେଜ୍‌ରେ ହରମାନ ସ୍ପଷ୍ଟ କରିଛନ୍ତି। ହାଇ ପରଫର୍ମାନ୍ସ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବା ନିଶ୍ଚିତ ଭାବେ ଏକ ବଡ଼ ଚ୍ୟାଲେଞ୍ଜ। ଗୋଟିଏ ଲକ୍ଷ୍ୟ ପାଇଁ ସାରା ବିଶ୍ୱର ଆଥଲେଟ୍ ଓ କୋଚ୍‌ମାନେ ଦୀର୍ଘ ବର୍ଷ ଧରି କଠିନ ପରିଶ୍ରମ କରିଥାନ୍ତି। ତେବେ ଭାରତୀୟ ଆଥଲେଟ୍‌ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ହରମାନ କହିଛନ୍ତି। କ୍ରୀଡ଼ାର ଉନ୍ନତି ଓ ପ୍ରତିଭାସମ୍ପନ୍ନ ଆଥଲେଟଙ୍କ ପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମିର ଆବଶ୍ୟକତା ରହିଛି। ବିଶ୍ୱସ୍ତରରେ ସଫଳତା ହାସଲ କରିବାକୁ ହେଲେ ଖେଳାଳିମାନେ ଦୃଢ, ଶକ୍ତିଶାଳୀ, ଆତ୍ମବିଶ୍ୱାସୀ ଓ ସ୍ୱାଧୀନ ଚିନ୍ତାଧାରା ବହନ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ହରମାନ କାର୍ଯ୍ୟ ଜାରି ରଖନ୍ତୁ ବୋଲି ଫେଡେରେଶନ ଚାହୁଁଥିଲେ ମଧ୍ୟ ତାଙ୍କ ସହିତ ଯୋଗାଯୋଗ ରକ୍ଷା ହୋଇପାରି ନାହିଁ।

ଅଲିମ୍ପିକ୍ସ ପର୍ଯ୍ୟନ୍ତ ତାଙ୍କୁ ପଦରେ ରହି କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲୁ। ତେବେ ସେ ଇସ୍ତଫା ଦେଇ ଘରକୁ ଫେରିବାକୁ ଚାହିଁଥିଲେ ଓ ଏ ନେଇ ନିଷ୍ପତ୍ତି ନେଇସାରିଥିଲେ ବୋଲି ଏଏଫ୍‌ଆଇ ତରଫରୁ କୁହାଯାଇଛି। ଭବିଷ୍ୟତରେ ହରମାନ ଜଣେ କନ୍‌ସଲଟାଣ୍ଟ ଭାବେ ଫେଡେରେଶନ ସହ କାର୍ଯ୍ୟ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ ବୋଲି ଏଏଫ୍‌ଆଇ ଅଧ୍ୟକ୍ଷ ଆଦିଲେ ସୁମରିୱାଲା କହିଛନ୍ତି। ତାଙ୍କ ଇସ୍ତଫା ନିଷ୍ପତ୍ତିକୁ ଆମେ ସମ୍ମାନ ଦେବା ଉଚିତ। ଏବେ ସିନିୟର ଆଥଲେଟ ଓ ଜୁନିୟର ତଥା ଯୁବ ଆଥଲେଟଙ୍କ ପାଇଁ ଅଲଗା ଅଲଗା ହାଇ ପରଫର୍ମାନ୍ସ ନିର୍ଦ୍ଦେଶକ ନିଯୁକ୍ତ କରାଯିବ ବୋଲି ସୁମରିୱାଲା କହିଛନ୍ତି।



'କ୍ଲାସ୍ ଅଫ୍ ୨୦୨୦' ଏବଂ 'ସେଠ୍‌ଜୀ' ଭଳି ଟିଭି ଶୋ'ରେ ଅଭିନୟ କରିଥିବା ଅଭିନେତ୍ରୀ ଲୀନା ଆଚାର୍ଯ୍ୟଙ୍କର ୩୦ ବର୍ଷ ବୟସରେ ଶନିବାର ପରଲୋକ ହୋଇଯାଇଛି। ସେ କିଡ୍‌ନୀ ଜନିତ ରୋଗରେ ପୀଡ଼ିତ ଥିଲେ। ସେ ତାଙ୍କ ରୋଗ ସମ୍ପର୍କରେ କାହାକୁ ଜଣାଉ ନ ଥିଲେ ବୋଲି 'ପର୍‌ଫେକ୍ଟ ପତି'ରେ ତାଙ୍କ ସହ ଅଭିନୟ କରିଥିବା ଆୟୁଷ ଆନନ୍ଦ କହିଛନ୍ତି।





# ଗାନ୍ଧିଜୀଙ୍କ ଘଣ୍ଟା ୧୧ ଲକ୍ଷ ୮୨ ହଜାର

**ବ୍ରିଷ୍ଟଲ:** ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଘଣ୍ଟା ୧୧ ଲକ୍ଷ ୮୨ ହଜାର ଟଙ୍କା(୧୨ ହଜାର ପାଉଣ୍ଡ)ରେ ନିଲାମ ହୋଇଛି। ଏହି ଘଣ୍ଟାକୁ ମହାତ୍ମା ପକେଟରେ ରଖୁଥିଲେ। ଏହା ଭାଙ୍ଗିଯାଇଥିବା ନିଲାମ ହାଉସ୍ ଇଷ୍ଟ ବ୍ରେଷ୍ଟଲ ପକ୍ଷରୁ କୁହାଯାଇଛି। ଏହାକୁ ଆମେରିକାର ଜଣେ ବ୍ୟକ୍ତି କିଣିଥିବା ଇଷ୍ଟ ବ୍ରେଷ୍ଟଲ ହାଉସ୍‌ର ସଦସ୍ୟ ଆଣ୍ଡ୍ରୁ ଷ୍ଟୋଓ୍ୱ କହିଛନ୍ତି। ତାଙ୍କ ବୁଢ଼ା ବାପାଙ୍କୁ ୧୯୪୪ରେ ରୁପାରେ ପଲିସ ହୋଇଥିବା ଏହି ଘଣ୍ଟାକୁ ମହାତ୍ମା ଉପହାରରେ ଦେଇଥିଲେ। ଘଣ୍ଟାର ନିଲାମ ୧୦ ହଜାର ପାଉଣ୍ଡରେ ହେବ ବୋଲି ଆଶା କରାଯାଉଥିଲା। ତେବେ ଆଶାଠାରୁ ଅଧିକରେ ଏହା ନିଲାମ ହୋଇଛି। ସୂଚନାଯୋଗ୍ୟ, ପୂର୍ବରୁ ଚଳିତ ବର୍ଷ ଅଗଷ୍ଟରେ ମହାତ୍ମାଙ୍କ ଚଷମା ନିଲାମ କରାଯାଇଥିଲା।

୩୪ତମ ଜନ୍ମବାର୍ଷିକ ଶୁଭେଚ୍ଛା





ରୋଜାଲିନ୍ ବେଉରା
କୁସପଙ୍ଗୀ, ବାଙ୍କୀ
ଜନ୍ମ ଦିନର ଅନେକ ଶୁଭେଚ୍ଛା ଓ ଶୁଭ କାମନା। ଶ୍ରୀଜଗନ୍ନାଥ ଓ ମା' ଚର୍ଚ୍ଚିକାଙ୍କ ଆଶୀର୍ବାଦରୁ ତୁମ ଜୀବନ ସବୁବେଳେ ହସ ଖୁସିରେ ଭରିରହୁ।
-:ଶୁଭେଚ୍ଛା ସହ:-
ସ୍ୱାମୀ: ନଗେନ୍, ପୁତ୍ର: ଶୁଭମ୍, କନ୍ୟା: ସାଇନା।
ଧ-୧୯୦୦୮

ପଞ୍ଚମ ଜନ୍ମଦିନ ଶୁଭେଚ୍ଛା





ଗରିମା ମହାପାତ୍ର (ରାଲି)
ହରଚଣ୍ଡୀ ସାହି, ପୁରୀ-୧
ଆଜି ତୋର ପଞ୍ଚମ ଜନ୍ମବାର୍ଷିକରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବାବା, ବୋଉ, ଅଜା, ଆଈ, ସାଇ ଭାଇନା, ବ ଭାଇନା, ମମି, ପାପା, ବନ୍ଧୁ ଓ ପରିବାରବର୍ଗ।
ଧ-୧୯୦୧୭

# କଲର ଥେରାପି

**ଭାରତୀୟ ଚିକିତ୍ସା ବିଜ୍ଞାନ ଯେତିକି ପୁରାତନ, ସେତିକି ରହସ୍ୟମୟ ଏହାର ଉପଯୋଗ ପ୍ରଣାଳୀ। ସ୍ୱାସ୍ଥ୍ୟ ବିଜ୍ଞାନରେ ଏବେ ଯାହାକୁ ଚମତ୍କାର କୁହାଯାଉଛି, ସେଥିରୁ ଅନେକ ପୁରାତନ ସମୟରେ ମଧ୍ୟ ବ୍ୟବହାର କରାଯାଉଥିବା ବିଶେଷଜ୍ଞମାନେ ଦାବି କରନ୍ତି। ଚିକିତ୍ସାରେ ବ୍ୟବହାର କରାଯାଉଥିବା 'କଲର ଥେରାପି' ଏକ ନୂଆ ନାମ ହେଲେ ବି ବ୍ୟବହାରିକ ଦୃଷ୍ଟିରୁ ଏହା ବେଶ୍ ପୁରୁଣା।**



**ନୂଆଦିଲ୍ଲୀ:** ସାରା ପୃଥିବୀର ଚିକିତ୍ସା ବିଜ୍ଞାନରେ ଅନେକ ଥେରାପି ପ୍ରଚଳିତ। ସେଥିରୁ କେତେକ ପ୍ରକୃତିଦତ୍ତ ଏବଂ ଆଉ କେତେକ ରାସାୟନିକ ପଦାର୍ଥର ସମୀକରଣରେ ହୋଇଥାଏ। ହେଲେ ପ୍ରତ୍ୟେକ ଥେରାପିର ଲକ୍ଷ୍ୟ ରୋଗ ଉପଶମ କରିବା। ଥେରାପି ଇତିହାସରେ ଏକ ନୂଆ ନାମ ହେଉଛି 'କଲର ଥେରାପି'।

'କଲର ଥେରାପି'ରେ ବିଭିନ୍ନ ରଙ୍ଗକୁ ଉପଯୋଗ କରି ରୋଗୀଙ୍କ ଚିକିତ୍ସା କରାଯାଏ। ଏହାକୁ 'କ୍ରୋମୋ ଥେରାପି' ମଧ୍ୟ କୁହାଯାଏ। ଶରୀରର କେଉଁ ଅଙ୍ଗ ପାଇଁ କେଉଁ ରଙ୍ଗ ଉପଯୋଗୀ ତଦନୁଯାୟୀ ରଙ୍ଗାୟିତ କରାଯାଏ। ଏହାକୁ ବାଦ୍‌ଦେଲେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଲଗାଯାଇଥିବା ରଙ୍ଗକୁ ଚିତ୍ତ ଶାନ୍ତ ରଖି ଦୀର୍ଘ ସମୟ ଦେଖିବାକୁ ମଧ୍ୟ ପଡ଼େ। ଆଖି ଉପରେ ଯେପରି ଅତିରିକ୍ତ ଚାପ ନ ପଡ଼େ ସେଥିଲାଗି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥାଏ। ତେବେ ଏହା ମେଡିକାଲ କେୟାରର ଅନ୍ତର୍ଗତ ନୁହେଁ।

ଶରୀର ଏବଂ ମସ୍ତିଷ୍କ ମଧ୍ୟରେ ସନ୍ତୁଳନ ବଜାୟ ରଖିବା, ଚାପମୁକ୍ତ ଜୀବନ, ଅବସାଦ ମୁକ୍ତ ହେବା ଲାଗି 'କଲର ଥେରାପି' ଲୋକାଦୃତ ହେବାରେ ଲାଗିଛି। ରଙ୍ଗର ବ୍ୟବହାରରେ ସୃଷ୍ଟି ହେଉଥିବା ଭାଇବ୍ରେଶନ ବା କମ୍ପନ ସ୍ୱାସ୍ଥ୍ୟ ଉପରେ ଅନୁକୂଳ ପ୍ରଭାବ ପକାଏ। ମୁଡ୍‌କୁ ଠିକ୍ କରେ। ଚାପଗ୍ରସ୍ତ ଲୋକଙ୍କ ଉତ୍ତେଜିତ ମାନସିକ ଅବସ୍ଥାକୁ ଶାନ୍ତ କରିବାରେ ଏହି ଥେରାପିର ଉପଯୋଗ କରାଯାଏ।

କଲର ଥେରାପିରେ ସୂର୍ଯ୍ୟକିରଣକୁ ଆବଶ୍ୟକତା ଅନୁଯାୟୀ ଗୋଟିଏ ନିର୍ଦ୍ଦିଷ୍ଟ କଲର ଗ୍ଲାସ୍ ମାଧ୍ୟମରେ ପ୍ରତିଫଳନ କରି ଶରୀରରେ କେନ୍ଦ୍ରୀଭୂତ କରାଯାଏ। ଉଦାହରଣ ସ୍ୱରୂପ ଅସହ୍ୟ ଗରମର ପ୍ରଭାବରେ ଯଦି କାହାକୁ ଜ୍ୱର ହୋଇଛି ଏବଂ ଶରୀରର ତାପମାତ୍ରା ବୃଦ୍ଧି ପାଇଛି ତେବେ ବୁଝାଯାଏ ଶରୀରରେ ଲାଲ୍ ରଙ୍ଗର ମାତ୍ରା ଅଧିକ ରହିଛି। ସେତେବେଳେ ରୋଗୀଙ୍କୁ ଏକ ଅବରୁଦ୍ଧ ପ୍ରକୋଷ୍ଠରେ ବନ୍ଦ କରାଯାଇ ସବୁଜ ଗ୍ଲାସ ମାଧ୍ୟମରେ ସୂର୍ଯ୍ୟକିରଣ ପ୍ରତିଫଳନ କରାଯାଏ। ସେହିପରି ଆବଶ୍ୟକସ୍ଥଳେ କ୍ଷୀର, ତୈଳ, ପାଣି ଆଦି ପଦାର୍ଥକୁ ବ୍ୟବହାର କରି ମଧ୍ୟ ସୂର୍ଯ୍ୟକିରଣ ପ୍ରତିଫଳନ କରାଯାଏ।

ଭାରତୀୟ ଦର୍ଶନରେ ମନୁଷ୍ୟ ଶରୀରରେ ଥିବା କୁଣ୍ଡଳିନୀକୁ ଶକ୍ତିର କେନ୍ଦ୍ର ବୋଲି ବିଚାର କରାଯାଏ। ସାତୋଟି ଚକ୍ର ପାଇଁ ୭ଟି ରଙ୍ଗକୁ ପ୍ରତିନିଧି ଭାବେ ବିଚାରକୁ ନିଆଯାଏ। ପ୍ରତି ରଙ୍ଗର ସ୍ୱତନ୍ତ୍ରତା ରହିଛି। ଲାଲ୍ ରଙ୍ଗ ମେରୁଦଣ୍ଡରେ ଅବସ୍ଥିତ କୁଣ୍ଡଳିନୀ ଚକ୍ରକୁ ଜାଗ୍ରତ କରାଇବାରେ ପ୍ରଭାବୀ ବୋଲି ବିଚାର କରାଯାଏ। ଏହି ଚକ୍ର ପୃଥିବୀ ସହ ମନୁଷ୍ୟର ସମ୍ପର୍କକୁ ଯୋଡ଼ିଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ହଳଦିଆ ରଙ୍ଗକୁ ଲିଭର, ପାଚନ ଯନ୍ତ୍ର, ପିତାଶୟ, ସବୁଜ ରଙ୍ଗକୁ ଫୁସ୍‌ଫୁସ୍, ପ୍ରତିରକ୍ଷା ପ୍ରଣାଳୀ, କମଳା ରଙ୍ଗକୁ କିଡ୍‌ନୀ, ପ୍ରଜନନ, ନୀଳରଙ୍ଗକୁ ଡିପ୍ରେଶନ ହ୍ରାସ, ଥାଇରଏଡ, ଘନନୀଳକୁ ଆଖି, ପିଟ୍ୟୁଟାରି ଗ୍ରନ୍ଥି, ନିଦ୍ରାହୀନତା ଏବଂ ବାଇଗଣି ରଙ୍ଗକୁ ସମ୍ବେଦନଶୀଳ ଅଙ୍ଗପ୍ରତ୍ୟଙ୍ଗର ଚିକିତ୍ସାରେ ବ୍ୟବହାର କରାଯାଏ।

# ସୁହାନାଙ୍କ ମିରର ସେଲ୍ଫି



**ମୁମ୍ବାଇ:** ବଲିଉଡ୍ ବାଦ୍‌ଶାହ ଶାହାରୁଖ ଖାନ୍ ଓ ପତ୍ନୀ ଗୌରୀ ଖାନ୍ ଏକମାତ୍ର ଝିଅ ସୁହାନା ଏବେ ଅଗଣିତ ଫ୍ୟାନ୍‌ଙ୍କ ଦିଲ୍‌ର ଧଡକନ ପାଲଟି ଯାଇଛନ୍ତି। ଯଦିଓ ସେ ଏପର୍ଯ୍ୟନ୍ତ ବଲିଉଡ୍‌ରେ ଡେବ୍ୟୁ କରି ନାହାନ୍ତି ତଥାପି ତାଙ୍କୁ

## ସୋସିଆଲ ମିଡିଆରେ ଭାଇରାଲ

ନେଇ ଆଜିକାଲି ବହୁତ ଚର୍ଚ୍ଚା ହେଉଛି। ସୋସିଆଲ ମିଡିଆରେ ଖୁବ ଆକ୍ଟିଭ ରହୁଥିବା ଏହି ଷ୍ଟାରକିଡ୍ ତାଙ୍କ ଫଟୋ ଓ ଭିଡିଓ ଶେୟାର କରି ଲକ୍ଷାଧିକ ଫ୍ୟାନ ଫଲୋଇଙ୍ଗ୍ କ୍ରିଏଟ କରି ସାରିଛନ୍ତି। ନିକଟରେ ସେ ଏମିତି ଏକ ଫଟୋ ଶେୟାର କରିଛନ୍ତି ଯାହା ଅନେକଙ୍କ ନିଦ ହଜାଇ ଦେଇଛି। ବ୍ଲାକ-ହ୍ୱାଇଟ କଷ୍ଟ୍ୟୁମରେ ଏକ ମିରର ଇମେଜ ଶେୟାର କରିଛନ୍ତି ସୁହାନା। ଯାହା ତାଙ୍କ ପ୍ରଶଂସକଙ୍କୁ ଖୁବ ପସନ୍ଦ ଆସିଛି। ଏଥିରେ ସେ ବହୁ କମେଣ୍ଟ ଓ ଲାଇକ୍ ପାଇ ସାରିଛନ୍ତି। ତେବେ ଏହା ତାଙ୍କର ପ୍ରଥମ ଫଟୋ ନୁହେଁ ଏହା ପୂର୍ବରୁ ମଧ୍ୟ କିଛି ଫଟୋ ତାଙ୍କ ପ୍ରଶଂସକଙ୍କ ନିଦ ହଜାଇଦେଇଥିଲା।

# ସାଣ୍ଟା ଚକୋଲେଟ୍ ପିନ୍ଧିଛି ମାସ୍କ




**ନୂଆଦିଲ୍ଲୀ:** କରୋନା ପାଇଁ ଏବେ ସମସ୍ତେ ସଚେତନ ହେଲେଣି। ଏମିତି କି ସାଣ୍ଟାକ୍ଲଜ ବି ଏବେଠାରୁ ପୂରା ସତର୍କ ହେଲାଣି। ସେଥିପାଇଁ ତ ସାଣ୍ଟା ଏବେ ମାସ୍କ ପିନ୍ଧିଛି। କଥାଟା ଶୁଣି ଆପଣଙ୍କୁ ଅଡୁଆ ଲାଗୁଛି କି! କିନ୍ତୁ ଏମିତି ଏକ ଘଟଣା ଏବେ ଦେଖିବାକୁ ମିଳିଛି ହଙ୍ଗେରୀରେ। ଆଗକୁ ଖ୍ରୀଷ୍ଟମାସ ଆସୁଥିବାରୁ ଏବେ ହଙ୍ଗେରୀର ବିଭିନ୍ନ ଅଞ୍ଚଳରେ ସାଣ୍ଟାକ୍ଲଜ ତିଆରି କରାଯାଇଛି। ପିଲାମାନଙ୍କୁ ଅଧିକ ସଂଖ୍ୟାରେ ଆକୃଷ୍ଟ କରିବା ପାଇଁ ହଙ୍ଗେରୀର ଲାଜୋସୋମାଇଜ୍‌ରେ ଥିବା ଏକ ୱାର୍କଶପ୍‌ରେ ସାଣ୍ଟାକ୍ଲଜର ଚକୋଲେଟ୍ ତିଆରି କରାଯାଇଛି। ତେବେ ଭିନ୍ନ କଥା ହେଉଛି ଏହି ଚକୋଲେଟ୍ ସାଣ୍ଟା ବି ମାସ୍କ ପିନ୍ଧିଛି। ଡାର୍କ ଚକୋଲେଟ୍ ସାଣ୍ଟାରେ ଧଳା ରଙ୍ଗର ଷ୍ଟ୍ରାଇପ୍ ଭଳି ମାସ୍କ ପିନ୍ଧାଇ ଦିଆଯାଇଛି। ତେବେ ମାସ୍କ ପିନ୍ଧିଥିବା ଏହି ସାଣ୍ଟା ଚକୋଲେଟ୍‌ର ଏବେ ଡିମାଣ୍ଡ ବହୁତ ବଢ଼ିଯାଇଛି। ଦୋକାନୀଙ୍କ କହିବା ଅନୁସାରେ ମାସ୍କ ପିନ୍ଧା ସାଣ୍ଟା ଚକୋଲେଟ୍ ନେବାକୁ ପିଲାଙ୍କ ଭଳି ବୟସ୍କଙ୍କ ମଧ୍ୟରେ ବି ଅଧିକ ଆଗ୍ରହ ଦେଖିବାକୁ ମିଳୁଛି। ତେଣୁ ଏକ ସମୟରେ ଏହା ଲୋକଙ୍କୁ ଆକୃଷ୍ଟ କରିବା ସହିତ ପିଲାଙ୍କୁ ମଧ୍ୟ କରୋନା ପାଇଁ ସତର୍କ ଓ ସଚେତନ ରହିବା ନେଇ ସାହାଯ୍ୟ କରିପାରୁଛି। ତେବେ ଏହି ମାସ୍କ ପିନ୍ଧା ସାଣ୍ଟା ନେବା ପାଇଁ ଏବେ ସମ୍ପୃକ୍ତ ଦୋକାନୀଙ୍କ ପାଖକୁ ବାହାର ଅଞ୍ଚଳରୁ ବି ଅର୍ଡର ଆସୁଛି। ଚକୋଲେଟ୍ ସାଣ୍ଟା ଏକ ଟୋପି ପିନ୍ଧିଛି ଏବଂ ରିବନ ବି ବାନ୍ଧିଛି। ଏହା ସହିତ ମାସ୍କ ପିନ୍ଧିବା ପାଇଁ ସାଣ୍ଟାରେ ଏକ ଷ୍ଟ୍ରିପ୍ ବ୍ୟବହାର କରାଯାଇଛି। ତେବେ ଦୋକାନରେ ପ୍ରଥମେ ବିନା ମାସ୍କର ସାଣ୍ଟା ବି ତିଆରି କରାଯାଇଥିଲା। କିନ୍ତୁ ଲୋକେ କେବଳ ଏହି ମାସ୍କ ପିନ୍ଧା ସାଣ୍ଟା ଚକୋଲେଟ୍ ମାଗୁଥିବାରୁ ଏହି ଚକୋଲେଟ୍ ଅଧିକ ତିଆରି କରାଯାଉଛି ବୋଲି ଦୋକାନ ପକ୍ଷରୁ କୁହାଯାଇଛି।

# ମଙ୍ଗଳ: କାଚଘରେ ରହିବେ ଲୋକେ



**ୱାଶିଂଟନ:** ମଙ୍ଗଳରେ ଘର କରିବା ପାଇଁ ଯୋଜନା ଜାରି ରହିଛି। ପୃଥିବୀ ସହିତ କେତେକ ସାମ୍ୟତା ରଖୁଥିବା ଏହି ଗ୍ରହରେ ଜୀବନର ସନ୍ଧାନ ଲାଗି ଦୀର୍ଘ ଦିନ ଧରି ମଣିଷ ନାନା ଗବେଷଣା ଜାରି ରଖିଛି। ଅନ୍ୟ ଗ୍ରହରେ ଜୀବନ ଖୋଜୁଥିବା ଏଲନ ମସ୍କ୍ ଟୁଇଟ୍ କରି କହିଛନ୍ତି ଯେ, ୨୦୫୦ ସୁଦ୍ଧା ମଙ୍ଗଳରେ ଜନବସତି ସ୍ଥାପନ ସମ୍ଭବ । ତେବେ ଲୋକଙ୍କୁ କାଚ ଘରେ ରହିବାକୁ ପଡ଼ିବ ବୋଲି ସେ କହିଛନ୍ତି। ମଙ୍ଗଳରେ ସର୍ବାଧିକ ତାପମାତ୍ରା ମାଇନସ୍ ୪୮ ଡିଗ୍ରୀ ସେଲସିୟସ୍ ରହିଥାଏ। ସେହିପରି ସୂର୍ଯ୍ୟର କ୍ଷତିକାରକ ଅଲ୍ଟ୍ରା ଭାଓଲେଟ୍ ରଶ୍ମୀକୁ ରୋକିବା ପାଇଁ ଏଠାରେ କୌଣସି ସୁରକ୍ଷା କବଚ ନାହିଁ। ପୃଥିବୀରେ ବାୟୁମଣ୍ଡଳର ଉପର ଭାଗରେ ଥିବା ଓଜୋନସ୍ତର ଏହି କ୍ଷତିକାରକ ରଶ୍ମୀକୁ ଭିତରକୁ ଆସିବାକୁ ଦେଇ ନ ଥାଏ। ମାତ୍ର ମଙ୍ଗଳରେ ଏହା ସମ୍ଭବ ନୁହେଁ। ତେଣୁ ସୁରକ୍ଷା ଦୃଷ୍ଟିରୁ ଲୋକଙ୍କୁ କାଚ ଘରେ ରଖିବା ଶ୍ରେୟସ୍କର ହେବ ବୋଲି ସେ କହିଛନ୍ତି। ମଙ୍ଗଳ ଗ୍ରହର ତାପମାତ୍ରା ବୃଦ୍ଧି ପାଇଁ ଏଠାରେ ଭବିଷ୍ୟତରେ କିଛି ପରମାଣୁ ବୋମା ବିସ୍ଫୋରଣ କରାଯିବାର ଯୋଜନା ରହିଛି। ଏହାଦ୍ୱାରା ଏଠାରେ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ବଢ଼ିବା ଯୋଗୁ ତାପମାତ୍ରାରେ ବୃଦ୍ଧି ସମ୍ଭବ ହୋଇପାରିବ। ଯାହାକି ମନୁଷ୍ୟର ଜୀବନ ଧାରଣ ଲାଗି ଉପଯୋଗୀ କ୍ଷେତ୍ର ପ୍ରସ୍ତୁତ କରିପାରିବ ବୋଲି ସେ କହିଛନ୍ତି।

# ରିୟଲିଟି ଶୋ ଦେଖାଇ ଅପରେଶନ



**ହାଇଦ୍ରାବାଦ:** ଏପଟେ ଚାଲିଛି ଅପରେଶନ। ଆଉ ସାମ୍ନାରେ ଚାଲିଛି ଟିଭିରେ ରିୟଲିଟି ଶୋ। ରୋଗୀ ରିୟଲିଟି ଶୋ ଦେଖୁଥିବାବେଳେ ଡାକ୍ତରମାନେ ଅପରେଶନ କରୁଛନ୍ତି। ଏହା କୌଣସି କପୋଳକଳ୍ପିତ କାହାଣୀ ନୁହେଁ, ଏମିତି ଏକ ଘଟଣା ଘଟିଛି ଆନ୍ଧ୍ରପ୍ରଦେଶ ଗୁଣ୍ଟୁରରେ ଥିବା ଏକ ଘରୋଇ ଡାକ୍ତରଖାନାରେ। ଗୁଣ୍ଟୁରର ଏକ ଘରୋଇ ଡାକ୍ତରଖାନା ବ୍ରିନ୍ଦା ନ୍ୟୁରୋ ସେଣ୍ଟରରେ ୩୩ ବର୍ଷୀୟ ଜଣେ ବ୍ୟକ୍ତି ବରପ୍ରସାଦଙ୍କର ଏକ ବିରଳ ତଥା ଜଟିଳ ବ୍ରେନ ସର୍ଜରି କରାଯାଇଛି, ଯାହାକୁ ନେଇ ଏବେ ସବୁଆଡ଼େ ଚର୍ଚ୍ଚା ହେଉଛି। କାରଣ ଏହି ବ୍ରେନ ସର୍ଜରି ସମୟରେ ରୋଗୀକୁ ସଚେତ ରଖିବା ନିହାତି ଆବଶ୍ୟକ ଥିଲା। ସେଥିପାଇଁ ଡାକ୍ତରମାନେ ରୋଗୀ ସାମ୍ନାରେ ଟିଭିରେ ରିୟଲିଟି ଶୋ ବିଗ୍ ବସ୍ ଏବଂ ହଲିଉଡ୍ ଫିଲ୍ମ ଲଗାଇ ଥିଲେ। ବରପ୍ରସାଦ ବିଗ୍ ବସ୍ ଦେଖିବାରେ ମଗ୍ନ ଥିବାବେଳେ ଠିକ୍ ସେହି ସମୟରେ ଡାକ୍ତରମାନେ ତାଙ୍କର ବ୍ରେନ୍ ଅପରେଶନ୍ କରି ଏକ ଟ୍ୟୁମରକୁ ସଫଳତାର ସହ ବାହାର କରିଥିଲେ। ଟିଭି ମାଧ୍ୟମରେ ଡାକ୍ତରମାନେ ବରପ୍ରସାଦଙ୍କୁ ସଚେତ ରଖିପାରିଥିବାରୁ ଏହି ଜଟିଳ ଅପରେଶନ ସଫଳ ହୋଇପାରିଛି ବୋଲି ଡାକ୍ତରମାନେ କହିଛନ୍ତି। ଅପରେଶନ ପରେ ବରପ୍ରସାଦ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ତାଙ୍କର ଏଭଳି ଅପରେଶନ କରିଥିବା ଡାକ୍ତର ହେଉଛନ୍ତି ଗୁଣ୍ଟୁର ସରକାରୀ ଡାକ୍ତରଖାନାର ଡା. ବି.ଏଚ୍. ଶ୍ରୀନିବାସ ରେଡ୍ଡୀ, ଡା. ଶେଷାଦ୍ରୀ ଶେଖର ଏବଂ ଡା. ତ୍ରିନାଦ। ସୋସିଆଲ ମିଡିଆରେ ଏହି ଖବର ଜଣାପଡ଼ିବା ପରେ ଏହି ଡାକ୍ତରଙ୍କୁ ଏବେ ସମସ୍ତେ ପ୍ରଶଂସା କରିଛନ୍ତି।

ମନେ ପଡ଼ନ୍ତି

ଷଷ୍ଠ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସ୍ୱପ୍ନାରାଣୀ ବିଶ୍ୱାଳ
(ଲେଣ୍ଡୋ, ନିରାକାରପୁର, ଖୋର୍ଦ୍ଧା)
ଅଁଳା ନବମୀ
ଚାହୁଁ ଚାହୁଁ ଛଅବର୍ଷ ହୋଇଗଲା। ତୁମେ ଆମକୁ ଛାଡ଼ି ଚାଲିଗଲ। ତୁମ କଥା ଆମର ସବୁବେଳେ ମନେପଡୁଛି, ତୁମର ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଶାଶୁ, ଶଶୁର, ସ୍ୱାମୀ, ପୁତ୍ର, ଦିଅର, ଯାଆ, ନଣନ୍ଦ, ନଣନ୍ଦେଇ, ବୋଉ, ଖୁଡୀଶାଶୁ, ଖୁଡୀ ଶଶୁର, ଭାଇ, ଭାଉଜ, ଭଉଣୀ, ଭିଣୋଇ, ପତୁରା, ଝିଆରୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୮୫୧

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି




ସ୍ୱର୍ଗତା କିରଣବାଳା ପଟ୍ଟନାୟକ
ଗୁଣ୍ଡିଚା ବିହାର, ସର୍ବୋଦୟ ନଗର, ପୁରୀ-୨
ଆବିର୍ଭାବ: ୦୧।୦୧।୧୯୪୪
ତିରୋଧାନ: ୧୩।୧୧।୨୦୨୦
(କାର୍ତ୍ତିକ କୃଷ୍ଣପକ୍ଷ ତ୍ରୟୋଦଶୀ)
ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ସବୁଦିନ ପାଇଁ ସମସ୍ତଙ୍କର ମନେ ରହିବ। ସମସ୍ତେ ଏକତ୍ର ଗୋଟିଏ ପରିବାରରେ ସୁଖ, ଶାନ୍ତିରେ ବାସ କରନ୍ତୁ, ଏହାହିଁ ତୁମର ଇଚ୍ଛାଥିଲା। ଯେଉଁଠାରେ ଥାଅ, ତୁମର ଆଶୀର୍ବାଦ ସଦାସର୍ବଦା ଆମ ଉପରେ ଥାଉ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ର, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ବୋହୂ, ନାତି, ନାତୁଣୀ ଏବଂ ବନ୍ଧୁ ଓ ପରିବାରବର୍ଗ ।
ଧ-୧୯୦୧୮

ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ବିପିନ୍ ବିହାରୀ ମହାନ୍ତି
ବରୁଣେଇ ସାହି, ଖୋର୍ଦ୍ଧା
ତିରୋଧାନ: ଅଁଳା ନବମୀ, ୨୦୦୨
ବାପା, ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆଜି ଆପଣଙ୍କର ଶ୍ରାଦ୍ଧବାର୍ଷିକୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଆପଣଙ୍କର ପିଲାମାନେ ।
ଧ-୧୮୭୫

# କୋଭିଡ୍-୧୯ ଟିକାର ସଫଳତା



କରୋନା ସଂକ୍ରମଣ ପ୍ରତିରୋଧ ପାଇଁ ସମ୍ପୂର୍ଣ୍ଣ ବିଶ୍ୱ ଉଦବିଗ୍ନ। ଅନେକ ଔଷଧ କମ୍ପାନୀ ଏଗାରରୁ ଅଧିକ ପ୍ରକାର ଟିକା ପ୍ରସ୍ତୁତ କରିବା ପାଇଁ ଉଦ୍ୟମ କରୁଛନ୍ତି। ଫାଇବର ଔଷଧ କମ୍ପାନୀ ଟିକା ତିଆରି କରିସାରଛି ଏବଂ ଏହା ୯୦ ପ୍ରତିଶତରୁ ଅଧିକ ଫଳପ୍ରଦ ବୋଲି ଦାବି କରୁଛି। ରୁଷର ଟିକା ସ୍ପୁଟନିକ୍‌ର ଏବେ ଭାରତରେ ଡକ୍ଟର ରେଡିଜ୍ ଲାବରେଟୋରିରେ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ପ୍ରାୟ ୧୮୦ ଜଣ ସ୍ୱେଚ୍ଛାସେବୀ ପଞ୍ଜୀକରଣ କରିଛନ୍ତି। ଟିକା ପ୍ରୟୋଗର ମାତ୍ରା ନିର୍ଣ୍ଣୟ ଏହି ଗବେଷଣାର ଲକ୍ଷ୍ୟ। ଗୋଟିଏ ଡୋଜ୍ ଟିକା ଦିଆଯିବା ପରେ ସଂପୃକ୍ତ ସ୍ୱେଚ୍ଛାସେବୀଙ୍କ ଅବସ୍ଥା ଅନୁଧ୍ୟାନ କରାଯିବା ପରେ ଅଧିକ ଡୋଜ୍ ନେବାର ଆବଶ୍ୟକତା ସ୍ଥିର ହେବ। ସବୁ ତଥ୍ୟକୁ ବିଶ୍ଳେଷଣ କରି ଟିକାର ସଫଳତା ନିର୍ଣ୍ଣୟ ହେବ। ତିନି ସପ୍ତାହ ବ୍ୟବଧାନରେ ଦୁଇ ଥର କିମ୍ବା ତିନି ଥର ଟିକା ଦିଆଯିବ। ସାତ ମାସ ପର୍ଯ୍ୟନ୍ତ ସ୍ୱେଚ୍ଛାସେବୀଙ୍କ ଶରୀରରେ ଏହାର ପ୍ରଭାବ ଅନୁଧ୍ୟାନ କରାଯିବ। ତେଣୁ ଏକ ବର୍ଷ ପୂର୍ବରୁ ସର୍ବସାଧାରଣରେ ଟିକା ଉପଲବ୍ଧ ସମ୍ଭବ ନୁହେଁ। ସ୍ପୁଟନିକ ଟିକାର ପରୀକ୍ଷଣ ସମ୍ପୂର୍ଣ୍ଣ ହେବା ପାଇଁ ଛଅ ମାସ ସମୟ ଲାଗିବ। ଜୈବ ଗବେଷଣା ସମୟ ସାପେକ୍ଷ। ତରବରିଆ ଭାବରେ କଲେ ବିଷମୟ ପରିସ୍ଥିତି ସୃଷ୍ଟି ହୋଇପାରେ। ବିଦେଶୀ ଟିକାର ସଂରକ୍ଷଣ ବ୍ୟବସ୍ଥା ଭାରତରେ ଅନୁକୂଳ ନୁହେଁ। ଏହା ବିଯୁକ୍ତ ୮୦ ଡିଗ୍ରୀ (-୭୦ରୁ-୮୦) ସେଲସିୟସ ଉତ୍ତାପରେ ସୁରକ୍ଷିତ ରହିଥାଏ। ଏହାକୁ କୋଲ୍ଡ ଚେନ୍ ବ୍ୟବସ୍ଥା କୁହାଯାଏ। ଏହି ବ୍ୟବସ୍ଥା ବିଶ୍ୱର କୌଣସି ଦେଶରେ ଉପଲବ୍ଧ ନୁହେଁ। ତେଣୁ ଟିକାର ୯୦ ପ୍ରତିଶତ ସଫଳତା ଥିଲେ ମଧ୍ୟ ସଂରକ୍ଷଣ ଅଭାବରୁ ସେଗୁଡିକ ଅକାମୀ ହୋଇଯିବ। ଟିକାକରଣ ପାଇଁ ଭାରତରେ ଗୋଟିଏ ସହରରୁ ଅନ୍ୟ ସହରକୁ କିମ୍ବା ଗ୍ରାମାଞ୍ଚଳକୁ ପଠାଇବା ବ୍ୟବସ୍ଥା ନାହିଁ। ଭାରତ ଗୋଟିଏ ଗ୍ରୀଷ୍ମମଣ୍ଡଳୀୟ ଦେଶ। ବର୍ଷର ଅନେକ ସମୟରେ ବାୟୁମଣ୍ଡଳର ଉତ୍ତାପ ୩୦ ଡିଗ୍ରୀ ସେଲସିୟସରୁ ଅଧିକ। ସବୁବେଳେ ବିଜୁଳି ସଙ୍କଟ ଲାଗିରହେ। ପରିବହନ ବ୍ୟବସ୍ଥା ମୁଖ୍ୟ ପ୍ରତିବନ୍ଧକ। ଭାରତରେ ପ୍ରସ୍ତୁତ ଟିକା ବିଯୁକ୍ତ ୨ରୁ ବିଯୁକ୍ତ ୮ ଡିଗ୍ରୀ ସେଲସିୟସ ମଧ୍ୟରେ ସଂରକ୍ଷଣ ହୋଇପାରିବ ବୋଲି ଦାବି ହେଉଛି। ଏହା ପ୍ରମାଣ ସାପେକ୍ଷ। ବିଦେଶ ତିଆରି ଟିକା ବହୁ କମ୍ ଉତ୍ତାପରେ ସଂରକ୍ଷଣ ହେଉଥିବାରୁ ଭାରତରେ ପ୍ରସ୍ତୁତ ଟିକା ଅଧିକ ଉତ୍ତାପରେ ରଖିଲେ କିପରି ସଫଳ ହେବ ତାହା ପ୍ରଣିଧାନ ବିଷୟ। କରୋନା ଭୂତାଣୁର ସ୍ପାଇକ୍ ପ୍ରୋଟିନ୍ ଟିକା ଅଧିକ ପରିମାଣରେ ପ୍ରତିପିଣ୍ଡ ତିଆରି କରିବାରେ ସକ୍ଷମ। ପ୍ରତିବଦଳରେ ଆଡେନ୍ ଭାଇରସ ଟିକା ଶରୀରରେ ଉପଯୁକ୍ତ ଆଣ୍ଟିବଡି ସୃଷ୍ଟି କରିପାରିବ ନାହିଁ। କୋଭିଡ୍-୧୯ର ଫଳପ୍ରଦ ଟିକା ଉଦ୍ଭାବନ ସମୟ ହିଁ କହିବ।



ଡା. ଦ୍ୱିଜେଶ କୁମାର ପଣ୍ଡା

**"ବିଦେଶୀ ଟିକାର ସଂରକ୍ଷଣ ବ୍ୟବସ୍ଥା ଭାରତରେ ଅନୁକୂଳ ନୁହେଁ। ଏହା ବିଯୁକ୍ତ ୮୦ ଡିଗ୍ରୀ (-୭୦ରୁ-୮୦) ସେଲସିୟସ ଉତ୍ତାପରେ ସୁରକ୍ଷିତ ରହିଥାଏ। ଏହାକୁ କୋଲ୍ଡ ଚେନ୍ ବ୍ୟବସ୍ଥା କୁହାଯାଏ। ଏହି ବ୍ୟବସ୍ଥା ବିଶ୍ୱର କୌଣସି ଦେଶରେ ଉପଲବ୍ଧ ନୁହେଁ। ତେଣୁ ଟିକାର ୯୦ ପ୍ରତିଶତ ସଫଳତା ଥିଲେ ମଧ୍ୟ ସଂରକ୍ଷଣ ଅଭାବରୁ ସେଗୁଡିକ ଅକାମୀ ହୋଇଯିବ।"**

-ନିଦାନ ଓ ସୂକ୍ଷ୍ମ ଜୀବ ବିଶେଷଜ୍ଞ,
ଆଚାର୍ଯ୍ୟ ବିହାର,
ଭୁବନେଶ୍ୱର, ମୋ : ୯୪୩୮୪୭୦୭୭୭

# ରୋଗପ୍ରତିରୋଧକ ଶକ୍ତି



ଡା. ବସନ୍ତ କୁମାର ଷଡ଼ଙ୍ଗୀ

ବିଶ୍ୱର ବିଭିନ୍ନ ଦେଶ ସମୂହ ସହ ତାଳ ଦେଇ ଆଧୁନିକ ଚିକିତ୍ସା ବିଜ୍ଞାନ ପଦ୍ଧତିକୁ ଗ୍ରହଣ କରିଥିଲେ ସୁଦ୍ଧା ହଜାର ହଜାର ବର୍ଷ ପୂର୍ବରୁ ଆମ ଭାରତ ବର୍ଷରେ ବିଜ୍ଞ ଆୟୁର୍ବେଦ ବିଶାରଦ ଚରକ, ସୁସ୍ରୁତ, ବାଗଭଟ୍ଟ, ବରାହମିହିର ଆଦି ବିଭିନ୍ନ ଆୟୁର୍ବେଦ ଗ୍ରନ୍ଥଗୁଡ଼ିକରେ ମାନବ ସଭ୍ୟତାର ସ୍ୱାସ୍ଥ୍ୟ ରକ୍ଷା ତଥା ଦୀର୍ଘାୟୁ ନିମନ୍ତେ ବିଭିନ୍ନ ଆୟୁର୍ବେଦ ଔଷଧରେ ପ୍ରସ୍ତୁତି ଓ ତା'ର ଉପଯୋଗ, ଗୁଣାବଳୀ ଆଦି ବର୍ଣ୍ଣନା କରିଯାଇଛନ୍ତି। ତାହାକୁ ଆଜିର ଆଧୁନିକ ଚିକିତ୍ସା ବିଜ୍ଞାନ ଦ୍ୱାରା ବହୁ ପରୀକ୍ଷା ନିରୀକ୍ଷା କରିବା ପରେ ମଧ୍ୟ ଆୟୁର୍ବେଦ ଶାସ୍ତ୍ରରେ ଲିଖିତ ବିଭିନ୍ନ ଔଷଧ ଦ୍ରବ୍ୟର ଗୁଣ ତଥା ଶରୀରରେ ରୋଗପ୍ରତିରୋଧକ ଶକ୍ତି ତଥା ଦୀର୍ଘାୟୁ ନିମନ୍ତେ ବିଭିନ୍ନ ସାତ୍ତ୍ୱିକ, ତାମସିକ, ରାଜସିକ ଆଦି ଖାଦ୍ୟର ଗୁଣାବଳୀ ଓ ତା'ର ଶାରୀରିକ ଓ ମାନସିକ ସ୍ତରରେ ପ୍ରଭାବକୁ ନେଇ ଏକମତ ହୋଇଛନ୍ତି ।

ପ୍ରତିଦିନ ଆମେ ଯାହା ଖାଦ୍ୟ ଖାଉ ତାହାର ସାରାଂଶ ହିଁ ଆମ ସ୍ୱାସ୍ଥ୍ୟ ରକ୍ଷାର ମାର୍ଗ । ଆମେ ଯେଉଁ ରକମର ଖାଦ୍ୟ ଖାଇଥାଉ ତାହାର ଗୁଣ ଆମର ଶାରୀରିକ ଓ ମାନସିକ ସ୍ତରରେ ପ୍ରଭାବ ପକାଇ ଥାଏ । ଆମେ ଖାଦ୍ୟ ଖାଇବା ବେଳେ ଖାଦ୍ୟର ସ୍ୱାଦ ଉପରେ ଗୁରୁତ୍ୱ ଦେବା ଅପେକ୍ଷା ଖାଦ୍ୟର ଗୁଣବତ୍ତା ସ୍ୱାସ୍ଥ୍ୟ ଉପଯୋଗୀ ଓ ସତେଜତାକୁ ପ୍ରାଧାନ୍ୟ ଦେବା ଉଚିତ । ଏତଦ୍ ସହିତ ଶରୀର ଓ ମନକୁ ସୁସ୍ଥ ଓ ସତେଜ ରଖିବା ପାଇଁ ପ୍ରତିଦିନ ସୁଷମ ଖାଦ୍ୟ ସହ ଯୋଗ, ଆସନ, ପ୍ରାଣାୟାମ ତଥା ଶାରୀରିକ ପରିଶ୍ରମ କରିବା ଦ୍ୱାରା ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଶରୀର ସୁସ୍ଥ ଓ ଦୀର୍ଘାୟୁ ହୋଇଥାଏ। ତେଣୁ ଆୟୁର୍ବେଦ ଶାସ୍ତ୍ର ତଥା ହିନ୍ଦୁ ଶାସ୍ତ୍ରରେ ଖାଦ୍ୟକୁ ସାତ୍ତ୍ୱିକ, ତାମସିକ ଓ ରାଜସିକ ଏପରି ତିନି ଭାଗରେ ବିଭକ୍ତ କରାଯାଇ ତା'ର ଗୁଣ ତଥା ଶରୀର ଉପରେ ପ୍ରଭାବ ବିଷୟରେ ଉଲ୍ଲେଖ କରାଯାଇଛି।

**"ପ୍ରତିଦିନ ଆମେ ଯାହା ଖାଦ୍ୟ ଖାଉ ତାହାର ସାରାଂଶ ହିଁ ଆମ ସ୍ୱାସ୍ଥ୍ୟ ରକ୍ଷାର ମାର୍ଗ । ଆମେ ଯେଉଁ ରକମର ଖାଦ୍ୟ ଖାଇଥାଉ ତାହାର ଗୁଣ ଆମର ଶାରୀରିକ ଓ ମାନସିକ ସ୍ତରରେ ପ୍ରଭାବ ପକାଇ ଥାଏ । ଆମେ ଖାଦ୍ୟ ଖାଇବା ବେଳେ ଖାଦ୍ୟର ସ୍ୱାଦ ଉପରେ ଗୁରୁତ୍ୱ ଦେବା ଅପେକ୍ଷା ଖାଦ୍ୟର ଗୁଣବତ୍ତା ସ୍ୱାସ୍ଥ୍ୟ ଉପଯୋଗୀ ଓ ସତେଜତାକୁ ପ୍ରାଧାନ୍ୟ ଦେବା ଉଚିତ ।"**

ସାତ୍ତ୍ୱିକ ଖାଦ୍ୟର ଗୁଣ ଓ ପ୍ରଭାବ

ଆମେ ପ୍ରତିଦିନ ଖାଉଥିବା ଖାଦ୍ୟ ଭିତରେ କ୍ଷୀର, ଲହୁଣି, ଘିଅ, ସବୁଜ ପନିପରିବା, ପାଚିଲା ଫଳ ତଥା ମୁଗ, ଗହମ, ବାର୍ଲି ଆଦି ଶସ୍ୟଜାତ ଖାଦ୍ୟକୁ ସାତ୍ତ୍ୱିକ ଖାଦ୍ୟ ରୂପେ ଗ୍ରହଣ କରାଯାଇଛି। ସାତ୍ତ୍ୱିକ ଖାଦ୍ୟ ଖାଇବା ଦ୍ୱାରା ମାନସିକ ଓ ଶାରୀରିକ ସ୍ତରରେ ଶକ୍ତି ଦୃଢ଼ତା ହେବାସହ ମନରେ ସର୍ବଦା ଉତ୍ସାହ ତଥା ଆଧ୍ୟାତ୍ମିକ ଚିନ୍ତାଧାରା ସୃଷ୍ଟି ହୋଇ ସ୍ୱାସ୍ଥ୍ୟ ସୁସ୍ଥ ରହିଥାଏ। ଏହି କାରଣରୁ ମନୁଷ୍ୟକୁ ଶୀଘ୍ର ବୃଦ୍ଧାବସ୍ଥା ନ ଆସି ଦୀର୍ଘାୟୁ ହୋଇଥାଏ । ଶାକାହାରୀ ମନୁଷ୍ୟ ମାଂସାହାରୀ ମନୁଷ୍ୟ ତୁଳନାରେ ନୀରୋଗ, ସୁସ୍ଥ ଓ ନିରାମୟ ଜୀବନ ବିତାଇଥାଏ । ଶାକାହାରୀମାନଙ୍କ ମସ୍ତିଷ୍କ, ଚିନ୍ତାଧାରା ସାଧାରଣତଃ ଶାନ୍ତ, ବଳିଷ୍ଠ ଓ ଆଧ୍ୟାତ୍ମିକତା ଗୁଣ ରହିଥାଏ । ତେଣୁ ସାତ୍ତ୍ୱିକ ଖାଦ୍ୟକୁ ଆୟୁର୍ବେଦ ଶାସ୍ତ୍ରରେ ସ୍ୱାସ୍ଥ୍ୟ ନିମନ୍ତେ ଶ୍ରେଷ୍ଠତ୍ୱ ଦିଆଯାଇଛି।



**ତାମସିକ ଖାଦ୍ୟର ଗୁଣ ଓ ପ୍ରଭାବ**

ଆମେ ପ୍ରତିଦିନ ଖାଉଥିବା ଖାଦ୍ୟରେ ମାଛ, ମାଂସ, ଅଣ୍ଡା, ମଦ, ରସୁଣ, ପିଆଜ, ତଥା ଚା, କଫି, ତମାଖୁ, ମିଠା, ଫାଷ୍ଟଫୁଡ୍, ପିଜ୍ଜା, ବର୍ଗର, ଚକୋଲେଟ, ମସଲା, ଅତ୍ୟଧିକ ଲୁଣିଆ ଆଦି ଖାଦ୍ୟ ଦ୍ରବ୍ୟକୁ ଆୟୁର୍ବେଦ ଶାସ୍ତ୍ରରେ ତାମସିକ ଖାଦ୍ୟ ରୂପେ ଗଣନା କରାଯାଇଛି। ଉକ୍ତ ଖାଦ୍ୟଦ୍ରବ୍ୟ ଖାଇବା ଦ୍ୱାର ଆଳସ୍ୟ, କ୍ଳାନ୍ତି, ଭୟ, କ୍ରୋଧ, ଈର୍ଷା, ପରଶ୍ରୀକାତରତା ଆଦି ଗୁଣ ଦେଖାଯାଏ। ନିୟମିତ ତାମସିକ ଖାଦ୍ୟ ଖାଇବା ଦ୍ୱାରା ଶରୀରରେ ହୃଦ୍‌ରୋଗ, ମଧୁମେହ, କର୍କଟ ଆଦି ଜଟିଳ ରୋଗ ହେବାର ଆଶଙ୍କା ରହିଥାଏ । ତାମସିକ ଖାଦ୍ୟ ଖାଇବା ଦ୍ୱାରା ମନରେ ଉତ୍ତେଜନା, କ୍ରୋଧ, ପ୍ରତିହିଂସା, କାମୁକତା ଆଦି ଦୁର୍ଗୁଣ ଦେଖାଦେଇଥାଏ।



**ରାଜସିକ ଖାଦ୍ୟର ଗୁଣ ଓ ପ୍ରଭାବ**


ଆମେ ପ୍ରତିଦିନ ଖାଉଥିବା ଖାଦ୍ୟରେ ମାଛ, ମାଂସ, ଅଣ୍ଡା, ମସଲା ଯୁକ୍ତ ଖାଦ୍ୟ, ଲଙ୍କା, ପିଆଜ, ରସୁଣ, ମିଠା, ପରଟା, ଚା, କଫି, ତମାଖୁ ଆଦିକୁ ଆୟୁର୍ବେଦ ଶାସ୍ତ୍ରରେ ରାଜସିକ ଖାଦ୍ୟ ରୂପେ ଗ୍ରହଣ କରାଯାଇଛି । ରାଜସିକ ଖାଦ୍ୟ ଖାଉଥିବା ବ୍ୟକ୍ତି ସାଧାରଣତଃ ଲୋଭି, ଈର୍ଷାଳୁ, କ୍ରୋଧୀ, ଅହଙ୍କାରୀ ପ୍ରକୃତିର ହୋଇଥାନ୍ତି। ଉପରୋକ୍ତ ବର୍ଣ୍ଣିତ ସାତ୍ତ୍ୱିକ, ତାମସିକ ଓ ରାଜସିକ ଖାଦ୍ୟ ବିଷୟରେ ଅନୁଧ୍ୟାନ କଲେ ଜାଣିପାରିବା ଯେ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ ସାଧାରଣତଃ ସାତ୍ତ୍ୱିକ ଖାଦ୍ୟର ପ୍ରଭାବ ଶରୀର ପାଇଁ ଅନୁକୂଳ ଅଟେ । ଆମ ଶରୀର ବିଭିନ୍ନ ଶସ୍ୟଜାତ ଦ୍ରବ୍ୟ, ସବୁଜ ପନିପରିବା, ପାଚିଲା ଫଳ ତଥା ଆୟୁର୍ବେଦ ଔଷଧ ଗୁଣଯୁକ୍ତ ଖାଦ୍ୟ ସେବନରୁ ହିଁ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବାରେ ସହାୟକ ହୋଇଥାଏ । ଏତଦ ସହ ଆୟୁର୍ବେଦ ଔଷଧୀୟ ଦ୍ରବ୍ୟ ଯଥା -ଗୁଳୁଚି, ଅଶ୍ୱଗନ୍ଧା, ଅଦା, ଗୋଲମରିଚ, ତେଜପତ୍ରୀ, ତୁଳସୀପତ୍ର, ଡାଳଚିନି, ଗୁଜୁରାତି ଆଦି ନିର୍ଦ୍ଦିଷ୍ଟ ଦ୍ରବ୍ୟ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଅଧିକ ସହାୟକ ହୋଇଥାଏ ବୋଲି ଆୟୁର୍ବେଦ ଶାସ୍ତ୍ରରେ ଉଲ୍ଲେଖ ରହିଛି । ଏହାକୁ ଆୟୁଷ ମନ୍ତ୍ରଣାଳୟ ମଧ୍ୟ ସହମତି ଦେଇଛନ୍ତି । ଆୟୁର୍ବେଦ ଶାସ୍ତ୍ର ମତରେ ପ୍ରତିଦିନ ଆମେ ଯେଉଁ ଖାଦ୍ୟ ଖାଇଥାଉ ତାହା ଶରୀରରେ ପ୍ରବେଶ ପରେ ରସ, ରକ୍ତ, ମାଂସ, ମେଦ, ଅସ୍ଥି, ମଜ୍ଜା ଓ ଶୁକ୍ର ଏହିପରି କ୍ରମାନ୍ୱୟରେ ସପ୍ତ ଧାତୁରେ ପରିଣତ ହୋଇଥାଏ । ସପ୍ତ ଧାତୁର ଅନ୍ତିମ ଧାତୁ 'ଶୁକ୍ର' । ଏହା ଶରୀରର ମୁଖ୍ୟ ଉପାଦାନ। ଶୁକ୍ର ଧାତୁର ପରବର୍ତ୍ତୀ ଧାତୁ ହେଲା 'ଓଜ' ବା ଶୁକ୍ର ଧାତୁର ସାର ଭାଗ। ଏହି 'ଓଜ' ଶରୀରର ସ୍ନେହ ଭାଗ ଅଟେ। ଏହାଦ୍ୱାରା ମନୁଷ୍ୟର ଜୀବନ ନିର୍ବାହ ହୋଇଥାଏ । ଶରୀରରେ 'ଓଜ' ନାଶ ହେଲେ ଶରୀର ନାଶ ହୋଇଥାଏ ବୋଲି ଚରକ ସଂହିତାରେ ଉଲ୍ଲେଖ ରହିଛି । ଏହାର ତାତ୍ପର୍ଯ୍ୟ ହେଲା ଓଜ କ୍ଷୟ ହେଲେ ଶରୀରରେ ଆଣ୍ଟିବଡିର କ୍ଷୟ ହୋଇଥାଏ ; ଯଦ୍ଦ୍ୱାରା ଶରୀରରେ ରୋଗପ୍ରତିରୋଧକ ଶକ୍ତି ହ୍ରାସ ପାଇ ବିଭିନ୍ନ ଜୀବାଣୁ ଭୂତାଣୁ ଶରୀରରେ ପ୍ରବେଶ ପାଇଁ ସହଜ ହୋଇଥାଏ। ଯେତେବେଳେ ଶରୀର ଭିତରକୁ ବାହ୍ୟ ଜୀବାଣୁ ବା ଭୂତାଣୁ ପ୍ରବେଶ କରନ୍ତି ସେତେବେଳେ 'ଓଜ' ଶ୍ୱେତରକ୍ତ କଣିକା ଶରୀରରେ ବିଷାକ୍ତ ପଦାର୍ଥକୁ ପ୍ରଭାବ ଶୂନ୍ୟ କରିବା କ୍ଷମତା ତିଆରି କରି ନବାଗତ ଜୀବାଣୁ ବା ଭୂତାଣୁକୁ ନଷ୍ଟ କରିଦିଅନ୍ତି । ଏହି ପ୍ରକ୍ରିୟାକୁ ଶରୀରର ବ୍ୟାଧି କ୍ଷେମତ୍ୱ (ଶରୀରକୁ ପ୍ରବେଶ କରିଥିବା ବିଷ ଦ୍ରବ୍ୟକୁ ନଷ୍ଟ କରିବା ପାଇଁ ରକ୍ତରେ ଗଢି ଉଠିଥିବା ବିଷ ନାଶକ ପୁଷ୍ଟସାର) ବା ଆଣ୍ଟିବଡି କୁହାଯାଏ।

ଶରୀରରେ ଶ୍ୱେତରକ୍ତ କଣିକା ଯେତେବେଳ ଦୁର୍ବଳ ହୋଇପଡନ୍ତି ଏବଂ 'ଓଜ' ଦ୍ୱାରା ଯେତେବେଳେ ଆଣ୍ଟିଟକ୍ସିନ୍ ତିଆରି ହୋଇପାରେ ନାହିଁ ସେତେବେଳେ ମନୁଷ୍ୟ ଶରୀର ଭିତରକୁ ବାହ୍ୟ ଜୀବାଣୁ ବା ଭୂତାଣୁ ସହଜରେ ପ୍ରବେଶ କରି ବିଭିନ୍ନ ରୋଗ ସୃଷ୍ଟି କରିଥାନ୍ତି । ତେଣୁ ଆୟୁର୍ବେଦ ଶାସ୍ତ୍ରରେ 'ଓଜ' କ୍ଷୟ ହେଲେ ମନୁଷ୍ୟ ବିଭିନ୍ନ ଅସାଧ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡିଥାଏ । ତେଣୁ ଆୟୁର୍ବେଦ ଶାସ୍ତ୍ରରେ 'ଓଜ'କୁ ଶରୀରର ରୋଗପ୍ରତିରୋଧକ ଶକ୍ତି ଭାବେ ଗ୍ରହଣ କରାଯାଇଥିବା ବେଳେ ଆଧୁନିକ ଚିକିତ୍ସା ମତରେ ଏହାକୁ ଇମ୍ୟୁନିଟି ପାୱାର ବୋଲି କୁହାଯାଏ । ବର୍ତ୍ତମାନ ପରିସ୍ଥିତିରେ ବିଶ୍ୱରେ ତଥା ଭାରତ ବର୍ଷର କୋଣାନୁକୋଣରେ କରୋନା ଭୂତାଣୁର ଯେଉଁ ଭୟାବହତା ଦେଖାଦେଇଛି ତାହାକୁ ପ୍ରତିରୋଧ କରିବା ନିମନ୍ତେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ପାଇଁ ନିହାତି ଯତ୍ନବାନ ହେବାର ଆବଶ୍ୟକତା ରହିଛି।

-ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଚନ୍ଦାହାଣ୍ଡି,
ନବରଙ୍ଗପୁର, ମୋ: ୭୮୯୪୧୧୨୪୮୭

## ବ୍ୟାୟାମ କରିବା ପୂର୍ବରୁ...

ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ଆମେ ନିୟମିତ ବ୍ୟାୟାମ କରିବା ଦରକାର। ହେଲେ କେତେକେ ଏହାକୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରି ନ ଥାନ୍ତି । ଏବେ ଡାକ୍ତର ଔଷଧ ଖାଇବାକୁ ପରାମର୍ଶ ଦେବା ସହ ବ୍ୟାୟାମ, ଯୋଗ, ପ୍ରାଣାୟାମ କରିବାକୁ କହୁଛନ୍ତି। କାରଣ ନିଜକୁ ନୀରୋଗ ତଥା ସୁସ୍ଥ ରଖିବା ପଛରେ ଏଗୁଡିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହେଲେ ବ୍ୟାୟାମ କରିବା ପୂର୍ବରୁ କେତୋଟି ବିଷୟ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ପ୍ରଥମେ ଏହାପୂର୍ବରୁ ଆପଣ ଜଣେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ଭଲ ଭାବରେ ଆଲୋଚନା କରନ୍ତୁ। ବ୍ୟାୟାମ କରିବା ପୂର୍ବରୁ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇନେଲେ ତାହା ଆହୁରି ଭଲ। ଯଦି ଅସୁସ୍ଥ ଅଛନ୍ତି ତେବେ ସୁସ୍ଥ ହେବା ପରେ ହିଁ ବ୍ୟାୟାମ କରନ୍ତୁ। ହେଲେ ତା'ପୂର୍ବରୁ ଡାକ୍ତରଙ୍କ ସହ ନିଜର ଫିଟନେସ ବିଷୟରେ ପରାମର୍ଶ କରନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କଦାପି ଖାଲିପେଟରେ ବ୍ୟାୟାମ କରନ୍ତୁ ନାହିଁ। ଏହାପୂର୍ବରୁ ଅର୍ଥାତ୍, ବ୍ୟାୟାମ କରିବାର ୧୫-୨୦ମିନିଟ୍ ପୂର୍ବରୁ କିଛି ହାଲୁକା ଖାଦ୍ୟ ଖାଅନ୍ତୁ। ବ୍ୟାୟାମ ଶେଷ ହେବା ସାଙ୍ଗେ ସାଙ୍ଗେ ପାଣି ପିଅନ୍ତୁ ନାହିଁ। ପାଖାପାଖି ୧୦-୧୫ ମିନିଟ୍ ପରେ



ପାଣି ପିଇଲେ ଭଲ। ଯଦି ନିୟମିତ ବ୍ୟାୟାମ କରୁଛନ୍ତି ତେବେ ଦିନତମାମ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ଖାଦ୍ୟ ତାଲିକାରେ ସୁଷମ ତଥା ଭିଟାମିନ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ସବୁବେଳେ ନିର୍ମଳ ପରିବେଶରେ ବ୍ୟାୟାମ କରନ୍ତୁ।

## ଡାଇବେଟିସ୍ : କିଛି କଥା

■ୟୁନିଭର୍ସିଟି ଅଫ କାଲିଫର୍ନିଆର ବିଶେଷଜ୍ଞଙ୍କ ଦ୍ୱାରା ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ ଡାଇବେଟିସ୍‌ର ଲକ୍ଷଣ ପ୍ରକାଶ ପାଉଥିଲେ ମଧ୍ୟ ପ୍ରାୟ ଏକ ତୃତୀୟାଂଶ ଲୋକ ଏହି ରୋଗ ଦ୍ୱାରା ଆକ୍ରାନ୍ତ ବୋଲି ଜାଣିପାରି ନ ଥାନ୍ତି।



■ଜଣେ ବୟସ୍କ ବ୍ୟକ୍ତି ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ହେଲେ ତାଙ୍କର ଦୃଷ୍ଟିଶକ୍ତି ଏହାଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ରହିଛି। ତେଣୁ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସେ ଚକ୍ଷୁ ପରୀକ୍ଷା କରାଇ ନେବା ଦରକାର।

■ଜଣେ ସାଧାରଣ ବ୍ୟକ୍ତିଠାରୁ ଜଣେ ଡାଇବେଟିସ୍ ଆକ୍ରାନ୍ତ ବ୍ୟକ୍ତି ଦୁଇ ଗୁଣା ହୃଦ୍‌ରୋଗର ଶିକାର ହେବାର ଆଶଙ୍କା ରହିଛି।

■ୟୁନିଭର୍ସିଟି ଅଫ ଲଣ୍ଡନର ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ ଡାଇବେଟିସ ଆକ୍ରାନ୍ତ ରୋଗୀମାନଙ୍କ ମଧ୍ୟରୁ ପ୍ରାୟ ୪୪ ପ୍ରତିଶତଙ୍କଠାରେ କିଡନୀଜନିତ ସମସ୍ୟା ଦେଖାଦେବାର ଯଥେଷ୍ଟ ଆଶଙ୍କା ରହିଛି।

■ ଡାଇବେଟିସ୍ ରୋଗୀମାନଙ୍କ ମଧ୍ୟରୁ ପ୍ରାୟ ୯୦ ପ୍ରତିଶତ ବ୍ୟକ୍ତି ମେଦବହୁଳତାର ସମସ୍ୟା ସହ ଜଡିତ ଥାଆନ୍ତି।

■ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ହେଲେ ଏବଂ ଏହାର ଚିକିତ୍ସା ସଠିକ୍ ସମୟରେ କରା ନ ଗଲେ ସଂପୃକ୍ତ ବ୍ୟକ୍ତିଙ୍କ ବୟସ ୫-୧୦ବର୍ଷ କମିଯାଇଥାଏ।

■ପାଖାପାଖି ୬୦-୭୦ ପ୍ରତିଶତ ଡାଇବେଟିସ୍ ରୋଗୀଙ୍କର ସ୍ନାୟୁଜନିତ ସମସ୍ୟା ଥାଏ।

## ସ୍ୱାସ୍ଥ୍ୟ ସୂଚନା

➔ଘରେ ଯଦି କିଛି ଔଷଧ ରଖୁଛନ୍ତି ତେବେ ସେଗୁଡିକର ଏକ୍ସପାଏରି ଡେଟ୍ କେବେ ଅଛି ଚେକ କରିନିଅନ୍ତୁ।

➔କୌଣସି ମେଡିସିନ୍ ବିଷୟରେ ଯଦି ଆପଣ ସମ୍ପୂର୍ଣ୍ଣ ଭାବରେ ଜାଣିନାହାନ୍ତି ତେବେ ଅନ୍ୟମାନଙ୍କୁ ତାହା ଖାଇବାକୁ ପରାମର୍ଶ ଦିଅନ୍ତୁ ନାହିଁ।

➔ଯଦି କମ୍ପ୍ୟୁଟର ସାମନାରେ ବସି ଅଧିକାଂଶ ସମୟ କାମ କରୁଛନ୍ତି ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଆଖିକୁ ଟିକେ ବିଶ୍ରାମ ଦିଅନ୍ତୁ। ତା'ସହ ଯଦି କିଛି ଦୃଷ୍ଟି ଶକ୍ତିଜନିତ ସମସ୍ୟା ଦେଖାଦେଲା ତେବେ ବିଳମ୍ବ ନ କରି ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ।

➔ଯଦି ଆପଣ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ତେବେ ନିୟମିତ ସମୟ ଅନ୍ତରାଳରେ ଆପଣଙ୍କ ରକ୍ତରେ ସୁଗାର ପରିମାଣ କେତେ ରହୁଛି ତାହା ପରୀକ୍ଷା କରାଇନେବା ନିହାତି ଦରକାର।

➔ଚିକିତ୍ସା ବିଜ୍ଞାନରେ ଚିନ୍ତାର କାରଣ ସାଜିଥିବା ପ୍ରମୁଖ ରୋଗଗୁଡିକ ମଧ୍ୟରୁ ହୃଦ୍‌ରୋଗ ଅନ୍ୟତମ। ଡାଇବେଟିସ ଯଦି ଅସନ୍ତୁଳିତ ରହିଲା ତେବେ ତାହା ହୃଦରୋଗର କାରଣ ସାଜିଥାଏ। ତେବେ ଏହି ସମୟରେ ଆପଣଙ୍କ ହାର୍ଟ କିପରି କାର୍ଯ୍ୟ କରୁଛି ତାହା ଡାକ୍ତରଙ୍କ ସହ ପରାମର୍ଶ କରି ଜାଣି ନିଅନ୍ତୁ।



➔ଯଦି ଆପଣଙ୍କର ବ୍ଲଡ ପ୍ରେସର ରହିଛି ଏବଂ ଏ ନେଇ ମେଡିସିନ୍ ଖାଉଛନ୍ତି ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ବ୍ଲଡପ୍ରେସର କେତେ ରହୁଛି ତାହା ମାପି ନିଅନ୍ତୁ।

➔ଡାଇବେଟିସ୍‌ର ପ୍ରଭାବ କିଡନୀ ଉପରେ ପଡିଥାଏ। ଯଦି ଥରେ କିଡନୀ ସମସ୍ୟା ଦେଖାଦିଏ ତେବେ ତାହା ଭବିଷ୍ୟତରେ ଗୁରୁତର ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଏ ବିଷୟରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

## କାର୍ଯ୍ୟଦକ୍ଷତା ଓ ମାନସିକ ରୋଗ

ମାନସିକ ରୋଗ ଜଣେ ବ୍ୟକ୍ତିର କାର୍ଯ୍ୟଧାରାକୁ ଅଧିକ ମାତ୍ରାରେ ପ୍ରଭାବିତ କରିଥାଏ। କାରଣ ଏହାଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର ମାନସିକତା ପ୍ରଭାବିତ ହୋଇଥାଏ। ସେ ଅଧିକାଂଶ ସମୟରେ ନକାରାତ୍ମକ ମାନସିକତା ମଧ୍ୟରେ ରହିଥାଆନ୍ତି। ଏପରି ମତବ୍ୟକ୍ତ କରିଛନ୍ତି କାଲିଫର୍ନିଆ ୟୁନିଭର୍ସିଟିର ବିଶେଷଜ୍ଞମାନେ। 'କାର୍ଯ୍ୟଦକ୍ଷତା ଓ ମାନସିକ ରୋଗ' ଶୀର୍ଷକ ବିଷୟକୁ ନେଇ ଏହି ୟୁନିଭର୍ସିଟିର ବିଶେଷଜ୍ଞମାନେ କରିଥିବା ଏକ ସଦ୍ୟତମ ସର୍ଭେରୁ ଏକଥା ଜଣାପଡିଛି। ଏହି ସମୟରେ ସେମାନେ ମାନସିକ ରୋଗ ସହ ଜଡିତ କିଛି ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରିଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର କାର୍ଯ୍ୟଧାରା ଏହି ରୋଗ ଦ୍ୱାରା ପ୍ରଭାବିତ ହେଉଥିବାର ବିଶେଷଜ୍ଞମାନେ ଜାଣିବାକୁ ପାଇଥିଲେ।



ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ନଭେମ୍ବର ୨୩/୨୦୨୦ Sambalpur, Monday, November 23/ 2020

# ବେଙ୍ଗାଲୁରୁ-ଗୋଆ ମ୍ୟାଚ ଡ୍ର

**ଆଇଏସ୍ଏଲ୍**

**ମାର୍ଗାଓ, ୨୨।୧୧:** ଫତୋର୍ଦାର ଜବାହରଲାଲ ନେହେରୁ ଷ୍ଟାଡିୟମରେ ରବିବାର ବେଙ୍ଗାଲୁରୁ ଏଫସି ଓ ଗୋଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ୬୫ ମିନିଟ ପର୍ଯ୍ୟନ୍ତ ବେଙ୍ଗାଲୁରୁ ୨-୦ରେ ଅଗ୍ରଣୀ ରହିଥିଲେ ହେଁ ୨ ମିନିଟ ବ୍ୟବଧାନରେ ଇଗର ଆଙ୍ଗୁଲୋଙ୍କ ୨ ଗୋଲ ବଳରେ ଗୋଆ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଫଳରେ ଆଙ୍ଗୁଲୋଙ୍କୁ ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

ଗତ ସଂସ୍କରଣର ଦୁଇ ସେମିଫାଇନାଲିଷ୍ଟ ବେଙ୍ଗାଲୁରୁ ଓ ଗୋଆ ମଧ୍ୟରେ ଏଠାରେ ଅନୁଷ୍ଠିତ ମ୍ୟାଚ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମ୍ୟାଚର ୨୭ତମ ମିନିଟରେ କ୍ଲିଟନ ସିଲ୍‌ଭା ଗୋଲ ଦେଇ ବେଙ୍ଗାଲୁରୁକୁ ଅଗ୍ରଣୀ କରାଇଥିଲେ। ହେଡ୍ ଜରିଆରେ ଗୋଲ ଦେବାପରେ ଆକ୍ରୋବେଟିକ୍ ଷ୍ଟାଇଲ୍‌ରେ ସେଲିବ୍ରେଶନ କରିଥିଲେ କ୍ଲିଟନ। ପ୍ରଥମାର୍ଦ୍ଧରେ ବେଙ୍ଗାଲୁରୁ ୧-୦ରେ ଅଗ୍ରଣୀ ରହିବାପରେ ୫୭ତମ ମିନିଟରେ ଜୁଆନାନ୍ ଗୋଲ ଦେଇ ବେଙ୍ଗାଲୁରୁ ଅଗ୍ରଣୀକୁ ୨-୦ରେ ପହଞ୍ଚାଇଥିଲେ। ମାତ୍ର ଗତବର୍ଷ ପଏଣ୍ଟ ଟେବୁଲର ଶୀର୍ଷରେ ରହିଥିବା ଗୋଆ ସହଜରେ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲା। ବେଙ୍ଗାଲୁରୁ ଡିଫେନ୍ସରେ ତ୍ରୁଟିରୁ ଫାଇଦା ଉଠାଇ ସ୍ପାନିଶ୍ ଫରୱାର୍ଡ ଆଙ୍ଗୁଲୋ ୬୬ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଏହାର ୨ ମିନିଟ ପରେ ଅର୍ଥାତ୍ ୬୮ତମ ମିନିଟରେ ଆଙ୍ଗୁଲୋ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ମ୍ୟାଚକୁ ୨-୨ ସ୍ଥିତିକୁ ନେଇ ଆସିଥିଲେ। ଅବଶିଷ୍ଟ ୨୨ ମିନିଟ ମଧ୍ୟରେ ଆକ୍ରମଣ ପ୍ରତିଆକ୍ରମଣ ଜୋରଦାର ହୋଇଥିଲେ ହେଁ ଆଉ ଗୋଲ ହୋଇପାରି ନ ଥିଲା।



ଗୋଆ ଏଫସି ପକ୍ଷରୁ ଡବଲ୍ ଗୋଲ୍‌ସ୍କୋର କରିଥିବା ଇଗର ଆଙ୍ଗୁଲୋ (ବାମ) ଖୁସି ମୁହୂର୍ତ୍ତରେ।


# ଗାଲେ ଗ୍ଲାଡିଏଟର୍ସର ନେତୃତ୍ୱ ନେବେ ଆଫ୍ରିଦୀ

**କରାଚୀ, ୨୨।୧୧ (ପି.ଟି.)**

ଉଦ୍‌ଘାଟନୀ ଲଙ୍କାନ୍ ପ୍ରିମିୟର ଲିଗ୍ (ଏଲପିଏଲ୍) ଟି୨୦ ଟୁର୍ନାମେଣ୍ଟରେ ପାକିସ୍ତାନର ପୂର୍ବତନ ଅଲରାଉଣ୍ଡର ଶାହିଦ ଆଫ୍ରିଦୀ ଗାଲେ ଗ୍ଲାଡିଏଟର୍ସ ଫ୍ରାଞ୍ଚାଇଜ୍‌ର ଅଧିନାୟକତ୍ୱ କରିବେ। ଏହି ଇଭେଣ୍ଟ ନଭେମ୍ବର ୨୬ରୁ ଡିସେମ୍ବର ୧୬ପର୍ଯ୍ୟନ୍ତ ଶ୍ରୀଲଙ୍କାର ହାମ୍ବାନଟୋଟାଠାରେ ଖେଳାଯିବ। ସୂଚନାଯୋଗ୍ୟ, ପାକିସ୍ତାନୀ ବିଜନେସମ୍ୟାନ ନଦୀମ ଓମାର ହେଉଛନ୍ତି ଗାଲେ ଗ୍ଲାଡିଏଟର୍ସ ଟିମ୍‌ର ମାଲିକ। ଆଫ୍ରିଦୀଙ୍କୁ ଶନିବାର ଏହି ଦଳର ଅଧିନାୟକ ଭାବେ ମନୋନୀତ କରାଯାଇଛି। ନଦୀମ ଓମାର ଆହୁରି ମଧ୍ୟ ପାକିସ୍ତାନ ସୁପର ଲିଗ୍ (ପିଏସ୍ଏଲ୍)ରେ ଲୋକପ୍ରିୟ କ୍ୱେଟା ଗ୍ଲାଡିଏଟର୍ସ ଫ୍ରାଞ୍ଚାଇଜ୍‌ର ମାଲିକ। ଓମାର ପ୍ରଥମେ ସର୍ଫରାଜ ଅହମ୍ମଦଙ୍କୁ ଗାଲେ ଗ୍ଲାଡିଏଟର୍ସର ଅଧିନାୟକ କରିଥିଲେ। ମାତ୍ର ଏହି ଉଇକେଟକିପର ବ୍ୟାଟ୍ସମ୍ୟାନ ନ୍ୟୁଜିଲାଣ୍ଡ ଟୁର୍ ପାଇଁ ପାକିସ୍ତାନ ଦଳରେ ସ୍ଥାନ ପାଇଥିବାରୁ ସେ ତାଙ୍କ ନିଷ୍ପତ୍ତିରେ ପରିବର୍ତ୍ତନ କରିଥିଲେ। ଆଫ୍ରିଦୀ ହେଉଛନ୍ତି ଦଳର ସବୁଠାରୁ ବରିଷ୍ଠ ଖେଳାଳି। ଅଧିନାୟକ ହିସାବରେ ତାଙ୍କର ଅଭିଜ୍ଞତା ମଧ୍ୟ ରହିଛି। ତେଣୁ ସେ ବର୍ତ୍ତମାନ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ ବୋଲି ଓମାର କହିଛନ୍ତି। ଉଦ୍‌ଘାଟନୀ ଏଲପିଏଲ୍ କୋଭିଡ୍ ସମୟରେ ଅନୁଷ୍ଠିତ ହେଉଥିବାରୁ ଟୁର୍ନାମେଣ୍ଟ ଆରମ୍ଭ ପୂର୍ବରୁ ସମସ୍ୟା ଦେଖାଯାଇଛି। ବହୁ ଜଣାଶୁଣା ଅନ୍ତର୍ଜାତୀୟ ଖେଳାଳି ବିଭିନ୍ନ କାରଣରୁ ଇଭେଣ୍ଟରୁ ଓହରିଯାଇଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି କ୍ରିସ୍ ଗେଲ୍, ଫାଫ୍ ଡୁ'ପ୍ଲେସି, ଲିଆମ ପ୍ଲଙ୍କେଟ, ଡେଭିଡ୍ ମଲାନ, ଲସିଥ ମାଲିଙ୍ଗା, କମରାନ ଅକମଲ, ୱାହାବ ରିଆଜ୍, ମହମ୍ମଦ ହାଫିଜ୍ ଓ ସର୍ଫରାଜ।



ଶାହିଦ ଆଫ୍ରିଦୀ




# ଓଡ଼ିଶା ଏଫ୍‌ସିର ଅଭିଯାନ ଆଜିଠାରୁ





ଓଡ଼ିଶା ଏଫ୍‌ସି କୋଚ୍ ଷ୍ଟୁଆର୍ଟ ବକ୍ସଟରଙ୍କ ସହ ଅଧିନାୟକ ଷ୍ଟିଭେନ ଟେଲର। ଅଭ୍ୟାସ ଅବସରରେ ଓଡ଼ିଆ ଖେଳାଳି ଶୁଭମ ଷଡ଼ଙ୍ଗୀ।

**ଇଣ୍ଡିଆନ ସୁପରଲିଗ୍**

**ଭୁବନେଶ୍ୱର, ୨୨।୧୧(କ୍ରୀଡ଼ା ପ୍ରତିନିଧି)**

ଗୋଆରେ ଚାଲିଥିବା ଇଣ୍ଡିଆନ ସୁପରଲିଗ୍ (ଆଇଏସଏଲ)ର ୭ମ ସଂସ୍କରଣରେ ଏପର୍ଯ୍ୟନ୍ତ ୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିବାବେଳେ ଓଡ଼ିଶା ଏଫ୍‌ସିର ଅଭିଯାନ ସୋମବାର ଆରମ୍ଭ ହେବାକୁ ଯାଉଛି। ଭୁବନେଶ୍ୱର ଭିତ୍ତିକ ଏହି ଫ୍ରାଞ୍ଚାଇଜ୍ ଦଳର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେଉଛି ହାଇଦ୍ରାବାଦ ଏଫସି। ବାମ୍ବୋଲିମ୍‌ସ୍ଥିତ ଜିଏମ୍‌ସି ଷ୍ଟାଡିୟମରେ ଏହି ମ୍ୟାଚ ଖେଳାଯିବ। ଗତ ସିଜନରେ ହାଇଦ୍ରାବାଦ ଏଫସିର ପ୍ରଦର୍ଶନ ଅତ୍ୟନ୍ତ ଖରାପ ରହିଥିଲା। ଦଳ ଖେଳିଥିବା ୧୮ଟି ମ୍ୟାଚରୁ ମାତ୍ର ୨ଟିରେ ବିଜୟୀ ହୋଇଥିଲା। ୧୨ ମ୍ୟାଚ ହାରିଥିବାବେଳେ ୪ ଡ୍ର ରଖି ୧୦ ପଏଣ୍ଟ ସହ ଟେବୁଲର ସର୍ବନିମ୍ନ ୧୦ମ ସ୍ଥାନରେ ରହିଥିଲା। ଦଳ ୨୧ ଗୋଲ ଦେଇଥିବାବେଳେ ୩୯ ଗୋଲ ବରଣ କରିଥିଲା। ଓଡ଼ିଶା ଏଫସି ଆଗାମୀ ପ୍ରତିଦ୍ୱନ୍ଦ୍ୱୀ ଦଳ ଅପେକ୍ଷା ଉନ୍ନତ ପ୍ରଦର୍ଶନ କରିଥିଲେ ହେଁ ୨୫ ପଏଣ୍ଟ ସହିତ ୬ଷ୍ଠ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ଦଳ ୧୮ ମ୍ୟାଚରୁ ୭ଟିରେ ବିଜୟୀ ହୋଇଥିବାବେଳେ ସମାନ ସଂଖ୍ୟକ ମ୍ୟାଚରେ ପରାଜୟ ସ୍ୱାଦ ଚାଖିଥିଲା ଏବଂ ୪ ମ୍ୟାଚ ଡ୍ର ରଖିଥିଲା। ଦଳ ୨୮ ଗୋଲ ଦେଇଥିବାବେଳେ ୩୧ ଗୋଲ ବରଣ କରିଥିଲା। ହାଇଦ୍ରାବାଦ ବିପକ୍ଷରେ କିନ୍ତୁ ଓଡ଼ିଶା ଏଫସି ପଲା ଭାରି ରହିଛି। ଗତ ସଂସ୍କରଣରେ ଏହା ବିପକ୍ଷରେ ଦଳ ଖେଳିଥିବା ୨ଟି ଯାକ ମ୍ୟାଚରେ ବିଜୟୀ ହୋଇଥିଲା। ତେଣୁ ଏଥର ମଧ୍ୟ ସେହି ପ୍ରଦର୍ଶନର ପୁନରାବୃତ୍ତି ଲକ୍ଷ୍ୟରେ ରହିଛି। ଇଂଲଣ୍ଡର ଷ୍ଟିଭେନ ଟେଲର ଓଡ଼ିଶା ଦଳର ନେତୃତ୍ୱ ନେବେ। ହାଇଦ୍ରାବାଦ୍ ଦଳର ଅଧିନାୟକଙ୍କ ନାମ ଘୋଷଣା କରାଯାଇନାହିଁ। ରାତି ୭ଟା ୩୦ରେ ମ୍ୟାଚ ଆରମ୍ଭ ହେବ।

ତେବେ ଗତ ସଂସ୍କରଣ ଅତୀତ ହୋଇ ଯାଇଛି। ଏବେ ନୂଆ ଆରମ୍ଭ ହେବାକୁ ଯାଉଛି। ''ଗତଥର ଯାହା ହୋଇଥିଲା ତାହା କେବଳ ଏକ ସଂଖ୍ୟା ମାତ୍ର। ତାହା ଇତିହାସ ହୋଇ ଯାଇଛି ଏବଂ ଏହା କେବେହେଲେ କାହାକୁ ସାହାଯ୍ୟ କରି ପାରିବନାହିଁ। ଉଭୟ ଦଳରେ ଅନେକ ଖେଳାଳି ପରିବର୍ତ୍ତନ ହୋଇଛନ୍ତି। ତେଣୁ ଦୁଇଟି ନୂଆ ଦଳ ଆଗାମୀ ମ୍ୟାଚରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଆମେ ଏକ ନବଗଠିତ ହାଇଦ୍ରାବାଦ ଦଳକୁ ଭେଟିବାକୁ ଯାଉଛୁ'' ବୋଲି ଓଡ଼ିଶା ଏଫସି କୋଚ୍ ଷ୍ଟୁଆର୍ଟ ବକ୍ସଟର ପ୍ରକାଶ କରିଛନ୍ତି। ଆକ୍ରମଣାତ୍ମକ ବିଭାଗରେ ବକ୍ସଟରଙ୍କ ନିକଟରେ ଆକର୍ଷଣୀୟ ବିକଳ୍ପ ରହିଛି। ବ୍ରାଜିଲିଆନ ଷ୍ଟ୍ରାଇକର ଡିଏଗୋ ମୌରିସିଓ ଓ ମାର୍ସେଲିନୋ ଖେଳର ମୋଡ଼ ପରିବର୍ତ୍ତନ କରିବା ଦକ୍ଷତା ରଖିଛନ୍ତି। ମାତ୍ର କୌଣସି ଖେଳାଳିଙ୍କ ବ୍ୟକ୍ତିଗତ ପ୍ରଦର୍ଶନଠାରୁ ଊର୍ଦ୍ଧ୍ୱରେ କିଛି ମ୍ୟାଜିକ୍ କ୍ଷଣ ସୃଷ୍ଟି ଲକ୍ଷ୍ୟରେ ଗେମ୍‌ପ୍ଲାନ୍ ପ୍ରସ୍ତୁତ କରାଯାଇଛି। କୌଣସି ନିର୍ଦ୍ଦିଷ୍ଟ ଖେଳାଳିଙ୍କୁ ଭରସା କଲେ ରିସ୍କ ରହିବ। ତେଣୁ କାହା ଉପରେ ଏତେଟା ନିର୍ଭର ନ କରି ଦଳଗତଭାବେ ଖେଳିଲେ ହିଁ ସଫଳତା ମିଳିବ ବୋଲି ବକ୍ସଟର କହିଛନ୍ତି। ଗତ ସଂସ୍କରଣରେ ହାଇଦ୍ରାବାଦ ଏଫସି ଖେଳିଥିବା ପ୍ରଥମ ୫ ମ୍ୟାଚରୁ ୪ଟିରେ ପରାଜିତ ହୋଇ ମନୋବଳ ହରାଇଥିଲା। ମାତ୍ର ସେହି ପ୍ରଦର୍ଶନକୁ ଭୁଲି ଏକ ନୂଆ ଆରମ୍ଭ ଲକ୍ଷ୍ୟରେ ଅଛନ୍ତି ହାଇଦ୍ରାବାଦ୍ ଏଫସିର ନବନିଯୁକ୍ତ କୋଚ୍ ମାନୁଏଲ ମର୍କ୍ୱିଜ ରୋକା। ତାଙ୍କ ମତରେ ପ୍ରଥମ ଗେମ୍‌ରେ ବିଜୟୀ ହେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସ୍ପେନର ରୋକା ତାଙ୍କ ଦଳରେ ଯୁବ ଖେଳାଳିଙ୍କୁ ଅଧିକ ସୁଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ରୋହିତ ଦାନୁ, ଲିଷ୍ଟନ କୋଲାକୋ ଓ ଆକାଶ ମିଶ୍ର ଅଧିକ ପ୍ରତିଭାସମ୍ପନ୍ନ। ଟୁର୍ନାମେଣ୍ଟ ଆଗେଇବା ସହ ଏମାନଙ୍କ ପ୍ରଦର୍ଶନରେ ଉନ୍ନତି ଆସିବ ଏବଂ ଏମାନେ ଭବିଷ୍ୟତରେ ହାଇଦ୍ରାବାଦ ପାଇଁ ସମ୍ପତ୍ତି ସଦୃଶ ହେବେ ବୋଲି ରୋକା ଆଶାପ୍ରକାଶ କରିଛନ୍ତି। ଆଗାମୀ ମ୍ୟାଚରେ ଓଡ଼ିଶା ଏଫସି ଡିଫେଣ୍ଡର ଜ୍ୟାକବ ଟ୍ରାଟ ଓ ଜେରୀ ମାୱିମିଙ୍ଗଥାଙ୍ଗା ଏବଂ ହାଇଦ୍ରାବାଦ ଫ୍ରାନ୍ସିସ୍କୋ ସାଣ୍ଡାଜା ଉପଲବ୍ଧ ହେବେନାହିଁ।

# ବିଶିଷ୍ଟ କ୍ୟୁ ସ୍ପୋର୍ଟ୍ସ ଖେଳାଳି ଏହସାନ୍‌ଙ୍କ ପରଲୋକ

**ଭୁବନେଶ୍ୱର,୨୨।୧୧(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶାର ବିଶିଷ୍ଟ କ୍ୟୁ ସ୍ପୋର୍ଟ୍ସ ଖେଳାଳି ଏହସାନ ଉଲ୍ ହକ୍‌ଙ୍କର ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୫୫ବର୍ଷ ବୟସ ହୋଇଥିଲା। ସେ ଗତ କିଛିଦିନ ହେଲା ଅସୁସ୍ଥ ଥିଲେ ଏବଂ ସ୍ଥାନୀୟ ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ହକ୍ ଭାଇ ନାମରେ ପରିଚିତ ଥିଲେ। ସେ ଓଡ଼ିଶାର ପ୍ରଥମ କ୍ୟୁଇଷ୍ଟ ଥିଲେ ଯିଏକି ଜଣେ ଟପ୍ କ୍ୟୁଇଷ୍ଟ ଭାବେ ଫୁଲ୍ ଟାଇମ୍ କ୍ୟାରିୟର କରି ଉଦାହରଣ ସୃଷ୍ଟି କରିଥିଲେ। ସେ ଓଡ଼ିଶାରେ ଅନେକ ଖେଳାଳି ସୃଷ୍ଟି କରିଛନ୍ତି। ହକ୍‌ଙ୍କ ଜନ୍ମସ୍ଥାନ ଯଦିଓ ପଶ୍ଚିମବଙ୍ଗରେ ସେ ଭୁବନେଶ୍ୱରରେ ବାସ କରିଆସୁଥିଲେ। ପୂର୍ବତନ ଜାତୀୟ ଟପ୍ ୧୬ ଖେଳାଳି ୯ଥର ରାଜ୍ୟ ସ୍ନୁକର ଏବଂ ୧୦ଥର ରାଜ୍ୟ ବିଲିୟାର୍ଡ୍ସ ଚାମ୍ପିୟନ ହୋଇଥିଲେ। ହକ୍‌ଙ୍କୁ ନାଲ୍‌କୋ ଓଡ଼ିଶାରେ ଫୁଲ୍ ଟାଇମ୍ ପେରୋଲ୍ କ୍ୟାରିୟର ସୁଯୋଗ ମିଳିଥିଲା। ହକ୍‌ଙ୍କ ବିୟୋଗରେ ଗୋବିନ୍ଦ ଶର୍ମାଙ୍କ ସମେତ ଓଡ଼ିଶା କ୍ୟୁସ୍ପୋର୍ଟ୍ସ ସମୁଦାୟ ଏବଂ ବିଲିୟାର୍ଡ୍ସ ଓ ଓଡ଼ିଶା ସ୍ନୁକର ଆସୋସିଏଶନ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ପଶ୍ଚିମବଙ୍ଗସ୍ଥିତ ତାଙ୍କ ଜନ୍ମସ୍ଥାନରେ ସମ୍ପନ୍ନ ହୋଇଛି।



ଏହସାନ ଉଲ୍ ହକ




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ